
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୫ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 FEBRUARY 2021
Vol.No. 32 ■ No. 53 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦେଶରେ ବଢୁଛି କରୋନା ସଂକ୍ରମଣ

## ଚିନ୍ତା ବଢାଇଲେଣି ୧୦ ରାଜ୍ୟ : ୫ ରାଜ୍ୟରୁ ଦିଲ୍ଲୀ ଆସୁଥିଲେ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୪।୦୨ (ନି.ପ୍ର): ଦେଶରେ ଚିନ୍ତା ବଢାଇଲାଣି କରୋନାର ଦ୍ୱିତୀୟ ଲହର । ପ୍ରାୟ ୧୬ଟି ରାଜ୍ୟରେ କରୋନାର ଏହି ଲହର ଦେଖାଦେଇଥିବା ବେଳେ, ୫ ରାଜ୍ୟରେ ସବୁଠାରୁ ଅଧିକ ହୋଇଛି ସଂକ୍ରମଣ । ମହାରାଷ୍ଟ୍ର, କେରଳ, ଛତିଶଗଡ, ମଧ୍ୟପ୍ରଦେଶ ଓ ପଂଜାବରେ ସଂକ୍ରମଣ ହାର ସବୁଠାରୁ ଦ୍ରୁତ ରହିଛି । ଏପରି ସ୍ଥିତିକୁ ଦେଖି ଦିଲ୍ଲୀ ସରକାର ଜାରି କରିଛନ୍ତି କଡା କଟକଣା । ଯେଉଁମାନେ ଅଧିକ ସଂକ୍ରମିତ ରାଜ୍ୟରୁ ଆସୁଛନ୍ତି , ସେମାନଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି କୋଭିଡ୍ ନେଗେଟିଭ୍ ରିପୋର୍ଟ। ଦିଲ୍ଲୀ ସରକାର ଏବେ ୫ ରାଜ୍ୟରୁ ଦିଲ୍ଲୀ ଆସୁଥିଲେ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରିଛନ୍ତି । ଏହି ୫ ରାଜ୍ୟ ହେଉଛି



ମହାରାଷ୍ଟ୍ର, କେରଳ, ଛତିଶଗଡ, ମଧ୍ୟପ୍ରଦେଶ , ପଂଜାବ । ଏହି ସବୁ ରାଜ୍ୟରେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୮୬ ପ୍ରତିଶତ ସଂକ୍ରମଣ ବଢିଥିବା ଦେଖିବାକୁ ମିଳିଛି । ସେଥିପାଇଁ ଏହି ୫ ରାଜ୍ୟରୁ ଦେଶର ରାଜଧାନୀ ଦିଲ୍ଲୀକୁ ଆସୁଥିବା ସମସ୍ତ ଲୋକଙ୍କ ପାଇଁ ଏପରି କଟକଣା ଜାରି କରିଛନ୍ତି ଦିଲ୍ଲୀ ସରକାର । ଫେବ୍ରୁଆରୀ ୨୬ ତାରିଖ ମଧ୍ୟରାତ୍ରିରୁ ମାର୍ଚ୍ଚ ୧୫ ତାରିଖ ଯାଏଁ ଜାରି ରହିବ ଏ କଟକଣା । ଗତ କିଛି ସପ୍ତାହରେ ମହାରାଷ୍ଟ୍ର ଏବଂ କେରଳରେ ବଢିଥିବା ସଂକ୍ରମଣ କାରଣରୁ ଦେଶରେ ଅଧିକ ବଢିଛି ଆକ୍ଟିଭ୍ ମାମଲା । କେବଳ ଏହି ଦୁଇ ରାଜ୍ୟର ସଂକ୍ରମଣ , ବର୍ତ୍ତମାନ ଦେଶର ମୋଟ୍ ସଂକ୍ରମଣର ୭୫ ପ୍ରତିଶତ ହେବ ବୋଲି ରିପୋର୍ଟ କହୁଛି । ଏପରି ସ୍ଥିତିକୁ ନେଇ ଅଧିକ ସଜାଗ ହେଲେଣି ଅନ୍ୟ ରାଜ୍ୟ ଗୁଡିକ... ଦିଲ୍ଲୀ ପରି କର୍ଣ୍ଣାଟକ ସରକାରଙ୍କ ପଦକ୍ଷେପ, କର୍ଣ୍ଣାଟକକୁ ଯିବା ଆସିବା ପାଇଁ ଆବଶ୍ୟକ କୋଭିଡ୍ ନେଗେଟିଭ୍ ରିପୋର୍ଟ, ବସ, ଟ୍ରେନ୍ ଓ ରେଳ ଯାତ୍ରୀଙ୍କ ପାଇଁ ଆବଶ୍ୟକ ନେଗେଟିଭ୍ ରିପୋର୍ଟ, ଯାତ୍ରୀଙ୍କ ପାଇଁ ମହାରାଷ୍ଟ୍ର ସରକାରଙ୍କ କଟକଣା, କେରଳ, ଗୋଆ, ଗୁଜରାଟ, ଦିଲ୍ଲୀ-ଏନସିଆର, ରାଜସ୍ଥାନରୁ ଆସୁଥିବା ଯାତ୍ରୀଙ୍କୁ ଦେଖାଇବାକୁ ହେବ ଆରଟିପିସିଆର ଟେଷ୍ଟର ନେଗେଟିଭ୍ ରିପୋର୍ଟ,

▶▶ପୃଷ୍ଠା ୭

# ମାର୍ଚ୍ଚ ୧ରୁ ବୟସ୍କଙ୍କୁ ଦିଆଯିବ କରୋନା ଟିକା

## ଜିଲ୍ଲାପାଳମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍ ଜାରି

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧ ତାରିଖରୁ ବୟସ୍କମାନଙ୍କୁ କୋଭିଡ୍ ଟୀକା ଦିଆଯିବ। ଏହି ଟୀକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲଟି କମିଶନରମାନଙ୍କୁ ଗାଇଡ୍ ଲାଇନ୍ ପଠାଇଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ଫେବୃଆରୀ ୨୮ ସୁଦ୍ଧା ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗାଇଡ୍ ଲାଇନ୍ ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ତଥା ଗୁରୁତର ରୋଗରେ ପୀଡିତ ବ୍ୟକ୍ତିଙ୍କୁ ଟୀକା ଦିଆଯିବ। ରବିବାରକୁ ବାଦ୍ ଦେଇ ସପ୍ତାହରେ ୫ ଦିନ ଟୀକାକରଣ ହେବ। ଅତିରିକ୍ତ ଟୀକାକର୍ମୀ ଓ ଯାଂଚକାରୀଙ୍କୁ ଚିହ୍ନଟ କରି




ଟୀକାକରଣ ପାଇଁ ତାଲିମ୍ ଦିଆଯିବ। ପ୍ରତି ବ୍ଲକ୍ ବା ସହରାଂଚଳରେ ୬/୭ଟି ଟୀକା ଟିମ୍ ନିୟୋଜିତ ହେବେ। ଟୀକାଦାନ ପାଇଁ ସମସ୍ତ ପିଏଚସି / ୟୁପିଏଚସି ଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ଚିହ୍ନଟ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ସେହିପରି ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଏଏନଏମ୍ ମାନେ ଟୀକାକରଣରେ ନିୟୋଜିତ ହୋଇପାରିବେ ନାହିଁ। ବ୍ଲକ୍ ସ୍ତରରେ ଟୀକାକରଣ ପାଇଁ ପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଟୀକାଦାନ ସ୍ଥଳରେ ଲାପଟପ୍ କିମ୍ବା କମ୍ପ୍ୟୁଟର ଉପଲବ୍ଧ କରିବାକୁ କୁହାଯାଇଛି, ଯାହାଦ୍ୱାରା

▶▶ପୃଷ୍ଠା ୭

# କମିଶନରେଟ ପୋଲିସ ଅଧିକାରୀ କ୍ଷମା ମାଗନ୍ତୁ : ପ୍ରଦୀପ୍ତ ନାଏକ

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଅଂଜନା ମିଶ୍ର ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କମିଶନରେଟ ପୋଲିସ ଅଧିକାରୀ ' ସିବିଆଇ ପାରିଲା ନାହିଁ, ଆମେ ପାରିଲୁ' ବୋଲି କହି ସର୍ଭିସ ରୁଲର ଉଲ୍ଲଂଘନ କରିଛନ୍ତି । ଜଣେ ସରକାରୀ ଅଧିକାରୀ ଏପରି କହିବା ଉଚିତ ନ ଥିଲା । ତେଣୁ ସେ ଏହି ମାମଲାକୁ ନେଇ କ୍ଷମାପ୍ରାର୍ଥନା କରନ୍ତୁ । ଏ ସମ୍ପର୍କରେ ତାଙ୍କୁ ତାଗିଦ କରା ଯାଉ । ଫଳରେ ଭବିଷ୍ୟତରେ ଏହାର ପୁନରାବୃତି ହେବ ନାହିଁ। ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉତଥାପନ କରି ଏହି ଦାବି କରିଛନ୍ତି । ସେ କହିଛନ୍ତି ଯେ ଯଦି ରାଜ୍ୟ ପୋଲିସକୁ ବାହା ବାହା ନେବାର ଥିଲା ତେବେ ବିଧାନସଭାରେ ଗୃହ ମନ୍ତ୍ରୀ ଏହି କଥା କହି ପାରିଥାନ୍ତେ । ହେଲେ ଜଣେ ସରକାରୀ ଅଧିକାରୀ କେନ୍ଦ୍ର ସରକାରଙ୍କ ସଂସ୍ଥା ପାରିଲା ନାହିଁ, ଆମେ ପାରିଲୁ ବୋଲି କହିବା ଠିକ ନୁହେଁ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ସେ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ ।

# ବହୁମୁଖୀ ସୁଇଚିଂ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟୱାର୍କିଂ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ୍ ମୋଡ୍ ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ଏକ ବହୁମୁଖୀ ସୁଇଚିଂ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟୱାର୍କିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇଂଟରନେଟ୍ ସଂଯୋଗ ନଥିବା ବିଭାଗର ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକ ସହିତ ଆଭ୍ୟନ୍ତରୀଣ ଯୋଗାଯୋଗ ରକ୍ଷା କରିବାରେ ଏହି ନେଟୱାର୍କିଂ ବ୍ୟବସ୍ଥା ସହାୟକ ହେବ। ମୁଖ୍ୟମନ୍ତ୍ରୀ ବ୍ୟାପକ ବୈଷୟିକ ପ୍ରୟୋଗର ଶୁଭାରମ୍ଭ କରି ଫଳପ୍ରଦ ରୂପାନ୍ତରଣ ଆଣି ସରକାରଙ୍କ ୫-




'ଟି' ସଶକ୍ତ କରିବାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦ୍ୟମ ନିମନ୍ତେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଏହି ନେଟୱାର୍କ କ୍ଷେତ୍ରୀୟ ସ୍ତରରେ ଅନ୍‌ଲାଇନ୍ ୱେବ୍ ଭିତିକ ପ୍ରୟୋଗକୁ ଉପଯୋଗ କରିବାରେ ସମର୍ଥ ହେବ ଏବଂ ସ୍ୱଚ୍ଛତା, ଫଳପ୍ରଦ ତଦାରଖ ବ୍ୟବସ୍ଥା ଏବଂ ସମସ୍ୟା ସମାଧାନ ଇତ୍ୟାଦିରେ ବିଭାଗର ୫-'ଟି' ଅଭିଯାନକୁ ସଂପ୍ରସାରିତ କରିବ । ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଟେଣ୍ଡରିଂ, ରକ୍ଷଣାବେକ୍ଷଣ ପରିଚାଳନା, ବିଭିନ୍ନ କାର୍ଯ୍ୟ ଓ କାଗଜାତ ପରିଚାଳନା, ଆର୍ଥିକ ପରିଚାଳନା, ଅଭିଯୋଗ ସମାଧାନ ଏବଂ ଅନ୍ୟ ଅନେକ ସେବା ସମେତ ବିଭିନ୍ନ ସେବା

▶▶ପୃଷ୍ଠା ୭

# ଆଇଆଇଏମ୍‌ର ୭୪ତମ ବାର୍ଷିକ ବୈଷୟିକ ବୈଠକ

## ଇସ୍ପାତ୍ ଉତ୍ପାଦନରେ ପିଏଲ୍‌ଆଇ ଯୋଜନାର ଲାଭ ଉଠାନ୍ତୁ ଶିଳ୍ପସମୂହ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୦୨ (ନି.ପ୍ର): ବିଶେଷ ଭାବରେ ଇସ୍ପାତ୍ କ୍ଷେତ୍ର ପାଇଁ ଉତ୍ପାଦନ ଭିତିକ ପ୍ରୋତ୍ସାହନ ଯୋଜନା(ପିଏଲଆଇ) ଭାରତ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ବେଳେ ସ୍ୱଦେଶୀ ଉତ୍ପାଦନ ବୃଦ୍ଧି ପାଇଁ ଅଣାଯାଇଥିବା ଏହି ପ୍ରମୁଖ ସଂସ୍କାରର ସମ୍ପୂର୍ଣ୍ଣ ଲାଭ ଉଠାଇବାକୁ ଶିଳ୍ପ ସମୂହଙ୍କୁ ନିମନ୍ତ୍ରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଦେଶରେ ଏକ ନୂତନ ବେନିର୍ମାଣ ପରିସଂସ୍ଥାନର ବିକାଶ କରିବାକୁ ସେ ଆହ୍ୱାନ କରିଛନ୍ତି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ(ଆଇଆଇଏମ୍)ର ୭୪ତମ ବାର୍ଷିକ ବୈଷୟିକ ବୈଠକରେ ଭିଡିଓ କନଫରେନ୍ସିଂ




ଜରିଆରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଧାତବ ପଦାର୍ଥ ଏବଂ ଖଣି କ୍ଷେତ୍ର ଆତ୍ମନିର୍ଭର ଭାରତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଅଭିବୃଦ୍ଧିର କ୍ଷେତ୍ର ଧାତବ ପଦାର୍ଥ ଏବଂ ଖଣିର ଅପାର କ୍ଷମତା ରହିଥିବା ବେଳେ ଏହା ଅର୍ଥନୀତିକୁ ମଧ୍ୟ ବିକାଶ କରିବାରେ ସହାୟକ ହେବ। ଆତ୍ମନିର୍ଭର ଭାରତ ଏକ ବୃହତ ପରିକଳ୍ପନା ସହ ସଦୃଢ଼ ଭାରତ ନିର୍ମାଣ କରିବାର ଲକ୍ଷ୍ୟ ରଖିଥିବା ବେଳେ ଏହା କେବଳ ଦେଶବାସୀଙ୍କ

▶▶ପୃଷ୍ଠା ୭

# ଭୁବନେଶ୍ୱର ବିମାନବନ୍ଦରରେ ବିଏମ୍‌ସି କରିବ ଟେଷ୍ଟିଂ କେନ୍ଦ୍ର

ଭୁବନେଶ୍ୱର,୨୪।୦୨ (ନି.ପ୍ର): କରୋନା ସଂକ୍ରମଣ ମାମଲା ବିଭିନ୍ନ ରାଜ୍ୟରେ ବଢୁଥିବାରୁ ବିଏମସି ଏହାକୁ ନେଇ ସଜାଗ ରହିଛି । ତେଣୁ ଭୁବନେଶ୍ୱର ବିମାନବନ୍ଦରରେ ଏକ ଟେଷ୍ଟିଂ କେନ୍ଦ୍ର ବିଏମସି କରିବ । ଏଠାରେ ଯାତ୍ରୀଙ୍କର ସ୍କ୍ରିନିଂ କରାଯିବ, ମାତ୍ର କରୋନା ଟେଷ୍ଟିଂ ବାଧ୍ୟତାମୂଳକ ନୁହେଁ। ସ୍କ୍ରିନିଂ ସମୟରେ ଯଦି କିଛି ଲକ୍ଷଣ ଦେଖାଯାଏ, ତେବେ ସେମାନଙ୍କର ଟେଷ୍ଟିଂ ବାଧ୍ୟତାମୂଳକ କରାଯିବ ବୋଲି ଜଣା ପଡିଛି । ବିଏମସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପଜିଟିଭ ସଂଖ୍ୟାରେ ବିଶେଷ ବୃଦ୍ଧି ହୋଇନାହିଁ ସେମିତି କିଛି ଅସ୍ଥିରତା ଦେଖାଯାଇନାହିଁ। ଏବେ ସତର୍କତା ପଦକ୍ଷେପ ନିଆଯାଉଛି, ଏନଫୋର୍ସମେଂଟ କାର୍ଯ୍ୟକ୍ରମକୁ ବୃଦ୍ଧି କରାଯାଇଛି ଏବଂ ଆକ୍ରାନ୍ତମାନଙ୍କର ପୂର୍ବଭଳି କଂଟାକ୍ଟ ଟ୍ରେସିଙ୍ଗ, ଡିଟେଲ କଂଟାକ୍ଟ ଟ୍ରେସିଙ୍ଗ କାଲିଠାରୁ କରାଯାଉଛି। ଟେଷ୍ଟିଂ ସଂଖ୍ୟା ବଢ଼ାଇବା ପାଇଁ ଚେଷ୍ଟା ଜାରି ରହିଛି, ଯେଉଁ ଅଂଚଳରୁ ଅଧିକ ପଜିଟିଭ ବାହାରୁଛନ୍ତି ସେ ଅଂଚଳରେ ଅଧିକ ସଂଖ୍ୟାରେ ଟେଷ୍ଟିଂ କରିବାକୁ ଚେଷ୍ଟା ଚାଲିଛି। ଆମେ ସବୁ ଉପରେ ନଜର ରଖିଛୁ, ପୂର୍ବ ପରି ଆମର ବିଭିନ୍ନ କେନ୍ଦ୍ରରେ ଟେଷ୍ଟିଂ ଜାରି ରହିଥିବା ସେ କହିଛନ୍ତି ।

# ମାର୍ଚ୍ଚ ୧ରୁ ଅନଲାଇନ୍‌ରେ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢା

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧ ତାରିଖଠାରୁ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ୍‌ରେ ପାଠପଢ଼ା ଆରମ୍ଭ ହେବ। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିଶ୍ୱବିଦ୍ୟାଳୟ କୁଳପତି ଓ ସରକାରୀ ଏବଂ ଘରୋଇ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ ସ୍ନାତକ ଓ ସ୍ନାତକୋତର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ୨୦୨୧



ଜାନୁଆରି ୧୧ ତାରିଖ ଠାରୁ ଅଫ୍‌ଲାଇନ୍‌ରେ ପାଠପଢ଼ା ଆରମ୍ଭ ହୋଇଯାଇଛି। ସେହିପରି ୨୦୨୧ ଫେବ୍ରୁଆରି ୧୦ ତାରିଖ ଠାରୁ ସ୍ନାତକୋତର ପ୍ରଥମ ବର୍ଷ ଏବଂ ତିନି ବର୍ଷୀୟ ସ୍ନାତକ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ସହ ୪ ବର୍ଷୀୟ ସ୍ନାତକ ପାଠ୍ୟକ୍ରମର ତୃତୀୟ ବର୍ଷର ପିଲାଙ୍କ ପାଠପଢ଼ା ଅଫ୍‌ଲାଇନ୍ ମାଧ୍ୟମରେ ଆରମ୍ଭ ହୋଇଯାଇଛି।

# ୯ ସହରର ତାପମାତ୍ରା ୩୫ ଡିଗ୍ରୀ ପାର୍

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଶୀତ ସରୁ ସରୁ ଆରମ୍ଭ ହୋଇଯାଇଛି ପ୍ରବଳ ଖରା। ଫେବୃଆରୀ ଶେଷ ନହଉଣୁ ପାରଦ ୪୦ ଡିଗ୍ରୀ ସେଲ୍ସିୟସ ଆଡ଼କୁ ମୁହାଁଇଲାଣି। ବୁଧବାର ଦିନ ୯ଟି ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି। ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱର କ୍ରମାଗତ ଭାବେ ଦ୍ୱିତୀୟ ଦିନରେ ସବୁଠାରୁ ଉତପ୍ତ ସହର ପାଲଟିଛି। ଆଜି ଭୁବନେଶ୍ୱରର ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଗତକାଲି ରାଜଧାନୀରେ ତାପମାତ୍ରା ଥିଲା ୩୭. ୧ ଡିଗ୍ରୀ ସେଲସିୟସ। ଆଗରୁ ମଧ ଫେବୃଆରୀରେ ରାଜଧାନୀର ପାରଦ ୪୦ ଡିଗ୍ରୀ ପାର୍ କରିଥିଲା । ୧୯୬୩ ଫେବୃଆରୀ ୨୩ ତାରିଖରେ ଭୁବନେଶ୍ୱରର ପାରଦ ୪୨.୭ ଡିଗ୍ରୀ ସେଲସିଅସ୍ ରହିଥିବା ବେଳେ ୨୦୧୨ ରେ ୪୦.୧, ୨୦୧୬ ରେ ୪୦ . ୯, ୨୦୧୯ ରେ ୩୯.୪ ଡିଗ୍ରୀ ରହିଥିଲା । ଆଂଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବୁଧବାର ଭୁବନେଶ୍ୱରରେ ସର୍ବାଧିକ ୩୮.୦ ଡିଗ୍ରୀ , ବାରିପଦା ୩୬.୮, କଟକ ୩୬.୬, ନୟାଗଡ ୩୬.୫, ବଲାଙ୍ଗୀର ୩୬.୪, ଅନୁଗୁଳ ଠାରେ ୩୫.୭, ତାଳଚେର ୩୫.୫, ଭବାନୀପାଟଣା ୩୫.୫ ଏବଂ ସମ୍ବଲପୁରରେ ୩୫.୩ଡ଼ିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି।

# ପ୍ରଦୀପ ପାଣିଗ୍ରାହୀଙ୍କୁ ମିଳିଲା ଜାମିନ୍

ଭୁବନେଶ୍ୱର,୨୪।୦୨ (ନି.ପ୍ର): ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ୍ ମିଳିଛି। ଚାକିରି ଦେବା ନାଁରେ ଟଙ୍କା ସଂଗ୍ରହ କରିବା ଅଭିଯୋଗରେ ଜେଲ୍ ରେ ଥିବା ବେଳେ କ୍ରାଇମ୍‌ବ୍ରାଂଚ୍ ପକ୍ଷରୁ ହୋଇଥିବା ମାମଲାରେ ପ୍ରଦୀପଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି ହାଇକୋର୍ଟ। ୨୪ ଲକ୍ଷ ଟଙ୍କାର କ୍ୟାସ ସିକ୍ୟୁରିଟି ଓ ୫ ଲକ୍ଷ ଟଙ୍କା ଲେଖାଏଁ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଦିଆଯାଇଛି ଜାମିନ। ତେବେ ତାଙ୍କ ବିରୋଧରେ ଥିବା ଅନ୍ୟ ମାମଲାରେ ଜାମିନ ମିଳି ନଥିବାରୁ ସେ ଏବେ ଝାରପଡ଼ା ଜେଲ୍ ରେ ରହିବେ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଦୀପଙ୍କୁ ଗତବର୍ଷ ଡିସେମ୍ବର ୩ ତାରିଖରେ କ୍ରାଇମବ୍ରାଂଚ ଗିରଫ କରିଥିଲା । ତାଙ୍କ ବିରୋଧରେ ଦଫା ୪୧୯, ୪୨୦, ୪୬୭, ୪୬୮, ୪୬୯, ୪୭୧, ୧୨୦ ବି, ଆଇଟି ଆକ୍ଟ ୨୦୦୦ର ଦଫା ୬୬ସି ଓ ଡିରେ ମାମଲା ରୁଜୁ ହୋଇଛି। ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ଭାବୀ ଜ୍ୱାଇଁ ଆକାଶ ପାଠକଙ୍କ ପାଇଁ ସେ ଟଙ୍କା ଆଦାୟ କରୁଥିଲେ ବୋଲି ଅଭିଯୋଗ ରହିଛି। ଏହା ସହିତ ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର, ସାଇବର ଅପରାଧରେ ପ୍ରଦୀପଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଂଚ।

# ଆନ୍ଦୋଳନକାରୀ ଚାଷୀଙ୍କୁ ହଟାଇବା ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟଙ୍କ ଶୁଣାଣି ସ୍ଥଗିତ

ନୂଆଦିଲ୍ଲୀ,୨୪।୦୨ (ନି.ପ୍ର): ଦିଲ୍ଲୀ ସୀମାରେ ଆନ୍ଦୋଳନକାରୀ ଚାଷୀଙ୍କୁ ହଟାଇବା ଏବଂ ପର୍ଯ୍ୟାପ୍ତ ସଂଖ୍ୟକ ସାମରିକ ବାହିନୀ ନିୟୋଜନ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ଶୁଣାଣି ସ୍ଥଗିତ ରଖିଛନ୍ତି। ପ୍ରଧାନ ବିଚାରପତି ଡି. ଏନ୍ ପଟେଲଙ୍କ ନେତୃତ୍ୱରେ ଗଠିତ ବେଂଚ ଆବେଦନକାରୀଙ୍କୁ ପଚାରିଛି ଯେ, ସୁପ୍ରିମକୋର୍ଟରେ ଏପରି କୌଣସି ଆବେଦନ ବିଚାରଧୀନ ଅଛି କି ? ମାମଲାର ପରବର୍ତ୍ତୀ ଶୁଣାଣୀ ୨୬ ମାର୍ଚ୍ଚରେ ହେବ । ଗତ ଜାନୁଆରୀ ୨୬ରେ କୃଷକ ଟ୍ରାକ୍ଟର ରାଲିରେ ଦିଲ୍ଲୀ ପୋଲିସ ଏବଂ ସରକାର ଆନ୍ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ ବୋଲି ପିଟିସନରେ ଦର୍ଶାଯାଇଛି ।



ଏହି ଆବେଦନ ପତ୍ରରେ କୁହାଯାଇଛି ଯେ, ଯେତେବେଳେ ସମଗ୍ର ଦେଶ ଗଣତନ୍ତ୍ର ଦିବସ ପାଳନ କରୁଥିଲା ସେତେବେଳେ ଆନ୍ଦୋଳନକାରୀ କୃଷକମାନେ ଏକ ଟ୍ରାକ୍ଟରରେ ଛାଡ଼ିଥିଲେ। ଯେଉଁ ରାସ୍ତାରେ ଯିବାକୁ ପୋଲିସ ରାଜି ହୋଇଥିଲା ସେହି ନିୟମ ଉଲ୍ଲଂଘନ କରାଯାଇ ଅନ୍ୟ ରୁଟ୍‌କୁ ଚାଲିଗଲା । ଆନ୍ଦୋଳନକାରୀମାନେ କେବଳ ସାଧାରଣ ଜୀବନକୁ ପ୍ରଭାବିତ କରିନାହାନ୍ତି ବରଂ ପୋଲିସ ଉପରେ ମଧ୍ୟ ଆକ୍ରମଣ କରିଥିଲେ । କେତେକ ଆନ୍ଦୋଳନକାରୀ ମଧ୍ୟ ଟ୍ରାକ୍ଟର ତଳେ ପୋଲିସ କର୍ମଚାରୀଙ୍କୁ ଶେଷ କରିବାକୁ ଚେଷ୍ଟା କରିଥିଲେ। ଏହି ଆବେଦନରେ ଦର୍ଶାଯାଇଛି ଯେ, କିଛି ଆନ୍ଦୋଳନକାରୀ ବ୍ୟାରିକେଡ଼ ଭାଙ୍ଗି ଲାଲ କିଲ୍ଲା ଭିତରକୁ ଯାଇଥିଲେ । ଯେଉଁଠାରୁ ଆମର ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଉଠାନ୍ତି ସେଠାକୁ ସେମାନେ ଯାଇଥିଲେ । ଏହି ସମୟରେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରି ଗର୍ତ୍ତ ଭିତରକୁ ଠେଲି ଦିଆଯାଇଥିଲା । ନ୍ୟୁଜ ଚ୍ୟାନେଲରେ ଦେଖାଯାଇଥିବା ସମ୍ବାଦ ଅନୁଯାୟୀ, ଅରାଜକତା ସମଗ୍ର ଉପାୟରେ ବିସ୍ତାର କରିବାକୁ ଆସିଥିଲା । ଦିଲ୍ଲୀ ପୋଲିସ ପାଇଁ ଏହା ଲଜ୍ଜାଜନକ ଯେ, ଆନ୍ଦୋଳନକାରୀମାନେ ପୁରା ରାସ୍ତାରେ ପ୍ରାଧାନ୍ୟ ଦେବାକୁ ଆସିଥିଲେ । ଦିଲ୍ଲୀ ପୋଲିସ କମିଶନର ଠିକ୍ ସମୟରେ ନିଷ୍ପତି ନେଇ ନ ଥିଲେ, ଯାହାଫଳରେ ପୋଲିସକୁ ଲାଲ କିଲାରୁ ବାହାର କରିଦିଆଯାଇଥିଲା । ଏହି ଆବେଦନରେ ଦର୍ଶାଯାଇଛି ଯେ, କୌଣସି ବିରୋଧ ଗଣତାନ୍ତ୍ରିକ ତଥା ସଭ୍ୟ ଢ଼ଙ୍ଗରେ କରାଯିବା ଉଚିତ । ବିରୋଧ ସମୟରେ ହିଂସାକୁ ଅନୁମତି ଦିଆଯାଇ ପାରିବ ନାହିଁ, ଯାହା ମଧ୍ୟ ଗଣତନ୍ତ୍ର ଦିବସରେ, ଯାହା ଆମର ଗର୍ବର ଦିନ । ଗଣତନ୍ତ୍ର ଦିବସରେ ଏହା କରି ଆମର ଜାତୀୟ ଗର୍ବକୁ ଲଜ୍ଜାରେ ପରିଣତ କରିବାକୁ ଏକ ପ୍ରୟାସ କରାଯାଇଛି । ଏହି ପିଟିସନରେ କୁହାଯାଇଛି ଯେ, ଦିଲ୍ଲୀ ପୋଲିସ ସିଧାସଳଖ କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧିନରେ ଅଛି କିନ୍ତୁ ୨୬ ଜାନୁୟାରୀ ଦିନ ଉଭୟ ବିଫଳ ହୋଇଥିଲେ ।

# ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଙ୍କୁ ହତ୍ୟା ଧମକ ଷଡଯନ୍ତ୍ରର ରହସ୍ୟୋଦଘାଟନ କରୁ ସରକାର : ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୪।୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଜଲେଶପେଟା ଆଶ୍ରମର ପରିଚାଳକ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଙ୍କୁ ହତ୍ୟା ଧମକ ସହ ଆଶ୍ରମକୁ ଉଡାଇ ଦିଆ ଯିବାକୁ ଦିଆ ଯାଇଥିବା ଧମକକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ । ଏହି ମାମଲାରେ ଜଣେ ଗିରଫ ହୋଇଥିବା ବେଳେ ଏହା ପଛର ଷଡଯନ୍ତ୍ରର ରହସ୍ୟୋଦଘାଟନ କରିବା ସହ ସ୍ୱାମୀଜୀ ଓ ଆଶ୍ରମକୁ ସୁରକ୍ଷା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି । ପୂର୍ବରୁ ଥରେ ଏପରି ଘଟଣା ଘଟି ସାରିଥିବାରୁ ଯଦି କିଛି ଘଟେ ତେବେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ନାୟକ କହିଛନ୍ତି ଯେ ୨୦୦୮ ମସିହାରେ କନ୍ଧମାଳର ଜଲେଶପେଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଧମକ ମିଳିବା ପରେ ତାଙ୍କୁ ହତ୍ୟା କରା ଯାଇଥିଲା । ଏହି ମାମଲାରେ ହତ୍ୟାକାରୀ ଓ ଷଡଯନ୍ତ୍ରକାରୀ ମାନଙ୍କୁ ଆଜି ଯାଏ ଗିରଫ କରା ଯାଇ ପାରିଲା ନାହିଁ । ଏ ସମ୍ପର୍କରେ ବସିଥିବା ଜାଂଚ କମିଶନ ମଧ୍ୟ ତାର ରିପୋର୍ଟ ପ୍ରଦାନ କରି ସାରିଛନ୍ତି । ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସରକାର ଏହାକୁ ଉପସ୍ଥାପନ କରୁ ନାହାନ୍ତି । ଏବେ ପୁଣି ଥରେ ଉକ୍ତ କନ୍ୟାଶ୍ରମର ପରିଚାଳନା ଦାୟିତ୍ୱରେ ଥିବା ସାଧୁଙ୍କୁ ହତ୍ୟା ଧମକ ଦିଆ ଯିବା ଚିନ୍ତାର ବିଷୟ । ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରା ଯାଇଥିବା ନେଇ ସେ ଅବଗତ ଅଛନ୍ତି । ହେଲେ ଏହାର ଷଡଯନ୍ତ୍ର ପଛରେ କିଏ ରହିଛି, କିଏ ଏହି କନ୍ୟାଶ୍ରମକୁ ସମାପ୍ତ କରିବାକୁ ଚାହୁଁଛି ସେ ବିଷୟରେ ବିଶଦ ଭାବେ ଜାଂଚ କରା ଯାଇ ଏହା ପଛର ଷଡଯନ୍ତ୍ର ସମ୍ପର୍କରେ ଖୁଲାସା କରା ଯିବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଏହି ମାମଲାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନିଅନ୍ତୁ । ସ୍ୱାମୀଜୀ ଓ ଆଶ୍ରମକୁ ସୁରକ୍ଷା ଦିଆ ଯାଉ । ଏ ନ ହେଲେ ରାଜ୍ୟ ସରକାର ଏହା ପାଇଁ ଦାୟୀ ରହିବେ ବୋଲି ସେ ଚେତାଇ ଦେଇଛନ୍ତି ।

# ଚାଷୀଙ୍କୁ କ୍ଷମା ମାଗନ୍ତୁ ଖାଦ୍ୟ ଯୋଗାଣ ମନ୍ତ୍ରୀ : ପ୍ରଦୀପ ପୁରୋହିତ

ବରଗଡ/ଭୁବନେଶ୍ୱର,୨୪।୨ (ନି.ପ୍ର) : ରାଜ୍ୟର ବିଭିନ୍ନ ମଣ୍ଡିରେ ପାଖାପାଖି ଚାଷୀଙ୍କ ୫ ଲକ୍ଷ ବସ୍ତା ଧାନ ପଡିରହିଛି, ସରକାରଙ୍କ ଠାରୁ ଟୋକନ ପାଇବା ପରେ ମଣ୍ଡିରେ ଚାଷୀ ଧାନ ପକାଇଥିଲେ ମଧ ରାଜ୍ୟ ସରକାର ଏକ ମାସ ସମୟ କାଳ ମଧରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠାଇ ପାରିଲେ ନାହିଁ । ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ମନ୍ତ୍ରୀ ମହୋଦୟ ଚାଷୀଙ୍କ ମୁଣ୍ଡ ଉପରେ ଦୋଷ ଲଦି ଦେଇ ପଳାୟନ ପନ୍ଥୀ ଭୂମିକା ଗ୍ରହଣ କରୁଛନ୍ତି । ଗତକାଲି ବିଧାନସଭାରେ ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ ଚାଷୀ ମାନଙ୍କୁ ମଧସ୍ଥି (ଦଲାଲ) ଆଖ୍ୟା ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତ କହିଛନ୍ତି । ଏହା ସହ ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ ଓଡିଶାର ଚାଷୀ ସମାଜକୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ପୁରୋହିତ ଦାବି କରିଛନ୍ତି ।

୨୦୨୦-୨୧ ବର୍ଷରୁ ରାଜ୍ୟ ସରକାର ଚାଷୀଙ୍କୁ ପଞ୍ଜିକୃତ କରିବା ସହ ଅନଲାଇନ୍ ଟୋକନ ବ୍ୟବସ୍ଥା କଲେ ଏବଂ ସରକାର ଦାବି କଲେ ଯେ, ଏହା ଦେଶର ଧାନ କିଣାର ସବୁଠୁ ଉତମ ଓ ସ୍ୱଚ୍ଛ ବ୍ୟବସ୍ଥା । ଆଗରୁ ପ୍ରତ୍ୟେକ ଜିଲ୍ଲା ମାନଙ୍କରେ ଥିବା ଜିଲ୍ଲା ପ୍ୟାଡି ପ୍ରକୋମେଂଟ କମିଟିର ଦାୟିତ୍ୱକୁ ରଦ୍ଦ କରି ଦେଲେ । ଟୋକନର ଅବଧି ସମୟ ସୀମା ମଧରେ ଚାଷୀ ତାର ଧାନ ମଣ୍ଡିରେ ଗଦା କରିଛି ରାଜ୍ୟ ସରକାର ବାହାନା ବାଜି ବନ୍ଦ କରି ତୁରନ୍ତ ପଶ୍ଚିମ ଓଡିଶା ମଣ୍ଡି ମାନଙ୍କରେ ପଡିଥିବା ସମସ୍ତ ଧାନ କ୍ରୟ କରନ୍ତୁ ବୋଲି ଶ୍ରୀ ପ୍ରଦୀପ ପୁରୋହିତ ଦାବି କରିଛନ୍ତି । ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ସମ୍ବଲପୁରୀ ଗ୍ରାମର ଶ୍ରୀ ବାଳମଣି ଭୋଇ ଟୋକନ ପାଇବା ପରେ ଗତ ଡିସେମ୍ବର ୨୨ ତାରିଖ ଦିନ ୧୪୦ପକେଟ ଧାନ ଲଖମରା ମଣ୍ଡିରେ ଜମା କରିଥିଲେ । ମଣ୍ଡିରୁ ସରକାର ଧାନ ନ ଉଠାଇବାରୁ ଜାନୁଆରୀ ୨୨ ତାରିଖ ଦିନ ଭୋଇଙ୍କ ଟୋକନ ଲ୍ୟାପସ୍ ହୋଇ ଯାଇଥିଲା । ସେହି ଦିନ ଠାରୁ ସେ ଅନେକ ଅଧିକାରୀ ମାନଙ୍କ ପାଖକୁ ଦୌଡି ଭାରକ୍ରାନ୍ତ ଥିଲେ ଓ ହଠାତ୍ ଆଜି ହୃଦଘାତରେ ତାଙ୍କର ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ଭୋଇଙ୍କ ମୃତ୍ୟୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ଏବଂ ମୃତ୍ୟୁ ଚାଷୀ ପରିବାରଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ରାଜ୍ୟ ସରକାର ଯୋଗାଇ ଦିଅନ୍ତୁ ବୋଲି ଶ୍ରୀ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି ।

# ଜାତୀୟ ମଶା ଗବେଷଣା କେନ୍ଦ୍ରକୁ ରାଉରକେଲାରୁ ରାଂଚି ଉଠାଇ ନିଆ ଯାଇଥିବାକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୨୪।୨ (ନି.ପ୍ର): ଜାତୀୟ ମଶା ଗବେଷଣା କେନ୍ଦ୍ରକୁ ରାଉରକେଲାରୁ ରାଂଚି ଉଠାଇ ନିଆ ଯାଇଥିବାକୁ ନେଇ ବିଧାନସଭାରେ ମଙ୍ଗଳବାର ଦିନ ବିଜେଡି ସଭ୍ୟ କିଶୋର ମହାନ୍ତି ଉଦବେଗ ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ସରକାର ପତ୍ର ଲେଖି ଏହାକୁ ବିରୋଧ କରିବାକୁ ସେ ଦାବି କରିଛନ୍ତି । ମଙ୍ଗଳବାର ଦିନ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମହାନ୍ତି କହିଥିଲେ ଯେ ଗତ ଜାନୁଆରୀ ମାସରେ ଜାତୀୟ ମଶା ଗବେଷଣା କେନ୍ଦ୍ରକୁ ରାଉରକେଲାରୁ ରାଂଚି ଉଠାଇ ନିଆ ଯାଇଛି । ସବୁ କେନ୍ଦ୍ରୀୟ ଅନୁଷ୍ଠାନ ଗୁଡିକୁ ଧୀରେ ଧୀରେ ଓଡିଶାରୁ ବାହାରକୁ ନିଆ ଯାଉଛି, ଯାହା ଚିନ୍ତାର ବିଷୟ । ସେ କହିଛନ୍ତି ଯେ ଦେଶରେ ମ୍ୟାଲେରିଆ ରୋଗୀ ମାନଙ୍କ ମଧ୍ୟରେ ଓଡିଶାରେ ୧୧.୮ ପ୍ରତିଶତ ରୋଗୀ ଅଛନ୍ତି । ଏହାକୁ ଆଖି ଆଗରେ ରଖି ୧୯୮୬ ମସିହାରେ ଏହି କେନ୍ଦ୍ର ଗଂଜାମ ଜିଲ୍ଲାରେ ସ୍ଥାପନା କରା ଯାଇଥିଲା । ଏହା ପରେ ୧୯୮୮ରେ ଏହାକୁ ରାଉରକେଲା ସ୍ଥାନାନ୍ତର କରା ଯାଇଥିଲା ।

# ନୂତନ ପୋଲିସ ଷ୍ଟେସନ ଓ ଫାଣ୍ଡି ସ୍ଥାପନ କରିବାକୁ ନେଇ ବାଚସ୍ପତିଙ୍କ ନିର୍ଦ୍ଦେଶରେ ମୋଡିଫିକେସନ ଦାବି କଲେ ଦେବୀ ପ୍ରସାଦ ମିଶ୍ର

ଭୁବନେଶ୍ୱର,୨୪।୨ (ନି.ପ୍ର): ନୂତନ ପୋଲିସ ଷ୍ଟେସନ ଓ ଫାଣ୍ଡି ସ୍ଥାପନ କରିବାକୁ ନେଇ ସୋମବାର ଦିନ ବାଚସ୍ପତି ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ଦେଇଥିବା ନିର୍ଦ୍ଦେଶରେ ମୋଡିଫିକେସନ କରିବାକୁ ଦାବି କରିଛନ୍ତି ବିଧାୟକ ଦେବୀ ପ୍ରସାଦ ମିଶ୍ର । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଥିଲେ ଯେ ନୂଆ ଥାନା ପାଇଁ ପ୍ରସ୍ତାବ ମାଗିବାକୁ ବାଚସ୍ପତି ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କିଛି ଥାନା ପାଇଁ ସମସ୍ତ ପ୍ରକାର ମଂଜୁରୀ ଦିଆ ଯାଇ ସରଛି । ତଥାପି ଏହି ଥାନା ଗୁଡିକୁ ଖୋଲା ଯାଇ ପାରି ନାହିଁ । ସେହି ଥାନା ଗୁଡିକୁ ଅଗ୍ରାଧିକାର ଭିତିରେ ଖୋଲିବାକୁ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ଦେଇଥିବା ନିର୍ଦ୍ଦେଶରେ ପରିବର୍ତନ କରା ଯିବାକୁ ସେ ଦାବି କରିଥିଲେ । ଏହା ପରେ ବାଚସ୍ପତି ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିବାକୁ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଲ୍ଲେଖନୀୟ ଯେ ସୋମବାର ଦିନ ବିଧାୟକ ମାନଙ୍କର ନିଜ ନିଜ ଅଂଚଳରେ ନୂତନ ପୋଲିସ ଷ୍ଟେସନ ଓ ଫାଣ୍ଡି ସ୍ଥାପନ କରିବାକୁ ନେଇ ଉଦବେଗକୁ ଆଖି ଆଗରେ ରଖି ଏ ସମ୍ପର୍କରେ ବିଧାୟକ ମାନଙ୍କ ଠାରୁ ପ୍ରସ୍ତାବ ମାଗିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନା କାଳରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ ଯେ ଅନେକ ବିଧାୟକଙ୍କର ସେମାନଙ୍କର ନିଜ ନିଜ ଅଂଚଳରେ ଥାନା ଓ ଫାଣ୍ଡି ସ୍ଥାପନ କରିବାକୁ ଦାବି ରହିଛି । ତେଣୁ ସେ ସମସ୍ତ ବିଧାୟକ ମାନଙ୍କୁ ଏ ସମ୍ପର୍କରେ ସାତ ଦିନ ମଧ୍ୟରେ ଲିଖିତ ଭାବେ ପ୍ରସ୍ତାବ ଦେବାକୁ କୁହନ୍ତୁ । ସେହି ପ୍ରସ୍ତାବ ମିଳି ସାରିଲା ପରେ ସେଗୁଡିକୁ ସଂପୃକ୍ତ ଜିଲ୍ଲାର ଏସପି ମାନଙ୍କୁ ଏଗୁଡିକର ଫିଜିବିଲିଟି ସମ୍ପର୍କରେ ରିପୋର୍ଟ ମଗାନ୍ତୁ । ସେମାନଙ୍କ ଠାରୁ ରିପୋର୍ଟ ମିଳିଲା ପରେ ସେଗୁଡିକୁ ବିଧାୟକ ମାନଙ୍କୁ ଦେବା ପାଇଁ ସେ କହିଥିଲେ ।

# ପୂର୍ବତଟ ରେଳପଥ ପରିସୀମା ମଧଦେଇ ଡିବୃଗଡ଼ ଓ କନ୍ୟାକୁମାରୀ ମଧରେ ବିଶେଷ ଟ୍ରେନ

ଭୁବନେଶ୍ୱର,୨୪।୨ (ନି.ପ୍ର): ପୂର୍ବତଟ ରେଳପଥ ପରିସୀମା ମଧଦେଇ ଫେବୃୟାରୀ ମାସ ୨୭ ତାରିଖ ଠାରୁ ଡିବୃଗଡ଼ରୁ ଏବଂ ମାର୍ଚ୍ଚ ମାସ ୪ ତାରିଖ ଠାରୁ କନ୍ୟାକୁମାରୀରୁ ଏକ ବିଶେଷ ଟ୍ରେନ ଚଳାଚଳ କରାଇବା ପାଇଁ ନିଷ୍ପତି ନିଆଯାଇଅଛି ।
୦୫୯୦୬/୦୫୯୦୫ ଡିବୃଗଡ଼ - କନ୍ୟାକୁମାରୀ - ଡିବୃଗଡ଼ ବିଶେଷ ଟ୍ରେନ ପ୍ରତ୍ୟେକ ଶନିବାର ଦିନ ସନ୍ଧ୍ୟା ୭ଘ.୨୫ମି.ରେ ଡିବୃଗଡ଼ ରୁ ଏବଂ ପ୍ରତ୍ୟେକ ଗୁରୁବାର ଦିନ ସନ୍ଧ୍ୟା ୫ଘ.୩୦ମି.ରେ କନ୍ୟାକୁମାରୀରୁ ଛାଡିବ । ଏହି ଟ୍ରେନ୍ ଡିବୃଗଡ଼ ଓ କନ୍ୟାକୁମାରୀ ମଧରେ ଗୁରୁତ୍ୱପୂର୍ଣ ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ଏହା ପୂର୍ବତଟ ରେଳପଥ ପରିସୀମା ମଧରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ବ୍ରହ୍ମପୁର, ପାଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ, ବିଶାଖାପାଟନମ୍ ଏବଂ ଦୁଭାଡା ଷ୍ଟେସନ ଠାରେ ଉଭୟ ପାର୍ଶ୍ୱରୁ ରହଣି କରିବ ।

# ଜଟଣୀ ଜମି ବିବାଦର ସମାଧାନ ହେଉ: ସୁର ରାଉତରାୟ

ଭୁବନେଶ୍ୱର,୨୪।୨ (ନି.ପ୍ର): ଜଟଣୀ ଅଂଚଳରେ ଥିବା ସ୍ଥିତିବାନ ଜମିକୁ ଜଗନ୍ନାଥଙ୍କ ନାମରେ କରି ଦେବା ଫଳରେ ସଂପୃକ୍ତ ଅଂଚଳର ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନେ ନିଜର ଜମି ବିକ୍ରୀ କରି ପାରୁ ନାହାନ୍ତି, ଝିଅ ବାହାଘର କରି ପାରୁ ନାହାନ୍ତି । ଅଗଷ୍ଟ ୧୫ ସୁଦ୍ଧା ଏହି ସମସ୍ୟାର ସମାଧାନ ନ ହେଲେ ନବୀନ ନିବାସ ଆଗରେ ଜଟଣୀ ଅଂଚଳର ଅନ୍ୟୁନ ଶହେ ଜଣ ଲୋକ ଆତ୍ମାହୁତି ଦେବାକୁ ବାଧ୍ୟ ହେବେ ବୋଲି କଂଗ୍ରେସ ସଭ୍ୟ ସୁରେଶ ରାଉତରାୟ ଆଜି ଗୃହରେ ପ୍ରକାଶ କରିଛନ୍ତି ।
ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ଉକ୍ତ ସମସ୍ୟାର ସମାଧାନ ପାଇଁ ବାରମ୍ବାର ସରକାରଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆ ଯାଇଥିଲେ ମଧ୍ୟ ସେ ଦିଗରେ କୌଣସି ପଦକ୍ଷେପ ନିଆ ଯାଇ ନାହିଁ ।

# ଆମ ଗାଁ, ଆମ ବିକାଶ ନାଁରେ ରାଜନୀତି କରୁଛି ବିଜେଡି: କଂଗ୍ରେସ

ଭୁବନେଶ୍ୱର,୨୪।୨ (ନି.ପ୍ର): ଆମ ଗାଁ, ଆମ ବିକାଶ'ର ଦ୍ୱାହି ଦେଇ ରାଜକୋଷରୁ ଅର୍ଥ ଖର୍ଚ୍ଚ କରି ଉପନିର୍ବାଚନ ଘୋଷଣା ପୂର୍ବରୁ ବିଜେଡି ନିର୍ବାଚନ ପ୍ରଚାର ଆରମ୍ଭ କରିଛି । ଆଜିର ଏହି କାର୍ଯ୍ୟକ୍ରମ କେବଳ ନିର୍ବାଚନୀ ଧୂଆଁବାଣ । ମୁଖ୍ୟମନ୍ତ୍ରୀଙ୍କର ପିପିଲି ପ୍ରତି ତିଳେମାତ୍ର ଆନ୍ତରିକତା ନାହିଁ ବୋଲି କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି । ପିପିଲି ବିଧାନସଭା ଉପନିର୍ବାଚନ ପୂର୍ବରୁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଗାଁ, ଆମ ବିକାଶ' ନାଁରେ ପିପିଲି ବ୍ଲକ ଓ ପିପିଲି ପୌରାଂଚଳ ଏବଂ ଡେଲାଙ୍ଗ ବ୍ଲକ ପାଇଁ ପୃଥକ୍ ପୃଥକ୍ ଭାବେ ଦୁଇଟି ସାଧାରଣ ସଭା କରାଯାଇ୬୭ କୋଟି ୬୮ ଲକ୍ଷ ପ୍ରକଳ୍ପର ବ୍ୟୟ ମଞ୍ଜୁରୀ କରାଯାଇଛି । ଗୋଟିଏ ବୈଠକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ଏବଂ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିବା ବିଜୁ ଜନତା ଦଳର ହୀନ ରାଜନୈତିକ ପ୍ରୟାସ । ବିଗତ ଦିନରେ ଉପନିର୍ବାଚନ ହୋଇଥିବା ବିଜେପୁର, ପାଟକୁରା, ତିର୍ତୋଲ, ବାଲେଶ୍ୱରର ବିକାଶ ମୋ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେଠାରେ କ'ଣ ବିକାଶ ହୋଇଛି ? ଅନୁରୂପ ଭାବେ ପିପିଲିରେ ମୁଖ୍ୟମନ୍ତ୍ରୀ ଏବେ ଏକ ନୂଆ ସ୍ଲୋଗାନ 'ପ୍ରଗତି ପଥେ ପିପିଲି' ଦେଇଛନ୍ତି । ତା'ର ଅର୍ଥ ୨୧ ବର୍ଷ ଭିତରେ ବିଜୁ ଜନତା ଦଳ ସରକାର ପିପିଲିରେ କୌଣସି ପ୍ରଗତି କରିନାହିଁ । କଂଗ୍ରେସ ବିକାଶକୁ ବିରୋଧ କରୁନାହିଁ, ବିକାଶ ନାଁରେ ଭଣ୍ଡାମୀକୁ ବିରୋଧ କରୁଛି ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ ।

# କୋଟିଆ ପ୍ରସଙ୍ଗରେ ସର୍ବଦଳୀୟ ପ୍ରତିନିଧି ଦଳକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟନ୍ତୁ ମୁଖ୍ୟମନ୍ତ୍ରୀ : ସିପିଆଇ

ଭୁବନେଶ୍ୱର,୨୪।୨ (ନି.ପ୍ର): ଓଡ଼ିଶା-ଆନ୍ଧ୍ରର ସୀମାନ୍ତବର୍ତ୍ତୀ କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟର ବିଜେଡି ଓ କେନ୍ଦ୍ରର ବିଜେପି ସରକାର ଏବଂ ଓଡ଼ିଶାର କେନ୍ଦ୍ରମନ୍ତ୍ରୀମାନେ ଉଦ୍ୟମ କରନ୍ତୁ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏକ ସର୍ବଦଳୀୟ ପ୍ରତିନିଧିଦଳର ନେତୃତ୍ୱ ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟନ୍ତୁ ଏବଂ ରାଜ୍ୟ ସରକାର ସୀମାନ୍ତବର୍ତ୍ତୀ ଜିଲ୍ଲାମାନଙ୍କରେ ଦକ୍ଷ ଓଡ଼ିଆ ଅଫିସରମାନଙ୍କୁ ନିଯୁକ୍ତ କରିବା ସଙ୍ଗେ ସଙ୍ଗେ ସର୍ବଦଳୀୟ କମିଟି ଗଢ଼ି ପରିସ୍ଥିତିର ମୁକାବିଲା କରନ୍ତୁ ବୋଲି ସିପିଆଇ ଦାବି କରିଛି । ସିପିଆଇର ଏକ ପ୍ରତିନିଧି ଦଳ କୋଟିଆ ପରିଦର୍ଶନ କରି ରାଜ୍ୟ ପରିଷଦରେ ରିପୋର୍ଟ ଉପସ୍ଥାପିତ କରିଛନ୍ତି । ଗତକାଲି କ୍ଷୀରୋଦ ସିଂହଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ ପରିଷଦର ବୈଠକଅନୁଷ୍ଠିତ ହୋଇଥିଲା । ସେହିପରି ମଣ୍ଡିମାନଙ୍କରେ ଚାଷୀଙ୍କ ଧାନ କିଣା ନ ହୋଇ ପଡ଼ିରହିଛି ଓ ଅନେକ ସ୍ଥାନରେ ଗଜା ହୋଇଗଲାଣି । ଅନେକସ୍ଥାନରେ ଟୋକନ ଥାଇ ମଧ ମଣ୍ଡିରେ ଧାନ ନେଉ ନାହାନ୍ତି ଏବଂ ଟୋକନର ମିଆଦ ପୁରିଗଲେ ଧାନ କିଣାଯାଉ ନାହିଁ । ଏସବୁ ଫଳରେ ଚାଷୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏହାର ପ୍ରତିକାର ପାଇଁ କେନ୍ଦ୍ର ସରକାରଙ୍କ ଏଫସିଆଇ ଓଡ଼ିଶାରୁ ସବୁ ଚାଉଳ ନେଉ ଏବଂ ରାଜ୍ୟ ସରକାର ଚାଷୀଙ୍କଠାରୁ ସମସ୍ତ ଧାନ କିଣନ୍ତୁ ବୋଲି ଦାବି କରାଯାଇଛି । ପରିଷଦରେ ଗୃହୀତ ଅନ୍ୟଏକ ପ୍ରସ୍ତାବରେ ୩ଟି କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାନ୍ତରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରାଯିବା ସହିତ ଏପ୍ରିଲ ୨ରୁ ୯ ପର୍ଯ୍ୟନ୍ତ ପାର୍ଟିର ଗଣପାଣ୍ଠି ଅଭିଯାନ ଚଳାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର ଓ ଅଶୋକ ଦାଶ ପ୍ରମୁଖ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ ।

# ରାଜ୍ୟ ସଭାପତିଙ୍କୁ ଭେଟିଲେ ଏନଟିପିସି ଥର୍ମାଲ ପାୱାର ଷ୍ଟେସନର ଶ୍ରମିକ ଏକତା ମଂଚର ପ୍ରତିନିଧୀ

## ଶ୍ରମିକଙ୍କ ସମସ୍ୟାକୁ କେନ୍ଦ୍ର ସରକାରଙ୍କ ପାଖରେ ଉଠାଯିବ : ସମୀର ମହାନ୍ତି

ଭୁବନେଶ୍ୱର,୨୪।୨ (ନି.ପ୍ର): ଟିଟିପିଏସର ୪୬୦ ମେଗାୱାଟ ପକଳ୍ପ ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଅବଧି ସରିବାକୁ ଯାଉଛି । ଏହି ପକଳ୍ପଟି ବନ୍ଦ ହୋଇଗଲେ ୨୦୦୦ ଠିକା କର୍ମଚାରୀ, ୩୦୦ ନିୟମିତ ଶ୍ରମିକ ଏବଂ ଚତୁଃପାର୍ଶ୍ୱରେ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେବେ । ଏହି ପରିପ୍ରେକ୍ଷୀରେ ଏନଟିପିସି ଥର୍ମାଲ ପାୱାର ଷ୍ଟେସନର ଶ୍ରମିକ ଏକତା ମଂଚର ପ୍ରତିନିଧୀ ବିଜେପି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କୁ ଭେଟି ଶ୍ରମିକଙ୍କ ସମସ୍ୟାର ସମାଧାନ କରିବା ସହ ଏହି ପ୍ରୋଜେକ୍ଟକୁ ବନ୍ଦ ନକରି ଚାଲୁ ରଖିବା ପାଇଁ ଅନୁରୋଧ କରିଛନ୍ତି । ଶ୍ରମିକ ଏକତା ମଂଚ ପକ୍ଷରୁ ସଭାପତି ଶ୍ରବଣ କୁମାର ସାମଲ ଓ ସାଧାରଣ ସଂପାଦକ ବିନୋବାନନ୍ଦ ତ୍ରିପାଠୀ ଶ୍ରମିକ ମାନଙ୍କର ସମସ୍ୟା ସଂପର୍କରେ ବିଜେପି ରାଜ୍ୟ ସଭାପତିଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମସ୍ତ ଦସ୍ତାବିଜକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦେଖିବା ସହ ଶ୍ରମିକଙ୍କ ସମାଧାନ ପାଇଁ ସେ ଏହାକୁ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନ କରିବେ ବୋଲି ପ୍ରତିନିଧୀ ଦଳଙ୍କୁ ପ୍ରତିଶୃତି ଦେଇଥିଲେ । କରୋନା ମହାମାରୀ ସମୟରେ ରାଜ୍ୟରେ ଲକ୍ଷ ଲକ୍ଷ ଶ୍ରମିକ ରୋଜଗାର ହରାଇଥିବାବେଳେ ଟିଟିପିଏସ ପ୍ରୋଜେକ୍ଟକୁ ବନ୍ଦ କଲେ ହଜାର ହଜାର ଶ୍ରମିକ ବେରୋଜଗାର ହୋଇଯିବେ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ନିଷ୍ପତିକୁ ପ୍ରତ୍ୟାହାର କରି ଟିଟିପିଏସ ପ୍ରୋଜେକ୍ଟକୁ ଚାଲୁ ରଖନ୍ତୁ ବୋଲି ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

# ଜିଲ୍ଲାର ୬୩ଟି ଗ୍ରାମ ୧୦ଟି ୱାର୍ଡକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା

ଝାରସୁଗୁଡା ,୨୪।୨ (ନି.ପ୍ର): ଜିଲ୍ଲାର ୬୩ଟି ଗ୍ରାମ , ଗୋଟିଏ ଗ୍ରାମ ପଂଚାୟତ ଓ ପୌରପାଳିକାର ୧୦ଟି ୱାର୍ଡକୁ ବାଲ୍ୟ ବିବାହମୁକ୍ତ ଗ୍ରାମ/ଗ୍ରାମ ପଂଚାୟତ ଓ ୱାର୍ଡ ଭାବରେ ଆଜି ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଡି ଏମ୍ ଏଫ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏହା ଘୋଷଣା କରିଥିଲେ । ବାଲ୍ୟ ବିବାହ ଭଳି କୁ-ପ୍ରଥାକୁ ସମାଜରୁ ଦୂରେଇ ଦେବା ସହ ଶିଶୁକନ୍ୟାର ଭବିଷ୍ୟତକୁ ସୁରକ୍ଷିତ ରଖିବା ସକାଶେ ସମାଜର ପ୍ରତିଟି ବର୍ଗର ଲୋକମାନେ ସଚେତନ ହେବା ଆବଶ୍ୟକ ବୋଲି ଶ୍ରୀମତୀ କୁଲୁ କହିଥିଲେ । ସମଗ୍ର ଝାରସୁଗୁଡ଼ା ଜିଲ୍ଲାକୁ ବାଲ୍ୟିବାହମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ ।ସଭାରେ ଡି ସି ପି ଓ ସୁନନ୍ଦ ମହାରଣା ପ୍ରାକ ସୂଚନା ପ୍ରଦାନ କରିଥିଲା ବେଳେ ଡି ଏସ ଡବ୍ଲ୍ୟୁଓ ସୁପ୍ରଭା ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ , ଝାରସୁଗୁଡ଼ା ବ୍ଲକର ୩୦ଟି ଗ୍ରାମ , ଲଖନପୁର ଓ ଲଇକେରାର୫ଟି ଲେଖାଏଁ ଗ୍ରାମ , କିର୍ମିରାର ୧୩ଟି କୋଲାବିରାର ୧୦ଟି ଗ୍ରାମ , ଝାରସୁଗୁଡା ଓ ବ୍ରଜରାଜନଗର ପୌରପାଳିକାର ୫ଟି ଲେଖାଏଁ ୱାର୍ଡ ଓ କୋଲାବିରା ବ୍ଲକର କୁଲିହାମାଲ ଗ୍ରାମ ପଂଚାୟତକୁ ବାଲ୍ୟ ବିବାହମୁକ୍ତ ଭାବରେ ଘୋଷଣା କରାଯାଇଛି ।

# ରାଜ୍ୟରେ ୧ ଲକ୍ଷ ୨୩ ହଜାର ପରିବାର ବାସହୀନ

ଭୁବନେଶ୍ୱର,୨୪।୨ (ନି.ପ୍ର): ରାଜ୍ୟର ପୌରାଂଚଳମାନଙ୍କରେ ୧ ଲକ୍ଷ ୨୩ ହଜାର ୭୦୮ ବାସହୀନ ପରିବାର ବାସ କରୁଛନ୍ତି । ବର୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୮ ହଜାର ୫୭୧, ରାଜୀବ ଆବାସ ଯୋଜନାରେ ୪୭୬୦, ଆଇଏଚ୍‌ଏସ୍‌ଡିପି ଯୋଜନାରେ ୨୦୮୧ଟି ପରିବାରଙ୍କୁ ଘର ଯୋଗାଇ ଦିଆଯାଇଛି ବୋଲି ବିଧାନସଭାରେ କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଓ କଟକ ପାଇଁ ଯଥାକ୍ରମେ ୫୦୫ ଓ ୮୬୩୫ଗୋଟି ନିମ୍ନ ମଧବିତ ପରିବାରକୁ ଘର ଯୋଗାଇ ଦେବା ଲାଗି ଯଥା କ୍ରମେ ୩୧.୯୦ କୋଟି ଟଙ୍କା ଓ ୪୫୫.୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପରବର୍ତୀ ପର୍ଯ୍ୟାୟରେ ଅଧିକ ବାସହୀନ ପରିବାରକୁ ସାମିଲ ପାଇଁ ଲକ୍ଷ୍ୟ ରଖା ଯାଇଛି । ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତରରେ ଏହି ତଥ୍ୟ ରଖିଛନ୍ତି ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ।

# ଝାରସୁଗୁଡା ଜିଲ୍ଲା ପ୍ରଶାସନ ତରଫରୁ କରୋନା କଟକଣା ଲାଗୁ

ଝାରସୁଗୁଡା,୨୪।୨ (ନି.ପ୍ର): ମହାରାଷ୍ଟ୍ର,ଗୁଜୁରାଟ ଓ ଛତିଶଗଡରେ କରୋନା ସଂକ୍ରମନ ଦ୍ୱିତୀୟ ଥର ପାଇଁ ଆରମ୍ଭ ହୋଇଯାଇଥିବା ବେଳେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପୁର୍ବ କଟକଣାକୁ କଡକଡି ଭାବେ ଲାଗୁ କରିବାକୁ ପ୍ରସ୍ତୁତ ହୋଇ ସାରିଲାଣି ।ଜିଲ୍ଲାର ସବୁ ଜନଗହଳିପୁର୍ଣ୍ଣ ସ୍ଥାନ ,ବିମାନବନ୍ଦର,ରେଳବାଇ ଷ୍ଟେସନ,ବସଷ୍ଟାଣ୍ଡ ସହ ବିବାହ,ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମ ଉପରେ ନଜର ରଖିବ ୧୭ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ।ଗତ ୧୧ ମାସ ମଧରେ ଚଳିତ ସପ୍ତାହରେ ୧୮ ତାରିଖ ଓ ଗତକାଲି ପ୍ରଥମଥର ପାଇଁ ଦୈନିକ କରୋନ ଆକ୍ରାନ୍ତଙ୍କ ତାଲିକାରେ ଝାରସୁଗୁଡା ସ୍ଥାନ ପାଇ ନାହିଁ । ତେଣୁ ଏହିଭଳି ସ୍ଥିତି ବଜାୟ ରଖିବାକୁ ଜିଲ୍ଲା ପ୍ରଶାସନ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ନେଇ ୧୭ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ବିଭିନ୍ନ ଜନଗହଳି ସ୍ଥାନ ମାନଙ୍କରେ ଅତର୍କିତ ଚଢାଉ କରି ଆବଶ୍ୟକ ସ୍ଥଳେ ଫାଇନ୍ ଆଦାୟ ପାଇଁ କ୍ଷମତା ପ୍ରଦାନ କରିଛି ।ଏଣିକି ମୁହଁରେ ମାସ୍କ ,ସାନିଟାଇଜର ବ୍ୟବହର ସହ ସାମାଜିକ ଦୂରତା ରକ୍ଷା ନକଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଜି ଜିଲ୍ଲାପାଳ ସରୋଜ ସାମଲ ଏକ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇ ସମସ୍ତେ ସତର୍କ ରହି ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

# ୧୬୨ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର,୨୪।୨ (ନି.ପ୍ର): ଆଜି ୧୬୨ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଭର୍ଚୁଆଲ୍ ମାଧମରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଆର୍ଥିକସ୍ଥିତି ବର୍ତମାନ ଅଭିବୃଦ୍ଧି ଆଡ଼କୁ ଗତି କରୁଥିବାବେଳେ ବ୍ୟାଙ୍କଗୁଡ଼ିକ ଋଣଯୋଗାଣ କ୍ଷେତ୍ରରେ ଆଗେଇ ଆସି ସମାଜର ଦୁର୍ବଳ ଏବଂ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ସହାୟତା କରି ରାଜ୍ୟର ଆର୍ଥିକ କ୍ଷେତ୍ରକୁ ମଜବୁତ୍ କରିବାକୁ ଆଜିର ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ମତବ୍ୟକ୍ତ କରିଛନ୍ତି । ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ କ୍ଷେତ୍ରରେ ବ୍ୟାଙ୍କମାନଙ୍କର ଋଣ ପ୍ରଦାନ ଏବଂ ଲକ୍ଷ୍ୟ ହାସଲ ଉତ୍ସାହଜନକ ରହିଥିବାବେଳେ ଏହା ବାର୍ଷିକ ଋଣ ଯୋଜନାର ୭୭ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ଏବଂ ଚଳିତ ଆର୍ଥିକ ବର୍ଷରେ ଏହା ଶତପ୍ରତିଶତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶାବ୍ୟକ୍ତ କରିଥିଲେ । ଘରୋଇ ବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ସଫଳତା ଏ କ୍ଷେତ୍ରରେ ରାଷ୍ଟ୍ରାୟ ବ୍ୟାଙ୍କଗୁଡ଼ିକ ଠାରୁ ଭଲ ହୋଇଛି ବୋଲି ସେ ମତପ୍ରକାଶ କରିଥିଲେ । କୃଷି ଅଦ୍ୟାବଧି ରାଜ୍ୟର ଜନସାଧାରଣଙ୍କ ଜୀବିକା ନିର୍ବାହର ମୁଖ୍ୟ ମାଧମ ଥିବାବେଳେ ବାର୍ଷିକ ଋଣ ଯୋଜନାର ଏହା ୫୭.୭୨ ପ୍ରତିଶତ ଲକ୍ଷ୍ୟ ହାସଲ କରିପାରିଛି । କୃଷି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥିଲେ । କୃଷି, ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ଯୋଗାଇ ଦେବା କ୍ଷେତ୍ରରେ ସରକାର ସର୍ବଦା ପ୍ରାଧାନ୍ୟ ଦେଇଆସିଛନ୍ତି । ପ୍ରଥମ ଥର ପାଇଁ ୨୦୨୦-୨୧ ବର୍ଷରେ କୃଷି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗଗୁଡ଼ିକୁ ଋଣ ସହାୟତା ଯୋଗାଇଥିବା ଚମ୍ପିଅନ୍ ବ୍ୟାଙ୍କମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିବେ । ଅଗ୍ରାଧିକାର କ୍ଷେତ୍ରଗୁଡ଼ିକୁ ଋଣ ଯୋଗାଣ ପାଇଁ ଗତ ଡିସେମ୍ବର ୨୨ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ବ୍ୟାଙ୍କର୍ସ ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଲକ୍ଷ୍ୟ ହାସଲ ଦିଗରେ ବ୍ୟାଙ୍କମାନେ କାର୍ଯ୍ୟକରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ ଜେନା ବୈଠକରେ ଯୋଗଦେଇ କହିଥିଲେ ସବୁ ଅଂଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭଲ କାମ କରୁଛନ୍ତି । ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗକୁ ଋଣ ଯୋଗାଣ ସହ ଅପହଂଚ ଅଂଚଳରେ ଅଧିକା ସ୍ଥାୟୀ ବ୍ୟାଙ୍କ ସ୍ଥାପନ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । କୃଷି ଉତ୍ପାଦନ କମିଶନର ଶ୍ରୀ ରାଜକୁମାର ଶର୍ମା କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ଉଲ୍ଲେଖଯୋଗ୍ୟ ଲାଭଜନକ କ୍ଷେତ୍ରରେ ପରିଣତ ହେବା ପାଇଁ ସେମାନଙ୍କୁ ଠିକ୍ ? ସମୟରେ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଋଣ ପ୍ରଦାନ କ୍ଷେତ୍ରରେ ଏସ୍‌ଏଲ୍‌ବିସି ନିଜର ମାର୍ଗଦର୍ଶିକାକୁ ଅଧିକ ସରଳ କରିବା ଉପରେ ମନ୍ତବ୍ୟ ରଖିଥିବାବେଳେ କୃଷି ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀ ସୁରେଶ ବଶିଷ୍ଠ ଋଣ ପ୍ରଦାନ କ୍ଷେତ୍ରରେ ଆବେଦନକାରୀଙ୍କ ଦରଖାସ୍ତ ଶୀଘ୍ର ଗ୍ରହଣ କରି ଋଣ ପ୍ରଦାନ କରିବାକୁ ପ୍ରସ୍ତାବ ରଖିଥିଲେ । ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଚଳିତ ବଜେଟ୍‌ରେ ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବାରୁ ଅଧିକ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟକରିବାକୁ ପଡ଼ିବ ବୋଲି କହିଥିଲେ । ଆଜିର ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା ବକ୍ତବ୍ୟ ରଖି କହିଥିଲେ ଆସନ୍ତା ୨୬ ଫେବୃଆରୀରେ ମୁଖ୍ୟମନ୍ତ୍ରୀ ସବୁ ଜିଲ୍ଲାର ଜିଲ୍ଲାପାଳ ଏବଂ ବ୍ୟାଙ୍କର୍ସଙ୍କ ସହିତ ସମୀକ୍ଷା ବୈଠକ ରଖିଥିବାରୁ ବୈଠକ ପୂର୍ବରୁ ସେମାନେ ସବୁ ତଥ୍ୟ ସଂଗ୍ରହ ସହ ଋଣ ଯୋଗାଣ ସଂପର୍କରେ ସବିଶେଷ ସୂଚନା ରଖିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ମିଶନ ଶକ୍ତି ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତିକେୟନ୍, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଶାସନ ସଚିବ ଶ୍ରୀ ଆର୍ତ. ରଘୁପ୍ରସାଦ, ଡିଏଫ୍‌ଏସ୍ ଯୁଗ୍ମ ସଚିବ ଶ୍ରୀ ସଚ୍ଚୀନ୍ଦ୍ର ମିଶ୍ର, ଆନୁଷ୍ଠାନିକ ଅର୍ଥ ନିର୍ଦ୍ଦେଶକ ଶ୍ରୀମତୀ ପ୍ରଜ୍ଞାସ୍ମିତା ସାହୁ, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଏ.କେ. ଗୋୟଲ, ଏସ୍‌ଏଲ୍‌ବିସିର ଆବାହକ ଶ୍ରୀ ଅରୂପାନନ୍ଦ ଜେନା, ଭାରତୀୟ ରିଜର୍ଭ ବ୍ୟାଙ୍କର ସାଧାରଣ ପରିଚାଳକ ସୋନାଲି ଦାସ ଏବଂ ନାବାର୍ଡ଼ର ସାଧାରଣ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ ।

ଦେଶ ବିଦେଶର ଜଣାଅଜଣା

# ବିବିଧ ବିଶ୍ୱ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ଫେବୃଆରୀ ୨୫, ୨୦୨୧

# ମାରାତ୍ମକ ନିଃସଙ୍ଗତା

ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତା ଘାତକ ହୋଇପାରେ । ଡେନମାର୍କର କୋପେନହେଗନ ବିଶ୍ୱବିଦ୍ୟାଳୟ ହସପିଟାଲରେ ଜଣେ ପିଏଚଡି ଛାତ୍ର ଏନିଓ୍ୱନଗାର୍ଡ କ୍ରିଷ୍ଟେନସେନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି, ନିଃସଙ୍ଗତା କାରଣରୁ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଏବଂ ରୋଗ ବଢୁଛି । ବିଶେଷକରି ଏହା ହୃଦଯନ୍ତ୍ର ସଂକ୍ରାନ୍ତ ଅସୁସ୍ଥତା ସୃଷ୍ଟି କରୁଛି । ତେବେ ଏକାକୀ ରହିବା ଅପେକ୍ଷା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ସ୍ଥିତି ବେଶୀ କ୍ଷତିକାରକ । ଏକା ରହୁଥିବା ମଣିଙ୍କେ ଅପେକ୍ଷା ଏମାନେ ଶୀଘ୍ର ମୃତ୍ୟୁବରଣ କରିଥାନ୍ତି । ଏମାନଙ୍କର ଚିନ୍ତା ଏବଂ ଅବସାଦରେ ଆକ୍ରାନ୍ତ ହେବା ତିନିଗୁଣ ଅଧିକ ଦେଖାଯାଇଥାଏ । ଯାହା ଜୀବନର ଗୁଣାତ୍ମକ ମାନ ହ୍ରାସ କରିଚାଲେ ।





## ଅବସାଦର ମୁଖ୍ୟ କାରଣ:

ଏକୁଟିଆ ମଣିଷ ବେଶୀ ଚିନ୍ତା କରନ୍ତି । ବୃଥାରେ ଅଧିକ ଚିନ୍ତା କରିବା ଦ୍ୱାରା ଅବସାଦର ସ୍ଥିତି ସୃଷ୍ଟି ହୁଏ, ଯାହା ହୃଦଯନ୍ତ୍ର ପାଇଁ ବିପଜ୍ଜନକ । ଆଜିକାଲି ସହରଗୁଡ଼ିକ ସହିତ କେତେକ ଗ୍ରାମରେ ମଧ୍ୟ ଆଧୁନିକ ଜୀବନଶୈଳୀ ତଥା ପରିବର୍ତ୍ତିତ ମୂଲ୍ୟବୋଧ ଯୋଗୁ ଅଧିକାଂଶ ଲୋକ ଏକାକୀ ରହିବାକୁ ବାଧ୍ୟ ହେଉଛନ୍ତି । ଲୋକେ ସୋସିଆଲ ମିଡିଆରେ ଯେତେ ସକ୍ରିୟ ରହୁଛନ୍ତି, ପ୍ରକୃତ ଜୀବନରେ ସେତିକି ନିଃସଙ୍ଗ । ଏହା ମସ୍ତିଷ୍କ ଉପରେ ଖୁବ ନକରାତ୍ମକ ପ୍ରଭାବ ପକାଇଥାଏ ।

## କ'ଣ କରିବେ:

ନିୟମିତ ଯୋଗ, ବ୍ୟାୟାମ ତଥା ଧ୍ୟାନ କରିବା ଦ୍ୱାରା ମାନସିକ ଉଦବେଗରୁ ମୁକ୍ତି ମିଳିପାରିବ । ଷ୍ଟ୍ରେସ ବା ଚିନ୍ତାରୁ ମୁକ୍ତି ପାଇବା ଲାଗି ପର୍ଯ୍ୟାପ୍ତ ସମୟ ଶୋଇବାକୁ ହୋଇଥାଏ । ଏହା ଅଭାବରେ ରକ୍ତ ଶର୍କରା, ରକ୍ତଚାପ ବଢ଼ି ଏକାଧିକ ରୋଗ ସୃଷ୍ଟିକରେ। ପାଣି ପିଇବା ଦ୍ୱାରା ଟେନସନ୍ କମେ । ତେଣୁ ଉଦବେଗ ବଢ଼ିଲେ ପ୍ରଚୁର ପାଣିପିଅନ୍ତୁ । ମନକୁ ଖୁସି ରଖିବାର ଚେଷ୍ଟା କରନ୍ତୁ । କାମ ଯେତେ କଲେ ମଧ୍ୟ ତା ଭିତରେ ମନ ଖୁସି କରିବା ଲାଗି ଗୀତ ଶୁଣନ୍ତୁ, ଫିଲ୍ମ ଦେଖିବାକୁ ଯାଆନ୍ତୁ, ଖେଳନ୍ତୁ, ବନ୍ଧୁ ପରିବାରବର୍ଗଙ୍କ ସହ କିମ୍ବା କୌଣସି ବିଶେଷ ବନ୍ଧୁଙ୍କ ସହିତ ଗପସପ କରନ୍ତୁ ନଚେତ ବୁଲିବାକୁ ବି ଯାଇପାରନ୍ତି । ବହୁବାର ଲୋକେ ନିଃସଙ୍ଗତା ପାଇଁ ନିଜକୁ ଦାୟୀ କରନ୍ତି । ସେମାନେ ଧରିନିଅନ୍ତି ଯେ ଅନ୍ୟମାନଙ୍କ ପାଖରେ ତାଙ୍କର କୌଣସି ମୂଲ୍ୟ ନାହିଁ । କିନ୍ତୁ ପରିସ୍ଥିତି ପାଇଁ ନିଜକୁ ବା ଅନ୍ୟକୁ ଦୋଷୀ କରିବା ବଦଳରେ ଏହାକୁ ସାମନା କରିବା ଜରୁରୀ

## ଏକାପଣ ଖରାପ ନୁହେଁ:



ଏକଲା ବା ନିଃସଙ୍ଗ ହୋଇ ରହିବାର କେବଳ ନକରାତ୍ମକ ପ୍ରଭାବ ନାହିଁ । ଏହାର ସକାରାତ୍ମକ ଦିଗକୁ ଦୃଷ୍ଟି ଦେଇପାରନ୍ତି । ଏହା ସମ୍ପର୍କରେ ଉପୁଜିଥିବା ସମସ୍ୟାକୁ ଠାବ କରି ସମାଧାନ କରିବାର ଇଚ୍ଛା ସୃଷ୍ଟି କରାଏ ତଥା ଉପାୟ ଖୋଜିବାରେ ସାହାଯ୍ୟ କରେ । ନିଜକୁ ଆବିଷ୍କାର କରିବାର ସୁଯୋଗ ଦିଏ । ଫଳରେ ଭବିଷ୍ୟତର ଯୋଜନା ସଫଳ ସହଜ ହୋଇପାରେ ।

# ରିଅନ ଓ କଟନ ସିଲ୍କ





ପୋଷକ ଆଗରେ ରହିଛି । ସେହିଭଳି ଏହି ସବୁ ପ୍ରତିଦିନ ପରିଧାନରେ ଚାଲୁଥିବା ବେଳେ ଖରାଦିନ କୌଣସି ଉତ୍ସବରେ ପିନ୍ଧିବା ପାଇଁ ଉକ୍ତ କପଡ଼ାରେ ଗାଉନ ବିଭିନ୍ନ ପ୍ରକାର ଡିଜାଇନ କରି ପିନ୍ଧି ହେବ । ଯାହାକି ଗରମ ଦାଉରୁ ରକ୍ଷା ପାଇ ହେବ । ସେହିଭଳି ଜିନସ ପିନ୍ଧୁଥିବା ଝିଅମାନେ ସର୍ଟ କୁର୍ତ୍ତା ସହ ବିଭିନ୍ନ ଡିଜାଇନର କଟନ, ରିଅନ କପଡ଼ାରେ ସ୍କାର୍ଫ ବ୍ୟବହାର କରିପାରିବେ।

ଶାଢ଼ି:- ଡ୍ରେସ ସହ ଶାଢ଼ି ପିନ୍ଧୁଥିବା ମହିଳାମାନେ ମଧ୍ୟ ଗ୍ରୀଷ୍ମ ଋତୁରେ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ । ଜର୍ଜେଟ୍, ସିଫନ, କଟନ ସିଲ୍କ ଶାଢ଼ି ବ୍ୟବହାର କଲେ ଏହା ଗରମରୁ ରକ୍ଷା କରିପାରିବ । ସଭା, ସମିତି ଉତ୍ସବାନୁଷ୍ଠାନରେ ମଧ୍ୟ ହାଲୁକା କପଡାର ବିଭିନ୍ନ ଡିଜାଇନ କରାଯାଇଥିବା ଶାଢ଼ି ପିନ୍ଧିପାରିବେ ।

ପୁରୁଷ:- କେବଳ ମହିଳାମାନେ ନୁହନ୍ତି, ପୁରୁଷମାନେ ମ୍ୟ ଗରମ ପାଇଁ ଜିନସ ସହ କୁର୍ତ୍ତା ଓ କଯନ ଓ କିଲେନରେ ତିଆରି ଲମ୍ବା କୁର୍ତ୍ତା ଓ ଟ୍ରାଉଜର ପିନ୍ଧି ପାରିବେ । ରଙ୍ଗ ଗୁରୁତ୍ୱ; ଏହି



ଋତୁ ଅନୁଯାୟୀ ପୋଷାକ ପରିଧାନ ଜରୁରୀ । ତେବେ ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମଋତୁରେ ପରିଧାନ କର୍ମଜୀବୀ ମହିଳା, ପୁରୁଷ ଓ କଲେଜ ପଢୁଆ ପିଲାମାନେ ପରିଧାନ ନେଇ ବେଶ ସଚେତନ ରହିଥାନ୍ତି । ବିଶେଣଷ କରି ଗ୍ରୀଷ୍ମରେ ପତଳା ପୋଷାକ ଅଧିକ ପସନ୍ଦଯୋଗ୍ୟ ହୋଇଥାଏ । ଏହା ଗରମରୁ ରକ୍ଷା କରିବା ସହିତ ଆକର୍ଷଣୀୟ ହୋଇଥାଏ । ଗ୍ରାହକଙ୍କ ଚାହିଦାକୁ ଦେଖି ବଜାରରେ ବିଭିନ୍ନ ପ୍ରକାରର ପୋଷାକ ଆସିଯାଇଛି । ଡ୍ରେସ ଡିଜାଇନରମାନେ ଖରାଦିନ ପାଇଁ ଖଦି, ରିଅନ, ସିଲ୍କ କଟନ, କଟନ ଆଦି କପଡ଼ାରେ ପୋଷାକ ପ୍ରସ୍ତୁତ କରୁଛନ୍ତି । ଗ୍ରୀଷ୍ମ ଫେସନରେ ଖଦି, ରିଅନ, ସିଲ୍କକଟନ, କଟନ ଓ ଲକ୍ଷ୍ମୌ ଷ୍ଟିଚ ଆଦି କପଡ଼ାର କୁର୍ତ୍ତା, ସରାରା, ଗରାରା

ସବୁ ପରିଧାନରେ ରଙ୍ଗ ବହୁତ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମ ଦିନେ ହାଲୁକା ରଙ୍ଗର ପରିଧାନ ପିନ୍ଧିବା ଉଚିତ । ବିଶେଷ କରି ଧଳା ପୋଷାକ ଖରାଦିନେ ବହୁତ ବିକ୍ରି ହୋଇଥାଏ । ବକ୍ସିବଜାରର ଜଣେ ଡିଜାଇନର ଦୀପିକା କୁହନ୍ତି ।

ନିଜକୁ ଆରାମ ଓ ମାନୁ ଥିବା ପୋଷାକ, ବିଶେଷ କରି ହାଲୁକା ରିଅନ, କଟନ, ଲିଲେ ନ କପଡ଼ାରେ ପ୍ରସ୍ତୁତ ପୋଷାକ ପିନ୍ଧିବା ଉଚିତ । ବର୍ତ୍ତମାନ ବଜାରରେ ଏହିସବୁ ପୋଷାକ ଚାହିଦା ବି ବଢ଼ିଛି ।

# ଦାନ୍ତ ରଗଡ଼ିବା ଅବସାଦର କାରଣ !



ଅବସାଦରେ ବିପଜ୍ଜନକ ତଥା ପ୍ରାଣଘାତକ ଦୁଷ୍ପ୍ରଭାବ ସମ୍ପର୍କରେ ତ ଆପଣ ଅଜଣା ନଥିବେ । କିନ୍ତୁ ଏହି ଅବସାଦ ଯେ ଦାନ୍ତକୁ ପ୍ରଭାବିତ କରେ, ସେ ସମ୍ପର୍କରେ ଅଧିକାଂଶ ଲୋକ ଅଜ୍ଞ ଥିବେ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସମ୍ପୂର୍ଣ୍ଣ ସତ । ଅନେକ ଲୋକଙ୍କର ଶୋଇବା ବେଳେ ଦାନ୍ତ ରଗଡ଼ିବା ଅଭ୍ୟାସ ଥାଏ । ଯଦି ଏଭଳି ସମସ୍ୟା ସବୁଦିନ ଦେଖାଦିଏ ତେବେ ତୁରନ୍ତ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। କାରଣ ବିଶେଷଜ୍ଞଙ୍କ ମତରେ ଦାନ୍ତ ରଗଡ଼ିବା ଏକ ଆନୁବଂଶିକ ରୋଗ । ଅନେକ ଲୋକଙ୍କୁ ଏହି ରୋଗ ସମ୍ପର୍କରେ ଜଣାନଥାଏ । କିନ୍ତୁ ଅବସାଦକୁ ଏହି ରୋଗର ଏକ ପ୍ରମୁଖ କାରଣ ବୋଲି କୁହାଯାଇଛି । ଦାନ୍ତ ରଗଡ଼ିବା ଶୁଣିଲେ ମନରେ ବିରକ୍ତି ଭାବ ପ୍ରକାଶ ପାଇଥାଏ । ଏହି ସମସ୍ୟା କ୍ରାନିଓଫେଶିଆଲ ନର୍ଭକୁ ପ୍ରଭାବିତ କରିଥାଏ । ଏହା ଏଭଳି ଏକ ଗତିବିଧି ଯାହା ମଣିଷର ଅବଚେତନା ଅବସ୍ଥାରେ ଘଟିଥାଏ। ତେଣୁ କାହାକୁ ଏ କଥା ଜଣାପଡ଼ିନଥାଏ । ଅଧିକାଂଶ ସ୍ଥିତିରେ ଏହା ଶୋଇବା ବେଳେ ହିଁ ହୋଇଥାଏ । ଏ ଘଟଣା କେହି ଆମକୁ କହିଲା ପରେ ଜଣାପଡ଼ିଥାଏ । ଏହାଦ୍ୱାରା ଦାନ୍ତର ବାହ୍ୟ ଅଂଶରେ ଥିବା ଏନାମଲ ହ୍ରାସ ହୋଇ ଦାନ୍ତ ଭାଙ୍ଗିଯିବାର ଭୟ ବଢ଼ିଥାଏ । ସବୁଠୁ ବାହ୍ୟ ପରତ ଏବଂ କଠୋର ଅଂଶ ହେଉଛି ଏନାମଲଏ । ଏହା ଦାନ୍ତକୁ ବିଭିନ୍ନ ପ୍ରକାର କ୍ଷତିରୁ ରକ୍ଷାକରେ । କିନ୍ତୁ ବ୍ରୁକ୍ସିମ୍ସ ରୋଗରେ ପୀଡ଼ିତଙ୍କ ଠାରେ ଏନାମଲ ଅଂଶ ଶୀଘ୍ର କ୍ଷୟ ହେବାର ସମ୍ଭାବନା ଥାଏ । କାରଣ ଏହି ରୋଗରେ ପୀଡ଼ିତଙ୍କଠାରେ ଅବସାଦର ଲକ୍ଷଣ ଅଧିକ ଦେଖିବାକୁ ମିଳିଥାଏ । ଏଭଳି ସମସ୍ୟା କମ ବୟସର ପିଲାଙ୍କଠାରେ ମଧ୍ୟ ଦେଖା ଦେଇପାରେ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ, ଶୋଇବା ପୂର୍ବରୁ ଅବସାଦମୁକ୍ତ ହେବାକୁ ପ୍ରୟାସ କରନ୍ତୁ । ଅବସାଦ ହ୍ରାସ କରିବାକୁ ଚାହିଁଲେ କମ ଶବ୍ଦରେ ଗୀତ ଶୁଣିପାରିବେ ।

# ମାଆ ବାଙ୍କେଶ୍ୱରୀ

ଗଞ୍ଜାମ ଜିଲ୍ଲା ଦଗପହଣ୍ଡି ଅନ୍ତର୍ଗତ କେରାଣ୍ଡିମାଳ ପାହାଡ଼ରେ ମାଆ ବାଙ୍କେଶ୍ୱରୀଙ୍କ ପୀଠ । ଦେବୀ ପ୍ରତ୍ୟକ୍ଷା । ଦେବୀଙ୍କ ଆବିର୍ଭାବ ସମ୍ପର୍କରେ ଏକ କିମ୍ବଦନ୍ତୀ ପ୍ରଚଳିତ । ତତକାଳୀନ ବଡ଼ଖେମୁଣ୍ଡି ରାଜା ଥିଲେ ଅନନ୍ତ ଅନଙ୍ଗକେଶରୀ । ୧୬୩୨ରୁ ୧୬୮୨ ମଧ୍ୟରେ ତାଙ୍କ ଶାସନକାଳ ଥିଲା ରାଜାଙ୍କୁ ଏକଦା ଦେବୀ ବାଙ୍କେଶ୍ୱରୀ ସ୍ୱପ୍ନାଦେଶ ଦେଲେ ଯେ, ସ୍ଥାନୀୟ ଡୁମୁକା ଗ୍ରାମର ପୂର୍ବ ଦିଗରେ ଜଣେ ଋଷିଙ୍କ ଦ୍ୱାରା ସେ ପୂଜା ପାଉଛନ୍ତି । ତାଙ୍କର ଯଥାଯୋଗ୍ୟ ପୂଜା ବିଧି କରାଯାଉ । ରାଜା ସୈନ୍ୟସାମନ୍ତ ସହ ସେହି ସ୍ଥାନକୁ ଯାଇ ଦେବୀଙ୍କ ଦିବ୍ୟ ରୂପ ଦର୍ଶନ କଲେ । ଦେବୀଙ୍କ ସେବା-ପୂଜା ପାଇଁ ରାମ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ସେବାୟତ ଭାବେ ନିଯୁକ୍ତ କଲେ । ସେହି ସମୟରୁ ରାମ ପ୍ରଧାନଙ୍କ ବଂଶଧର ଦେବୀଙ୍କ ପୂଜକ ଭାବେ କାର୍ଯ୍ୟକରୁଛନ୍ତି । ଏମାନେ ଆଦିବାସୀ ସଂପ୍ରଦାୟର ଏବଂ ଯାନି ରୂପେ ପରିଚିତ । ଦୋଳ ପୂର୍ଣ୍ଣମୀରେ ଦେବୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୁଏ । ଦେବୀଙ୍କୁ ପୂଜାର୍ଚ୍ଚନା କଲେ ଠିକ୍ ସମୟରେ ବର୍ଷା ହେଉଥିବା ସ୍ଥାନୀୟ ଲୋକଙ୍କ ବିଶ୍ୱାସ ।



# ବୈଚିତ୍ର୍ୟ ଭରା ବାରଣ୍ଡା

ବାରଣ୍ଡା ବିନା ଘର ଅସମ୍ପୂର୍ଣ୍ଣ ଲାଗେ । ପ୍ରେମ ଭରା ରୋମାଣ୍ଟିକ ମୁହୂର୍ତ୍ତ ହେଉ କି ଅବସାଦ କିମ୍ବା ଏକୁଟିଆ ରହିବା ପାଇଁ ବାରଣ୍ଡା ଖୁବ ଭଲ ସ୍ଥାନ । ଜାଣନ୍ତୁ ବାରଣ୍ଡା ସଜାଇବାର କିଛି ବିଶେଷ ଉଦାହରଣ ।



୧ ଦ୍ୱିତୀୟ ମହଲା ସହ ଲାଗିଥିବା ବାରଣ୍ଡାରେ ପହଞ୍ଚିବା ପାଇଁ ଦୁଇ ତିନିଟି ଶିଡ଼ି ଓହ୍ଲାଇବାକୁ ପଷଡ଼ । ତେବେ ଏହାର ଆକୃତି ଦେଖିଲା ଭଳି । ସାଙ୍ଗମାନଙ୍କ ସହିତ ଚା' ଓ ଖୁସିଗପ ପାଇଁ ଏଇ ବାରଣ୍ଡା ବିଲକୁଲ ଫିଟ୍ ।

୨ ଟିକେ ନିରୋଳାରେ ରହିବାକୁ ଇଚ୍ଛା ହେଉଛି ? ବାରଣ୍ଡାରେ ବସି ସହରର ଦୃଶ୍ୟ ଦେଖି ଏକାକୀତ୍ୱକୁ ଉପଭୋଗ କରନ୍ତୁ ।

୩ ଖୁବ ଛୋଟ ବାରଣ୍ଡା । କାନ୍ଥରେ ଉଜ୍ଜ୍ୱଳ ହଳଦିଆ ରଙ୍ଗ ତଥା ପ୍ରକୃତିର ହାଲକା ସ୍ପର୍ଶ ଅବସାଦ ଦୂରେଇ ମନକୁ ସତେଜ କରିବ ।

୪ ଅର୍ଦ୍ଧ ଚନ୍ଦ୍ରାକାର ବାରଣ୍ଡା ଚାରିପଟେ ଗଛର ମେଳା ! ସକାଳୁ ବାମ୍ପଉଠା ଚା' କପଟିଏ ହାତରେ ଧରି ବସିଲେ ଦିନସାରା ସତେଜ ଲାଗିବ ।

୫- ଲିଭିଂ ରୁମକୁ ଲାଗି ରହିଛି ଏଇ ଛୋଟ ବାରଣ୍ଡା । ରୁମ ଓ ବାରଣ୍ଡା ମଝିରେ ରହିଛି ସ୍ଲାଇଡିଂ ଡୋର । କାଠର ପାର୍ଟିଶନ, ପାରମ୍ପରିକ ଚେୟାର ଓ ସବୁଜିମାରେ ଭରା ବାରଣ୍ଡା ଆପଣଙ୍କ ଜୀବନର ଆବେଗମୟ କ୍ଷଣକୁ ଉଜ୍ଜୀବିତ କରିବ ।

୬- ଲିଭିଂ ରୁମର ଏକ୍ସଟେନ୍ସନ୍ ଭାବରେ ତିଆରି ହୋଇଛି ଏଇ ବାରଣ୍ଡା । କାଚର ସ୍ଲାଇଡିଂ ଡୋର ହେଲା ବିଭାଜିକା । ଘରେ ବସି ସାଙ୍ଗ ସାଥୀମାନଙ୍କ ସହିତ ଖୁସିଗପ ହେବା ସାଙ୍ଗକୁ ସହରର ଦୃଶ୍ୟକୁ ଉପଭୋଗ କରିବାର ଏକ ନିଆରା ବ୍ୟବସ୍ଥା ।

୭- ବାରଣ୍ଡାରେ ନୂଆ ମାତ୍ରା ଆଣିଛି ଏକ ଦୋଳି । ଏକୁଟିଆ କିମ୍ବା ଦୁହେଁ ମିଶି ଅବସର ସମୟ ବିତାଇବା ପାଇଁ ଏହାଠାରୁ ଉପାୟ ଆଉ କ'ଣ ହୋଇପାରେ !



# ବହୁମୂତ୍ରର ପ୍ରତିକାର

**ମେଥି:**
୨ରୁ୩ ଚାମଚ ମେଥି ଗୁଣ୍ଡ ମାଣିରେ ମିଶାଇ ଖାଲି ପେଟରେ ପ୍ରତିଦିନ ସକାଳୁ ପିଇଲେ ଏହି ରୋଗକମିଯାଏ । ଏହା ସହିତ ପାଖୁଡ଼ା ରସୁଣ ଖାଇଲେ ଅଧିକ ଉପକାର ମିଳେ ।

**କୋଳଥ:**
୧୫ଗ୍ରାମ କୋଳଥକୁ ପାଣିରେ ଦିନେ ବତୁରାଇ ରଖନ୍ତୁ । ଏହାକୁ ଛାଣି ଖଣଲି ପେଟରେ ପ୍ରତିଦିନ ପିଇଲେ ବହୁମୂତ୍ର ରୋଗ କମିଯାଏ ।

**ଜାମୁକୋଳି:**
ପାଚିଲା ଜାମୁକୋଳି ମଞ୍ଜିକୁ ଗୁଣ୍ଡ କରନ୍ତୁ । ଏହି ଗୁଣ୍ଡକୁ ସକାଳେ ଖଣଲି ପେଟରେ ଏକ ଚାମଚ ଖାଇଲେ, ବହୁମୂତ୍ର ରୋଗରୁ ମୁକ୍ତି ମିଳେ ।

**ଡିମିରି ଚେର:**
ଏହି ଗଛର ଚେରକୁ ବାଟି ଏକ ମାଟିପାତ୍ରରେ ରଖନ୍ତୁ । ଖାଲି ପେଟରେ ପ୍ରତିଦିନ ୨ରୁ୪ଚାମଚ ଲେଖାଁଏ ଖାଇଲେ ବହୁମୂତ୍ର ରୋଗରୁ ଉପଶମ ମିଳିଥାଏ ।





# ରଙ୍ଗିନ୍ ସରଞ୍ଜାମ





ଫେଶନ୍ କହିଲେ ରଙ୍ଗର ସମନ୍ୱୟ ଏବେ ବସନ୍ତ ଋତୁ ହୋଇଥିବାରୁ ଚାରିଆଡ଼େ ରଙ୍ଗର ଛଟା । ଏହି ସମୟରେ ପୋଷାକ ପରିଧାନରେ ରଙ୍ଗମୟ ପ୍ରଭାବ ରହିଲେ ଏହା ଋତୁ ଓ ଫେଶନ ସହିତ ମେଳ ହୋଇପାରେ । ରଙ୍ଗ ମଧ୍ୟ
[illegible]
[illegible]
[illegible]
[illegible]
କିମ୍ବା ବାହାରକୁ ବୁଲି ଯାଉଥିଲେ ଏହାକୁ ଯେକୌଣସି ପୋଷାକରେ ପିନ୍ଧା ଯାଇପାରେ । ପୋଷାକ ସହିତ ମ୍ୟାଚିଂ ପାଇଁ ଚିନ୍ତା କରିବାକୁ ପଡ଼େନାହିଁ । ଏଭଳି କ୍ଲିପ୍ ମଧ୍ୟ ସାଦାସିଧା ପୋଷାକରେ ବି ଭିନ୍ନ ରୂପ ଦେଇପାରେ । ରଙ୍ଗିନ୍ ବ୍ରେସଲେଟ ପିନ୍ଧି ନିଜକୁ ପାରମ୍ପାରିକ ସହିତ ପାଶ୍ଚାତ୍ୟ ରୂପରେ ସଜାଇପାରିବେ ତେବେ କାନରେ ଯଦି ବହୁରଙ୍ଗୀ ରିଂ ପିନ୍ଧିଥାନ୍ତି, ଏହା ସହିତ ଏପରି ବ୍ରେସଲେଟ ପିନ୍ଧନ୍ତୁ ନାହିଁ । କଳା କିମ୍ବା ଅନ୍ୟ ସାଦାରଙ୍ଗର ଟପ୍ ସହିତ ବହୁରଙ୍ଗୀ ଚୋକର ଶୈଳୀର ନେକପିସ୍ ପିନ୍ଧିଲେ ଭଲ ଦେଖାଯାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୫ ଫେବୃଆରୀ ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାଧାରଣ ଲୋକଙ୍କ ଖୁସି...

ଗତବର୍ଷ ଅର୍ଥାତ ୨୦୨୦ରେ ମହାମାରୀ କୋଭିଡ୍-୧୯ର ଆଗମନ ପରଠାରୁ ଦେଶର ଅର୍ଥନୀତିକ ଅବସ୍ଥା ନୀତି ନିର୍ଦ୍ଧାରକମାନଙ୍କଠାରୁ ଆରମ୍ଭ କରି ସାଧାରଣ ନାଗରିକଙ୍କ ପାଇଁ ଏକ ମୁଣ୍ଡବିନ୍ଧାର କାରଣ ପାଲଟିଛି। ମହାମାରୀର କବଳରୁ ଜୀବନ ବଂଚାଇବାକୁ ଯାଇ ଅନେକଙ୍କର ଜୀବିକା ଉଜୁଡ଼ି ଯାଇଛି। ଏହାକୁ ସଜାଡ଼ିବାକୁ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି ସରକାରମାନେ। ଇତିମଧ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍ ମଧ୍ୟ ଉପସ୍ଥାପିତ ହୋଇ ସାରିଛି, ଯାହାକୁ ଆପାତତଃ ଏକ ସୁଷମ ବଜେଟ୍ ବୋଲି କୁହାଯାଇପାରିବ। ମୋଟାମୋଟି ଦେଶର ଆର୍ଥିକ ପରିସ୍ଥିତି ନଭେମ୍ବର ମାସ ପରଠାରୁ ଧୀରେଧୀରେ ସୁଧୁରିବାକୁ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ପ୍ରକାଶ ପାଇଥିବା ସଦ୍ୟତମ ଖାଉଟି ମୁଦ୍ରାସ୍ଫୀତି ସମ୍ପର୍କିତ ରିପୋର୍ଟ ଆର୍ଥିକ କର୍ତ୍ତୃପକ୍ଷମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ଆଣିଦେବା ଭଳି ହୋଇଛି। ଜାନୁଆରୀ ମାସରେ ଖାଉଟି ମୂଲ୍ୟ ସୂଚକାଙ୍କ ବୃଦ୍ଧି ପାଇଛି ୪.୦୬ ପ୍ରତିଶତ ଯାହାକି ବିଗତ ୧୬ ମାସ ଭିତରେ ଲଗାତାର ଦ୍ୱିତୀୟ ଥର ପାଇଁ କମ୍ ରହିଛି। ଏହା ପୂର୍ବରୁ ମୁଦ୍ରାସ୍ଫୀତି ଗତ ନଭେମ୍ବର ମାସ ପର୍ଯ୍ୟନ୍ତ ଛଅମାସ ପାଖାପାଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସର୍ବୋଚ୍ଚ ସହନ ଶକ୍ତି ସୀମା ୬ ପ୍ରତିଶତ ବା ତା'ଠୁ ସାମାନ୍ୟ ଅଧିକ ରହି ଆସିଥିଲା। ପରବର୍ତ୍ତୀ ସମୟରେ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ହ୍ରାସ ଫଳରେ ଏହା କମିବାକୁ ଆରମ୍ଭ କରିଥିଲା। ନିର୍ଦ୍ଦିଷ୍ଟ ଭାବରେ କହିଲେ, ଗତ ମାସରେ ପନିପରିବା ଦରରେ ୧୫.୮ ପ୍ରତିଶତର ହ୍ରାସ ଦେଖାଯିବାରୁ ଖାଉଟି ଖାଦ୍ୟଦ୍ରବ୍ୟ ମୂଲ୍ୟ ମାତ୍ର ୧.୮୯ ପ୍ରତିଶତ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଥିବା ବେଳେ ଖରି ଫସଲର ଭଲ ଅମଳ ସହିତ ବଜାର ପ୍ରବେଶ ଲଗାତର ଦ୍ୱିତୀୟ ମାସ ପାଇଁ ଡାଲିଜାତୀୟ ପଦାର୍ଥଗୁଡ଼ିକର ଦରକୁ କମ୍ କରିବାରେ ସହାୟକ ହୋଇଛି। ଖରିଫ ଫସଲ ଅମଳରେ ଉନ୍ନତି, ରବି ଫସଲ ଅମଳ ଭଲ ହେବାର ସମ୍ଭାବନା, ଶୀତ ଋତୁରେ ଚାଷ ହୋଇଥିବା କେତେକ ପ୍ରମୁଖ ଫସଲର ପର୍ଯ୍ୟାପ୍ତ ପରିମାଣର ଆଗମନ ସହିତ ବାର୍ଡ଼ଫ୍ଲୁ ଯୋଗୁଁ ଅଣ୍ଡା ଏବଂ ମାଂସଜାତୀୟ ସାମଗ୍ରୀଗୁଡ଼ିକ ଉପରେ ଚାହିଦାରେ ହ୍ରାସ ଘଟିବା କାରଣରୁ ଆଗାମୀ ମାସଗୁଡ଼ିକରେ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଘଟିବାର ସମ୍ଭାବନା ରହିଥିବା ସମ୍ପର୍କରେ ଆରବିଆଇ ଏହାର ଚଳିତ ମାସର ଆର୍ଥିକ ନୀତି ବିବରଣୀରେ ଉଲ୍ଲେଖ କରିଛି। ତେବେ ଏଥିସହିତ ଯେଉଁସବୁ ଅଂଚଳରେ ଡାଲିଜାତୀୟ ସାମଗ୍ରୀ ଏବଂ ଖାଇବା ତେଲର ଦର ବୃଦ୍ଧି ଯୋଗୁଁ ଖାଦ୍ୟର ମୂଲ୍ୟ ବୃଦ୍ଧି ପାଇଛି, ସେସବୁ ଅଂଚଳର ସଦ୍ୟତମ ତଥ୍ୟ ହାସଲ କରିବା ପରେ ତାକୁ ନେଇ ଆରବିଆଇ ମଧ୍ୟ ଚିନ୍ତିତ ରହିଛି। ଏହିସବୁ ଅଂଚଳରେ ଡାଲିଜାତୀୟ ପଦାର୍ଥ ଏବଂ ବିଭିନ୍ନ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ୧୩.୪ ପ୍ରତିଶତ ଥିବାବେଳେ ତୈଳ ଏବଂ ଚର୍ବିଜାତୀୟ ପଦାର୍ଥଗୁଡ଼ିକ ଉପରେ ରହିଥିଲା ୧୯.୭ ପ୍ରତିଶତ। ସେହିପରି ପ୍ରୋଟିନର ମୁଖ୍ୟ ଉତ୍ସ ଅଣ୍ଡା, ମାଛ ଏବଂ ମାଂସ ଦର ମଧ୍ୟ ଯଥାକ୍ରମେ ୧୨.୯ ଏବଂ ୧୨.୫ ପ୍ରତିଶତ ବୃଦ୍ଧି ପାଇବାରୁ ଏସବୁ ଅଂଚଳରେ ବାର୍ଡ଼ ଫ୍ଲୁର କୌଣସି ପ୍ରଭାବ ପଡ଼ି ନଥିବା ଜଣାପଡ଼େ। ଏବେ ଯେତେବେଳେ ଅନୁକୂଳ ମୌଳିକ ପ୍ରଭାବ ଉଭେଇ ଯିବାକୁ ଲାଗିଛି, ଭବିଷ୍ୟତର ଆଶା ମଧ୍ୟ କ୍ୱଚିତ୍ ସେତେ ଆଶ୍ୱାସନମୂଳକ ପ୍ରତୀୟମାନ ହୁଏ। ବିଶେଷକରି ବିନିର୍ମାଣ କ୍ଷେତ୍ରକୁ ମିଶାଇ ବାସ୍ତବ ଅର୍ଥନୀତିର ଅନେକଗୁଡ଼ିଏ ଉଦ୍ୟୋଗର ବିନିବେଶ ମୂଲ୍ୟ ଚିନ୍ତାଜନକ ରହିଛି। ଉଦ୍ୟୋଗଗୁଡ଼ିକ ସୁରୁଖୁରୁରେ ଚାଲୁ ରହିବା ସହିତ ଲାଭ କରିବା ପାଇଁ ତଥା ଖାଉଟିମାନେ କମ୍ ଦରରେ ବିଭିନ୍ନ ସାମଗ୍ରୀ କ୍ରୟ କରିବାର ମୂଲ୍ୟ ଅନେକାଂଶରେ ନିର୍ଭର କରିଥାଏ କଂଚାମାଲର ଦର ଉପରେ। ଲକ୍ଷ୍ୟ କରାଯାଇଛି ଯେ ଅଟୋମୋବାଇଲ ନିର୍ମାତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଖାଉଟି ସାମଗ୍ରୀର ଉତ୍ପାଦନକର୍ତ୍ତାଙ୍କ ସମେତ ବିଲଡରମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆବଶ୍ୟକ କଂଚାମାଲର ଦର ବୃଦ୍ଧି ପାଇଛି, ଯାହାର ପରିଣତି ଖାଉଟିଙ୍କୁ ଭୋଗିବାକୁ ପଡୁଛି। ପୁଣି ତାହା ଏଭଳି ବେଳରେ ହୋଇଛି, ଯେତେବେଳେ କି ବଜାରରେ ବିଭିନ୍ନ ଜିନିଷର ଚାହିଦାରେ ଆଶାନୁରୂପ ବୃଦ୍ଧି ଘଟିନାହିଁ। ପ୍ରାୟ ଦୁଇବର୍ଷ ହେବ କ୍ରୟ କରିବାର ମୂଲ୍ୟରେ ଦ୍ରୁତ ବୃଦ୍ଧି ଦେଖାଯିବା ଯୋଗୁଁ ଯୋଗାଣ ପକ୍ଷ ସଂକୁଚିତ ହେବା ସହିତ ଦୋଦୁଲ୍ୟମାନତା ଏହାକୁ ଆକ୍ରାନ୍ତ କରିଥିବାବେଳେ ଏହା ମୁଦ୍ରାସ୍ଫୀତିର ଚାପକୁ ବଢ଼ାଇବାରେ ସାହାଯ୍ୟ କରିଛି। ଉତ୍ପାଦନକର୍ତ୍ତାମାନେ ବିଗତ ଏକବର୍ଷ ହେବ ସେମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକର ମୂଲ୍ୟ ଅତି ଦ୍ରୁତଗତିରେ ବୃଦ୍ଧି କରିଥିବା କଥା ସଦ୍ୟତମ ଆଇଏଚ୍ଏସ୍ ମାର୍କିଟ ଇଣ୍ଡିଆ ମ୍ୟାନୁଫାକଚରିଂ ପଚେର୍ଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ଉଲ୍ଲେଖ କରିଛି।

# ଭକ୍ତକବି ମଧୁସୂଦନ ରାଓ



ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଡେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟମାନଙ୍କ ମଧରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି -

"ମଧୁ ଜନ୍ମ ତିଥି
ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ
ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ
ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ
କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ।

ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ ପରିଦର୍ଶନରେ ଗଲେ। ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁ ଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ। ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୁଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା। ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ। ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ କଟକ ଆସି ପାଠପଢ଼ିଲେ। କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ। ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ। ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା। ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା। ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ। କଠୋର ଅଧବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ।

ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା। କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ। ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ। ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି।

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂତନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ'।

୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ। ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ। ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ମାଳିକା ବଚନରେ ଅଛି...

ଅଜୟ କୁମାର ବେହେରା

'ଆଗ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିଜାରୀ, ଶେଷେ ମରିବେ କୃଷିକାରୀ।' ସୂତ୍ରଧାରୀଥିବା ବୃତ୍ତିଜିବୀ ବା ସୂତାର ଭୂଷଣରେ ପରିଚିତ ଥିବା ମନୁଷ୍ୟମାନେ, ଏଠାରେ ପ୍ରଥମେ ପଇତା ପକାଉଥିବା ବ୍ରାହ୍ମଣ, ଗ୍ରହବିପ୍ର, ଦୀକ୍ଷିତ ବ୍ୟକ୍ତି, ସନ୍ନ୍ୟାସୀଙ୍କୁ ବୁଝାଉଛି। ତନ୍ତୀ, ତୁଳାଭିଣା, ସୂତା ବ୍ୟବସାୟୀଙ୍କୁ ସୂତା ନେଇ ବଞ୍ଚିବା ଦର୍ଶାଉଛି। ଅରଟରେ ସୂତା କାଟି ନଖି ବଳିତା ପ୍ରସ୍ତୁତକାରୀ ଏମାନଙ୍କୁ ବୁଝାଉଛି। ଅରଟ ଚିହ୍ନ କଂଗ୍ରେସ ପାର୍ଟି ପତାକାରେ ଅଛି। ସେ ଦଳ ବଢ଼େଇମାନେ କାଠରେ ଦାଗ ଦେଇ କାଠ କାଟନ୍ତି, ଧାତବ ଚାଦରରେ ବା ଲୁହାଖଣ୍ଡରେ ଚକ ଖଡ଼ି ପେନସିଲର ସୂତାର ଦାଗ ଦେଇ ଗ୍ରାମ୍ୟ କମାର ଲୁହା ବା ଧାତୁଖଣ୍ଡକୁ ବିଚ୍ଛିନ୍ନ କରନ୍ତି। ଏମାନେ ବି ସୂତ୍ରଧର କୁମ୍ଭାର ହାଣ୍ଡି ମାଠିଆଦି ମାଟି ପିଣ୍ଡୁଳାକୁ ଚକ୍ରରେ ଘୁରାଇ ହାତକୌଶଳରେ ତାର ରୂପର ଉପରଭାଗ ପ୍ରସ୍ତୁତ କରି ଏକ ସୂତାରେ ଚକ୍ର ଉପର ମାଟିରୁ ବିଚ୍ଛିନ୍ନ କରନ୍ତି ଅତଏବ ଏବି ସୂତ୍ରଧର ଏମିତି କିଛି ସୂତ୍ରଧାରୀ ପ୍ରତ୍ୟକ୍ଷରେ ରହିଛନ୍ତି।

ଭିନ୍ନ ସୂତ୍ରଧାରୀ ହେଲେ ଏକ ସମ୍ଭବନାକୁ ବୃତ୍ତି ରୂପେ ପସନ୍ଦ କରି ଜୀବିକା ଚଳାନ୍ତି। ଏ ମଧରେ ଓକିଲଙ୍କ ପରି ଆଇନଜୀବୀ, ବ୍ୟବହାରଜିବି, ମୋହରିର ମଧସ୍ଥି, ଦଲାଲ, ଖବରକାଗଜରେ ବୃତ୍ତି ଚଳାଉଥିବା ମାସିକ ପାକ୍ଷିକ ସପ୍ତାହି ପତ୍ରିକା ସମ୍ପାଦନକାରୀ ଜ୍ୟୋତିଷୀ, ଗାଡ଼ି ମାଲିକ ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଗ୍ୟାରେଜ ଏ ସମ୍ବନ୍ଧ ବୃତ୍ତିରେ, ଜୀବିକାଧାରୀ, ଶିକ୍ଷା ଅନୁଷ୍ଠାନ, ଘରୋଇ ଶିକ୍ଷକ, ଏମଧରେ ଆସିବେ ଯେଉଁମାନେ ସୂକ୍ଷ୍ମ ସୂତ୍ରରେ ବଞ୍ଚିଛନ୍ତି। ସଙ୍ଗୀତଜ୍ଞ ଅପେରା ପାର୍ଟିର ନଟନଟୀ ବାଜାଦାର, ଫିଲମ ଧନ୍ଦା, ନର୍ତ୍ତନ ବିଦ୍ୟାରେ ଜଡ଼ିତ ଏମାନେ ବି ସୂକ୍ଷ୍ମ ସୂତ୍ରଧର ଧନ୍ଦାରେ ଜୀବିକା ଚଳାନ୍ତି। ଏସବୁ ସୂତ୍ରଧାରୀ ଧନ୍ଦାରେ ଆସି ତାଙ୍କୁ ଆଗ ନାଶ ଦିଗକୁ ଭିଡ଼ିବ। ତନ୍ତୀଙ୍କର ସୂତା ନ ହେଲେ ବୃତ୍ତିନାହିଁ। କାଳକ୍ରମେ ବଡ଼ ବଡ଼ କାରଖାନାରେ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ସୂତା ଛଡ଼ାଗଲା ନାହିଁ। ଶେଷରେ ସୂତାକଳ, ଲୁଗାକଳ ଚଟକଳ ପରି ସଂସ୍ଥାରେ ବୃତ୍ତି ଧରିବା ଲୋକେ କାରଖାନାର କଳ ବନ୍ଦ ଯୋଗୁ ବେକାର ହୋଇ ଗୃହାଭିମୁଖୀ ହେଲେ। ଏହି ସୂତ୍ରଧରଙ୍କ କାହାଣୀ ବହୁ ଦୁଃଖଦ। ବାଣିଜ୍ୟକାରୀମାନେ ଅନେକ ବଡ଼ରୁ ଅନେକ ଛୋଟ ଅଛନ୍ତି। ଛୋଟ ବଣିଜଙ୍କର ଆସ୍ଥା ବଡ଼ ବାଣିଜ୍ୟ ସଂସ୍ଥାରେ ଥାଏ। ଏ ପାଇଁ ପାଇକାରୀ ଖୁଚୁରା ଧନ୍ଦା ଥାଏ। ପଣ୍ୟଦ୍ରବ୍ୟ ସଂଗ୍ରହ କରି ଏକାଠି କରି ରଖି ତାକୁ ଖୁଚୁରା ବଣିକଙ୍କ ଦ୍ୱାରା ଖାଉଟି ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟ ସର୍ବଦା ଚାଲିଆସେ। ମାତ୍ର ଏମିତି ସମୟ ଆସିଲା ପଣ୍ୟ ଦ୍ରବ୍ୟ ପ୍ରସ୍ତୁତ ସ୍ଥାନ ଉପରେ ବଡ଼ ବଣିକଙ୍କର ଅଧିକାର ଆସିଗଲା ଓ ବଜାର ଭାଉ ନିୟନ୍ତ୍ରଣ କ୍ଷମତା ତାଙ୍କ ହାତକୁ ଆସିଗଲା। ସେମାନେ ଖୁଚୁରାଙ୍କୁ ଦେଖିବାକୁ ଆଉ ପସନ୍ଦ ନକରି ସିଧାସିଧା ଖାଉଟିଙ୍କୁ ବିକ୍ରୟ ପାଇଁ ଚେଷ୍ଟା ଆରମ୍ଭ କଲେ। ସରକାର କରିଥିବା ସହଯୋଗ ସମିତି ନିୟମକୁ କୌଶଳରେ ଆପଣେଇ ରାଜକର ରିହାତି ର ବି ଉପଭକ୍ତା ହୋଇଗଲେ। ଫଳରେ ପଣ୍ୟଦ୍ରବ୍ୟର ବହୁ ଅଭାବ, ଖୁଚୁରା ବଣିକଙ୍କ ବାଣିଜ୍ୟ ଉପରେ ଆଘାତ ତାଙ୍କ ପାଖରୁ ଦ୍ରବ୍ୟ କିଣିଲେ ମହଙ୍ଗା ମଲ୍‌ରୁ କିଣିଲେ ଶସ୍ତା ଏପରି ସ୍ଥଳେ ଛୋଟ ବଣିକ କ୍ଷତି ସହିବାରୁ ବଞ୍ଚିବା ଦୁରୁହ। ହାଟ ବଜାର ସ୍ଥଳକୁ କାନୁନ ସ୍ଥାନାନ୍ତର ହଠାତ୍ କରାଇ ଦେବାରୁ ଦ୍ରବ୍ୟ ସଂରକ୍ଷଣ ଧାରା ଗଣ୍ଡଗୋଳ ହେଲା ଓ ସମୟ ଧାର୍ଯ୍ୟରେ ଦୋକାନ ଖୋଲା ବନ୍ଦ ବୋଝ ଉପରେ କୋରଡ଼ା ଆସିଲା। ଏଥିରେ ନିଶ୍ଚେ ବିକ୍ରୟ ହେବା ସମ୍ଭାବନା ବିଲୁପ୍ତ ହୋଇ ବଣିଜାରୀଙ୍କୁ ଶେଷ କଲା। ପୁଣି ଲୋକ ଏକାଧିକ ଜମି ପାରିବେ ନାହିଁ ନିୟମରେ ମଲ୍ ଗୁଡ଼ିକ ବନ୍ଦ ହୋଇ କଞ୍ଚାଦ୍ରବ୍ୟ ଓ ମିୟାଦଯୁକ୍ତ ଦ୍ରବ୍ୟ ନଷ୍ଟ ହେଲା ଏଥିରେ ବଣିଜାରୀ ମାନେ ଶେଷ ହେଉଛନ୍ତି ନା ନାହିଁ। କୃଷିକାରୀମାନେ ଶେଷରେ ମରିବେ ଅର୍ଥ ଯେ ଚାଷ କରନ୍ତି ସେ ତାଙ୍କ କୁଟୁମ୍ବ ପାଇଁ ଶସ୍ୟ ପନିପରିବା ଆଗ ରଖନ୍ତି। କୌଣସି ଟିକେ ଖାଇ ଢ଼ୋକେ ପିଇ ସମୟ କାଟନ୍ତି। ଦିଗଛ ଶାଗ, ସଜନା ଶାଗପତ୍ର, ଲଙ୍କା, ଅମୃତଭଣ୍ଡା, ନଡ଼ିଆ, କଦଳୀ, ମାଟିଆଳୁ, ସାରୁ, ପିତା ଭାଡି କଖାରୁ, ଜହ୍ନି, ଛଚିନ୍ଦା, ପୋଇରେ କୃଷିକାରୀ ତାର ଘର ଚଳାଇ ଆସୁଛନ୍ତି। ବିଲରୁ ଧାନ-ମୁଗ, ବିରି, କୋଳଥ, ମାଣ୍ଡିଆ ବର୍ଷକ ଆହାର ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇବା ଚିନ୍ତାରେ ରହୁଥିବାରୁ ପ୍ରକୃତରେ ଏମାନେ ମରୁଡ଼ି ଦୁର୍ଭିକ୍ଷ ମଡ଼କରେ ବି ରହିଯାଇ ପାରନ୍ତି ବା ଶେଷରେ ଶେଷ ହୁଅନ୍ତି। ଶାସ୍ତ୍ରକାରଙ୍କ ଭବିଷ୍ୟତ ଦର୍ଶନ ଯଥାର୍ଥ ଓ ଠିକ୍ ଏହି କରୋନା ଭୋଗ ସମୟ ଏହି ପ୍ରମାଣ କରିଦେଉଛି।

+ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୦୩୧୨୫୩



## ଭୁଲ ଠିକଣା

ବୈଷ୍ଣବ ମେହେର

କେଉଁଠି ଥାପିବି ପାଦ
ଜହ୍ନ ରାତି
ଗହଳ କ୍ଷେତ
ଦରୋଟି ହସ
ଥପଥପ ଝରୁଥିବା ମହୁଲ ଫୁଲ
ସବୁଠି-
ବୀଜପତ୍ର ଟିଏ ମେଲେଇବା ଆଗରୁ
ଚରିଯାଇଛି ଲହଲହ
ଲହଡ଼ି ନିଆଁର ।

ଏବେ ତ ଜରାୟୁ ଭିତରେ
ବାଟ ଭୁଲିଛି ଫୁଲ
ଲାଲ ପଳାଶ ହେଉଛି ବିବର୍ଣ୍ଣ,
ଘର କରିବି କରିବି ବୋଲି
ଧାଙ୍ଗଡ଼ିକୁ ମାଗିଲି ପାଣି
ଚଉଁରାକୁ ବଣ ବି
ଝରିଆ ଗଙ୍ଗାକୁ ନିୟମ ପକେଇ
ଭାବିଲି...
ଭୁଲେଇ ଦେବି
ହେଲେ-
ସେହି ଏକା ପ୍ରଶ୍ନ ଅବିଶ୍ୱାସର
ସମସ୍ତେ ପରିଚୟହୀନ ।

ଠିକ ଏତିକି ବେଳେ
ମନେ ପଡ଼ିଗଲା ଉଦନ୍ତୀ କଥା
ତରତର ହୋଇ ବାହାରିଲା ବେଳକୁ
ସେବି ଝରୁଥିଲା...
ମୋ ବାଥରୂମ୍‌ର ସାୱାର ତଳୁ
ମାର୍ବଲ ଲଗା ଚଟାଣକୁ ।

+ଶିକ୍ଷକ
ସିନାପାଲି,ନୂଆପଡ଼ା

## କୋଣାର୍କ-୦୩

ଧ୍ରୁବ ଚରଣ ବେହେରା

ଡ-ଡରେ କମ୍ପମାନ ସାମନ୍ତ ସମ୍ମାନ
କଥା ଦେଇଛନ୍ତି ବିଶୁ
ଆସନ୍ତା ପ୍ରଭାତେ ଅନ୍ତିମତା ନେଇ
ମୁଣ୍ଡି ଏ ମନ୍ଦିରେ ହସୁ ।

ଢ- ଢଣା ଢଳ ଚକ୍ଷୁ ନିଶି ଦେଖି ସ୍ଥିର
କିଏ ସେ ରଖିବ ଶିର ?
ହୃଦୟ ମୋ କାନ୍ଦେ ସାଥିଙ୍କର ଲାଗି
ମନ ମୋ ହୁଏ ଅଧିର ।

ନ-ନତ ହୋଇଯିବ ମସ୍ତକ ମୋହର
କଳା ପଡିଯିବ ଫିକା
କାରିଗର କୁଳେ ପଡିବ ବୋବାଳି
ନ ରହିବେ ବନ୍ଧୁ ସଖା ।

ତ- ତନ ତନ ମୋର ପ୍ରତିଟି ସ୍ପନ୍ଦନ
ବହେ ତନୁ ଶ୍ରମ ଝାଳ
ହେ ବିଶ୍ୱ ବିଧାତା ଦିଅ ମୋତେ ବୁଦ୍ଧି
ଫେରୁ ମୋ ସୁଖର ବେଳ ।

ଥ-ଥମିବାର ନାହିଁ ମୋ ଆତ୍ମା
ରୋଦନ
ବଢଇ ବପୁ କମ୍ପନ
ଏ ସମୟେ ଆସି କିଶୋର ବାଳକ
କରେ ପିତା ନମଃ ନମଃ ।

ଦ-ଦଧି ଚୁଡା ବାନ୍ଧି
ସାଥେ କୋଳି ନେଇ
ଆଣିଛି ମାଗି ମେଲାଣି
ମମତାମୟୀର ଶୋକେ ଗଦ ଗଦ
କହିଲା ସବୁ ବଖାଣି ।

ଧ- ଧନରେ ପଡିଛି ବିପଦ ପିତାଙ୍କୁ
କେ ହେବ ସାହା ଭରସା
କହିଛନ୍ତି ମାତା, ଶୁଣିଛି ମୁଁ ପିତା
ରଖିବି ସାହସିକତା ।

ନ-ନ ହେବ ଆପଦ ଦୃଢ କର ଚିତ୍ତ
ଦେବି ମୁହିଁ ସହାୟତା
କାଲି ପ୍ରଭାତର ପୂର୍ବ ଆଭାସରେ
ପଡିବ ଏ ଯବନିକା ।

ପ-ପଙ୍କିଳ ନହେବ ଶ୍ରମର ସାର୍ଥକ
ଅମର ଏ କାରୁକାର୍ଯ୍ୟ
ପିତାଙ୍କ ବଚନେ ଚଢିଲା ଶିଖରେ
ନେଇ ବଢେଇଙ୍କ ଧର୍ଯ୍ୟ ।

ଫ-ଫଗୁଣ ଆକାଶେ ରଙ୍ଗ କି ଖେଳୁଛି
ପୂର୍ଣ୍ଣମୀ ସମ୍ଭାର ନେଇ
ଚମକି ଉଠିଲା ଦେଉଳ ଶୀର୍ଷରେ
ନଉତି ପ୍ରତିମା କଇଁ ।

ବ-ବରଷ ପୂରିନି ବାର ଯେ ଯାହାର
ଧନ୍ୟ ତା ଦମ୍ଭ ସାହସ
ରଖିଗଲା ଯଶ ବଢେଇ କୁଳର
ନିହାଣ ମୁନର ହସ ।

ଭ-ଭବ୍ୟ କଳିଙ୍ଗର ନବ ପାଟରାଣୀ
ଜୀବନ୍ତ ସ୍ୱପ୍ନ ସୁନ୍ଦରୀ
ନାହିଁ ପଟାନ୍ତର ସେ କଳା କୃତିର
ପଥର କୀର୍ତ୍ତି କୁମାରୀ ।

+ଭାରତୀୟ ସାମରିକ ସେବା
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪





## ଅପେକ୍ଷା ରହିବ ପୁଣି

ବିନୟ ଭୂଷଣ ପାଣିଗ୍ରାହୀ

ସରକାରୀ ଘୋଷଣା ହୋଇଛି
ନଗଦ, ଏଇ ଏବେଏବେ
କେହିଜଣେ ଶୋଇବେନି ଆଉ
ମୁକ୍ତାକାଶ ତଳେ
ଖରାରେ ସିଝିବେ ନାହିଁ,
ବର୍ଷାରେ ଭିଜିବେ ନାହିଁ
ଶୀତରେ ଥରିବେ ନାହିଁ
ଖରା-ବର୍ଷା-ଶୀତର ଦାଉରେ।
କେମିତି ସମ୍ଭବ ଏକଥା !
ପ୍ଲାଟଫର୍ମ ଟିକେଟର ଦର
ଦଶରୁ ହେଇଛି ପଚାଶ,
ବଖରାଏ ଘର ବି ହେଇନି
ତାଙ୍କପାଇଁ ଗୁଂଜିବାକୁ ମଥା !

ହଁ, ଘୋଷଣା ହେବନାହିଁ ବୃଥା
ଦୁଇଟି ସର୍ତ୍ତରେ;
ବସନ୍ତ ଓ ହେମନ୍ତ ପରି
ହଜିଗଲେ ବାକିତକ ଋତୁ
ନତୁବା,
ରାତାରାତି ଲୁପ୍ତ ହେବେ ଯଦି
ଯେତେସବୁ ମୁକ୍ତାକାଶ ତଳେ
ଶୋଇବା ନିଶାରେ ଆସକ୍ତ।
ଯଦି ଦୈବାତ ହେଲା ପୂର୍ବବତ
ଅପେକ୍ଷା ରହିବ ପୁଣି
କି ଘୋଷଣା କରିବେ ସର୍କାର
ଆଗାମୀ ଦିନରେ।

+ହରସିଂହପୁର, ପିରହାଟ ବଜାର,
ଭଦ୍ରକ-୩୧
ମୋ: ୯୯୩୭୫୪୮୪୩୧





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**

**ଭାଗ-୭**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ହସ୍ତିନାପୁର । କୁରୁ ରାଜ୍ୟର ସମୃଦ୍ଧଶାଳୀ ରାଜଧାନୀ । ସମଗ୍ର ଆର୍ଯ୍ୟାବର୍ତ୍ତର ପ୍ରାଣକେନ୍ଦ୍ର । ମହାପରାକ୍ରମୀ ଯୋଦ୍ଧାମାନଙ୍କ ଲୀଳାଭୂମି । ବିରାଟ, ପ୍ରଶସ୍ତ ରାଜପଥ । ନଭଶ୍ଚୁମ୍ବୀ ଅଟ୍ଟାଳିକା, କେବଳ ପ୍ରାସାଦମୟୀ ନଗରୀ ନୁହେଁ, ମନ୍ଦିର ମାଳିନୀ ହସ୍ତିନାପୁର ନଗରୀ । କାହିଁ କେଉଁ ଅନାଦି କାଳରୁ ଗର୍ବରେ ମୁଣ୍ଡଟେକି ଛିଡ଼ା ହୋଇଛି ତାର ରାଜବାଟୀ । ଆଲୋକମାଳାରେ ସୁସଜ୍ଜିତ ହସ୍ତିନାପୁରର ଦୃଶ୍ୟ କୁଆଡ଼େ ଦିନବେଳା ଠାରୁ ରାତ୍ରିବେଳା ଆହୁରି ଆକର୍ଷଣୀୟ । ରାଜପଥରେ ଲାଗି ରହିଥାଏ ସଦାସର୍ବଦା ଗହଳି ।

ବାପାଙ୍କ ମୁହଁରୁ ହସ୍ତିନାପୁର ବିଷୟରେ ଅନେକ କାହାଣୀ ଶୁଣିଥିଲି । ବାପା କହନ୍ତି, ମହାରାଜା ହସ୍ତୀ କୁଆଡ଼େ ଏ ନଗରଟିକୁ ପ୍ରତିଷ୍ଠା କରିଥିବାରୁ ଏହାର ନାମ ହସ୍ତିନାପୁର । ଗଂଗାକୂଳରେ ଏ ନଗରର ସୁନ୍ଦର ପରିବେଶ ମହାରାଜ ହସ୍ତୀଙ୍କୁ ଏମିତି ଆକୃଷ୍ଟ କରିଥିଲା ଯେ, ସେ ନିଜ ରାଜ୍ୟର ରାଜଧାନୀ ପାଇଁ ବାଛିଥିଲେ ଏଇ ନଗରୀଟିକୁ । ତାଙ୍କ ପୂର୍ବରୁ ଅନେକ ରାଜା, ମହାରାଜା ମାନେ ନିଜର ପରାକ୍ରମ ବଳରେ ନିଜର ରାଜତ୍ୱକୁ ଅନେକ ଦୂର ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ରାଜା ମନୁ, ପୁରୁ, ନହୁଷ ଆଉ ଯଯାତି । ସମସ୍ତେ ହିଁ ଏ ବଂଶର ଥିଲେ ଜଣେ ଜଣେ ଯଶସ୍ୱୀ ସମ୍ରାଟ । ମହାରାଜ ହସ୍ତୀଙ୍କ ଉତ୍ତରାଧିକାରୀ ରୂପେ ଶାନ୍ତନୁ, ବିଚିତ୍ରବୀର୍ଯ୍ୟ ଆଦି ରାଜାମାନେ ଏହାର ରାଜସିଂହାସନ ମଣ୍ଡନ କରିଥିଲେ । ଆଉ ଏବେ ଏହାର ମହାରାଜ ହେଉଛନ୍ତି ଧୃତରାଷ୍ଟ୍ର । ଯାହାଙ୍କର ରାଜସାରଥୀ ହେଉଛନ୍ତି ବାପା । ମୋ ମନରେ ହସ୍ତିନାପୁରର ମାନଚିତ୍ରଟିଏ ଆଙ୍କି ହୋଇ ଯାଇଥିଲା । ପିଲାଟି ଦିନରୁ ମୁଁ ତ ଗ୍ରାମ୍ୟ ପରିବେଶ ମଧ୍ୟରେ ବଢ଼ି ଆସିଥିଲି । ତେଣୁ ହସ୍ତିନାପୁର ମୋ ପାଇଁ ଥିଲା ଅନନ୍ୟ । ବାପାଙ୍କର ବର୍ଣ୍ଣନା ମୁତାବକ ମୁଁ କେବଳ କଳ୍ପନା ନେତ୍ରରେ ତାହାର ଏକ ସ୍କେଚ ଆଙ୍କୁଥିଲି । ହେଲେ, ଏତକ ବୁଝିଥିଲି, ଆମ ଚମ୍ପାପୁର ଠାରୁ ଏହା ଥିଲା ଢେର ଭିନ୍ନ ।

ବାପାଙ୍କ ମୁହଁରେ ହସ୍ତିନାପୁରର ବର୍ଣ୍ଣନା ଆମ ମାଆ ପୁଅ ଦୁହିଁଙ୍କ ପାଇଁ ଥିଲା ଅନନ୍ୟ, ଭିନ୍ନ । ମୁଁ ହସ୍ତିନାପୁର ଯିବି, ମାଆଙ୍କ ମନ ତେଣୁ ବୁଝୁନି । କେମିତି ବୁଝିବ ଯେ, ମାଆ ତ ସେଇ । ଯିଏ ପୁତ୍ରର ମୁଖକୁ ସହସ୍ରବାର ଦେଖିବି ଆହୁରି ଦେଖିବାକୁ ବ୍ୟାକୁଳ ହୁଏ । ଆଖି ସାମନାରୁ ଛାଡ଼ିବାକୁ ପ୍ରସ୍ତୁତ ହେଉ ନଥାଏ । ମୋର ରାଧାମାଆ ସେହିଭଳି ଏକ ମାଆଟିଏ । ଯାହାଙ୍କ କୋଳରେ ଯେତେଥର ବସିଲେ ବି ସେ କେବେ ତଳକୁ ଓହ୍ଲାଇ ଦେଇପାରେନା । ମୋ ଆଖିରେ ମୋ ମାଆ ସାକ୍ଷାତ ମୂର୍ତ୍ତିମନ୍ତ ଦେବୀପ୍ରତିମା ।

ମୋତେ ପାଖରୁ ଛାଡ଼ିବାକୁ ମା' ମନ ବୁଝୁନି । ମୋ କପାଳରେ ଟୋପିଟୋପି ଚନ୍ଦନଟିପା ପିନ୍ଧାଇ ମୋତେ କୁଣ୍ଢାଇ ଧରୁଥାନ୍ତି । ମୋ ଆଖିରେ ଲୁହ ଜକେଇ ଆସୁଥିଲା । ମାଆ ନିଜକୁ ସମ୍ଭାଳି ପାରୁନଥିଲେ । ମୋତେ କୁଣ୍ଢାଇ ଧରି ଭୋ ଭୋ କରି କାନ୍ଦୁଥିଲେ "ବସୁରେ, କେମିତି ସେଠି ଚଳିବୁ । ବହୁତ କଷ୍ଟ ହେବ ତୋତେ ।

ମାଆଙ୍କ ପଣତ ତଳେ ମୁହଁଲୁଚାଇ ମୁଁ ବି କାନ୍ଦୁଥିଲି । ମାଆ ମୋ ଗଣ୍ଡଦେଶରେ ଆଙ୍କି ଦେଉଥିଲେ ସହସ୍ର ଚୁମ୍ବନ । ମୋ ମୁଣ୍ଡରେ ଆଶୀର୍ବାଦର ହାତ ସ୍ପର୍ଶ ଦେଇ କହୁଥିଲେ "ବସୁ, ମୋ ବାପା, ମୋ ଧନ ଶରୀର ତୋର ଶିଳାପରି ବଜ୍ର ହେଉ । ଯଶସ୍ୱୀ ହୋଇ ବିଜୟ ହୁଅ । ସେଠି ବିଦେଶ ଜାଗା, ଦେହପା'ର ଯତ୍ନ ନେଉଥିବୁ । ଭଲରେ ମନ୍ଦରେ ବାପାଙ୍କୁ ପଚାରିବୁ । ଅଜଣା, ଅଚିହ୍ନା ଲୋକ ସାଥୀରେ ବାହାରକୁ ଯିବୁନି । ପାଠପଢ଼ା ପ୍ରତି ମନ ଦେବୁ। ଯେତେ ଶୀଘ୍ର ଶିକ୍ଷା ଶେଷ ହୋଇଯିବ ମୋ କୋଳକୁ ପୁଣି ଫେରିଆସିବୁ । ଆଜି ପର୍ଯ୍ୟନ୍ତ ତୋତେ ପାଖରୁ ଛାଡ଼ି ରହିନି କେବେ । ଜାଣେନା ଏଠି ତୋତେ ଛାଡ଼ି ରହିବି କେମିତି ?

ଏକପଟେ ମାଆର ଲୋତକ ଭରା ଛଳଛଳ ଦୁଇ ଆଖିର ଇସାରା ଅନ୍ୟପଟେ ବୀର ହେବାର ଆକାଂକ୍ଷା ମୋତେ ଦୁଇଆଡ଼କୁ ଟାଣୁଥିଲେ । ମାଆକୁ ପ୍ରଥମକରି ଛାଡ଼ି ଯାଉଥିବାରୁ ମୋ ମନରେ ବି ସୁଖ ନଥିଲା । ମାଆଙ୍କ ପରି ମୋର ଅସ୍ଥିର ମନରେ ଭରି ଯାଇଥିଲା ବିଷାଦ । ତଥାପି ମାଆଙ୍କ ମନରେ ସାନ୍ତ୍ୱନା ଭରି କହିଲି, "ମୋ ଉପରେ ଭରସା ରଖ ମାଆ, ମୋର ବିଶେଷକିଛି ଅସୁବିଧା ହେବନି । ପରିସ୍ଥିତି ସହ ଖାପଖୁଆଇ ମୁଁ ନିଜକୁ ଚଳାଇ ନେବି । ତୁମେ ଦୁଃଖ କରନି ମାଆ । ତୁମ ପୁତ୍ର ବୀର ହୋଇ ପ୍ରତିଷ୍ଠା ପାଉ ଯଶସ୍ୱୀ ହେଉ ଏଇ ଆଶୀର୍ବାଦ କରି ମୋତେ ବିଦାୟ ଦିଅ ।"

ମୁଁ ଭାବିପାରୁ ନଥିଲି ମାଆ ବୋଲି ଏଇ ମଣିଷଟିର କି ବିଚିତ୍ର ମନସ୍ତତ୍ତ୍ୱ । ଯେତେ ବଡ଼ ହେଲେ ବି ସନ୍ତାନ ହିଁ ତା ପାଖରେ ବାଳୁତ, ଅବୋଧ ଶିଶୁଟିଏ । ସନ୍ତାନ ପାଇଁ ବାତ୍ସଲ୍ୟର ମଧୁ ଝରିଯାଏ ମା'ର ବକ୍ଷରୁ । ଯେତେ ବଳବାନ୍ ହେଲେ ବି ମାଆ ଆଖିରେ ସେ ଦୁର୍ବଳ । ଦୁନିଆର ଏହି ନୀତିନିୟମ, ସ୍ନେହ, ମମତା କେହି କ'ଣ ମାଆକୁ ଶିଖାଇଥାଏ । ବରଂ ତାହାହିଁ ମାଆର ସହଜାତ ପ୍ରବୃତ୍ତି ।

ଦୁଗ୍ଧପୋଷ୍ୟ ଶିଶୁଟିଏ ପାଇଁ ମାତୃସ୍ତନ୍ୟରେ ଯେଉଁ କ୍ଷୀର ସଞ୍ଚିତ ହୋଇ ରହିଥାଏ ତାହାହିଁ ତ ଆପେଆପେ ଝରିପଡ଼େ ସନ୍ତାନ ମୁହଁରେ । ସେ ଐଶ୍ୱରିକ ଶକ୍ତି ପୃଥିବୀର କୌଣସି ପିତା ପାଖରେ ନାହିଁ । ତେଣୁ ଯୁଗେଯୁଗେ ମାଆ ହିଁ ସନ୍ତାନପାଇଁ ଆକର୍ଷଣୀୟା, ଆଦରଣୀୟା । ମମତାର ଫଲ୍‌ଗୁ ଧାରାଟିଏ । ମୋ ମାଆ ତ ସେ ଦିଗରେ ଅନନ୍ୟା, ମୋ ମୁଣ୍ଡ ତେଣୁ ସ୍ୱତଃ ନଇଁପଡ଼େ ତାଙ୍କ ଚରଣାବିନ୍ଦରେ ।

ମୋ ପଛରେ ମାଆଙ୍କର ରହିଛି ଅଜସ୍ର ଆଶୀର୍ବାଦ । ତାହାହିଁ ମୋ ଶୁଭଯାତ୍ରାର ପାଥେୟ । ମୁଁ ସିନା ମାଆଙ୍କୁ ନିର୍ଭୟରେ କହି ଦେଉଛି । କିନ୍ତୁ ମୋ ମନ ତଳେ ଯେ କେତେ ଉଦ୍‌ବେଳନ । ମୋ ସହ ମାଆ ଯାଆନ୍ତେ କି, ତେବେ ମାଆଙ୍କର ବି ଦୁଃଖ ନଥାନ୍ତା ଆଉ ମୋର ବି, ହେଲେ, ମୁଁ ଯେ ବିଦ୍ୟାଶିକ୍ଷା ପାଇଁ ଯାଉଛି । ଏ ବେଳରେ ଏତେ ମାୟାମୋହରେ ଘାରିହେଲେ ଚଳିବ କେମିତି ? ବିଦ୍ୟା ଅଧ୍ୟୟନ ପାଇଁ ମୋତେ ଦିନେ ନା ଦିନେ ତ ମାଆଙ୍କ ଠାରୁ ଦୂରରେ ରହିବାକୁ ପଡ଼ିବ । ତେଣୁ ନିଜକୁ ଦୃଢ଼ କରି ନେଲି ।

ସେପଟେ ବାପା ବ୍ୟସ୍ତ ହେଉଥିଲେ 'ଶୀଘ୍ର ବସୁକୁ ଛାଡ଼ିଦିଅ' । ଶୁଭବେଳା ଦେଖି ବାହାରିବାକୁ ପଡ଼ିବ । ଶେଷରେ ସଜଡ଼ା ବ୍ୟାଗ୍‌ଟି ମାଆଙ୍କ ହାତରୁ ନେଇ ତାଙ୍କର ଚରଣ ସ୍ପର୍ଶ କରି ଘୋଡ଼ା ପାଖକୁ ଗଲି । ବାପା ସେଠି ଠିଆ ହୋଇଥିଲେ । ମୋତେ ପଛରେ ବସିବାକୁ ଇଂଗିତ ଦେଇ ସେ ଘୋଡ଼ା ଉପରେ ଚଢ଼ିଗଲେ । ପଛରୁ ମାଆ ମୋତେ ଅନାଇ ଦ୍ୱାରଦେଶରେ ଛିଡ଼ା ହୋଇଥିଲେ । ଯେତେଯେତେ ଘୋଡ଼ା ଆଡ଼କୁ ଯାଉଥାଏ ମୁଁ ବି ପଛକୁ ଅନାଇ ମାଆକୁ ଦେଖୁଥାଏ । ଧୀରେଧୀରେ ମାଆ ଆଉ ଆମ ଚାଳିଆଛପର ସବୁ ଆଖି ଉହାଡ଼ରୁ ଅପସରି ଗଲା । ମୋ ଆଖିରୁ ଗଡ଼ିପଡ଼ିଲା ଦୁଇଟୋପା ଲୁହ । ଭାବୁଥିଲି ମାଆଙ୍କ ଅବସ୍ଥା ସେଠି କ'ଣ ହୋଇଥିବ । ବିଚରା ବହୁତ କଷ୍ଟ ପାଉଥିବ ନିଶ୍ଚୟ ।

ହସ୍ତିନାପୁର ଅଭିମୁଖେ ଆମ ଘୋଡ଼ା ଆଗେଇ ଚାଲିଥିଲା । ଘୋଡ଼ା ଟାପୁର ଟପ୍.... ଟପ୍.... ଟପ୍..... ଶବ୍ଦ କେବଳ ଗୁଞ୍ଜରିତ ହେଉଥିଲା ଆକାଶରେ, ବତାସରେ । ଘୋଡ଼ାର ଗତି କ୍ରମଶଃ ହେଉଥିଲା ଦ୍ରୁତରୁ ଦ୍ରୁତତର । ନିର୍ଜନ ପଥରେ ପବନର ସାଇଁସାଇଁ ଶବ୍ଦ ସହ ସମତାଳ ଦେଇ ଶୁଭୁଥିଲା କେବଳ ଘୋଡ଼ା ଟାପୁର ଶବ୍ଦ, ମୋ ମନରେ କିନ୍ତୁ ଭିନ୍ନ ଭାବାନ୍ତର । ମୋ ମନର ଘୋଡ଼ା ବି ଛୁଟି ଚାଲିଥିଲା କାହିଁ କେତେ ଦୂରକୁ । ମନ ହେଉଥିଲା ମୋ ମନର ଘୋଡ଼ା ଏମିତି ଆକାଶ ଚିରି ଉଡ଼ିଯାଆନ୍ତା କି ନୀଳ ଆକାଶରେ । ଉଡ଼ିଯାଆନ୍ତା କାହିଁ କେଉଁ ଦୂର ଚକ୍ରବାଳକୁ । ମୋ ମନରେ ତଡ଼ିତ ପ୍ରବାହ । ଜାଣେନା, ଭବିଷ୍ୟତର ଇତିହାସ ମୋ ପାଇଁ କ'ଣ ରଖିଅଛି । ସାମାନ୍ୟ ସୂତପୁତ୍ର ମୁଁ । ଘୋଡ଼ାର ଲଗାମ ଧରିବା ଯାହାର କୌଳିକ ବୃତ୍ତି ସେ ପୁଣି ଘୋଡ଼ାପିଠିରେ ବସିଯାଉଛି ବିଦ୍ୟାଶିକ୍ଷା ପାଇଁ, ଅସ୍ତ୍ରଶିକ୍ଷା ପାଇଁ । ସତରେ କ'ଣ ବାମନ ହୋଇ ଚନ୍ଦ୍ରକୁ ମୁଁ ଛୁଇଁପାରିବି । ନା ଏମିତି ଏକ ସ୍ୱପ୍ନ ରାଇଜରେ ଘୂରିଘୂରି ନିରାଶ ହେବି ।



ବାପା କ'ଣ ସତରେ ମୋ ପାଇଁ ସେଠାରେ ଶିକ୍ଷାର ବ୍ୟବସ୍ଥା କରିଛନ୍ତି ନା ମୋ ମନ ଭୁଲାଇବାକୁ ନେଇ ଯାଉଛନ୍ତି । କିଏ ଜାଣେ ?

ହସ୍ତିନାପୁର ଆହୁରି ଅନେକ ଦୂର । ବାପା ମୋତେ ବସାଇ ନିଜେ ଲଗାମ ଧରିଥିଲେ । ଇଚ୍ଛା ହେଉଥିଲା ବାପାଙ୍କ ଠାରୁ ଲଗାମ ନେଇ କିଛି ବାଟ ଅଶ୍ୱ ଚଳାଇବାର ସୁଯୋଗ ନେବି । ବାପା ବି କ୍ଲାନ୍ତ ହୋଇ ପଡ଼ିବେଣି । ତେଣୁ ନିଜ ଆଡୁ କହିଲି, ବାପା, ଏବେ ମୋତେ ଦିଅ, ତୁମେ ବସ । ଅଶ୍ୱଚାଳନା ଦିଗରେ ମୁଁ ସେତେଟା ଅଭିଜ୍ଞ ନ ହେଲେ ବାପାଙ୍କ ଠାରୁ ସେ କଳାଟା ଶିଖିଥିଲି କିଛି । ତା'ଛଡ଼ା ହାତରେ ଲଗାମ ନ ଧରିଲେ କେହି କ'ଣ କେବେ ଶିଖିପାରେ ସେ କଳା, ବାପା କିନ୍ତୁ ପ୍ରତିବାଦ କରୁଥାନ୍ତି । ବାରମ୍ବାର ସତର୍କ କରାଇ କହୁଥାନ୍ତି । ଦେଖ, ଏ ଅଶ୍ୱ ଦ୍ରୁତଗାମୀ । ସାମାନ୍ୟ ଟିକିଏ ସଂକେତ ପାଇଲେ ଧାଇଁ ଚାଲିବ ଆଗକୁ । ତେଣୁ ସାବଧାନ ସହକାରେ ଚଳାଇବାକୁ ପଡ଼ିବ ।

ଆମ ଘୋଡ଼ା ଏବେ ଚମ୍ପାପୁରୀ ଛାଡ଼ି ଅନେକ ଦୂର ଆସିଗଲାଣି । ମୋ ପଛରେ ପଡ଼ିରହିଛି ଆମ ଗାଁ ଚମ୍ପାପୁରୀ, ଚମ୍ପାବଣର ବାସ୍ନା, ଆମ କୁଟୀର ଆଉ ମୋର ସ୍ନେହମୟୀ ମାଆ । ମୋ ମନ ଘୋଡ଼ା ସିନା ଆଗକୁ ଧାଇଁ ଚାଲିଛି ହେଲେ, ବେଳେବେଳେ ପଛକୁ ଅନାଇ ମୁଁ ଖୋଜୁଛି ଯାହା ମୁଁ ଛାଡ଼ିଆସିଛି ଚମ୍ପାପୁରୀ ଗ୍ରାମଦାଣ୍ଡରେ । ମୋର ବାଲ୍ୟ କିଶୋର ଜୀବନର ସଜଳ ସ୍ମୃତିର ଦିନଗୁଡ଼ିକ । ଗଂଗାକୂଳର ସେହି ମନମତାଣିଆ ପବନ । ସୂର୍ଯ୍ୟ ମନ୍ଦିରର ଘଣ୍ଟଧ୍ୱନି, ପୂଜକର ମନ୍ତ୍ରପାଠ ପୁଣି ଗାଁର ସେଇ ଉନ୍ମୁକ୍ତ ପ୍ରାନ୍ତରରେ ମିଛିମିଛିକା ରାଜସଭା ଆଉ ତହିଁରେ ମୋର ଶିଳାପଥରର ରାଜସିଂହାସନ । ଓଃ... କି ଅଭୁଲା ସେ ସ୍ମୃତିସବୁ । ସବୁକିଛି ଆଜି ପଛରେ ପଡ଼ିଯାଇଛି । ଆଉ ମୁଁ... ଜୀବନର ଭବିଷ୍ୟତ ଗଢ଼ିବାପାଇଁ ଆଗେଇ ଚାଲିଛି ଘୋଡ଼ାପିଠିରେ ସବାର ହୋଇ ।

ବାସ୍ତବରେ କି ବିଚିତ୍ର ଏ ଜୀବନର ଗତି.... । ମନର ଗତି । ଯେଉଁ ମନ ପବନ ଠାରୁ ବି ଆହୁରି ଚଞ୍ଚଳ ଧାଇଁଯାଏ । ସେ ଗତି ପାଖରେ ଅଶ୍ୱର ଗତି ବା କେତେ ?

ବାପା, ହସ୍ତିନାପୁର ଆଉ କେତେବାଟ ? ବାପା ବୋଧହୁଏ ମୋ ମନର ଅସ୍ଥିରତା ବୁଝିପାରିଲେ । କହିଲେ, ଏତେ ଉଚ୍ଛୁର ହେଉଛୁ କାହିଁକି ? ଆମ ଅଶ୍ୱ ତ ଖୁବ୍ ବେଗଗାମୀ । ଆମେ ଆମ ଠିକଣା ଜାଗାରେ ଠିକ୍ ସମୟରେ ପହଞ୍ଚି ଯିବୁନି କି ?

ମୋ ମନରେ ଉତ୍କଣ୍ଠା ବଢ଼ି ଚାଲିଥିଲା । କେତେ କ'ଣ ଆଶା, ସ୍ୱପ୍ନ ଉଙ୍କି ମାରୁଥିଲା । ବହୁଦିନରୁ ସଞ୍ଚିତ ଆଶା, ଆକାଂକ୍ଷା ମୋର ସାର୍ଥକ ହେବାକୁ ଯାଉଛି । ଖୁବ୍ ଶୀଘ୍ର ମୁଁ ହସ୍ତିନାପୁର ମାଟିରେ ପ୍ରବେଶ କରିବି ।

ହସ୍ତିନାପୁରର ମାଟି ବୀର ମାଟି । ରାଜବଂଶର ଲୋକମାନଙ୍କର ବାସସ୍ଥାନ । କେତେକେତେ ବୀରରକ୍ତରେ ସିକ୍ତ ହୋଇଛି ତାହାର ମାଟି । ସେ ମାଟି ସତରେ କ'ଣ ମୋ ପରି ଜଣେ ନୀଚକୁଳ ଜାତ ସନ୍ତାନକୁ ତା ବକ୍ଷରେ ସ୍ଥାନ ଦେବ । ଚମ୍ପାପୁର ଭଳି ଏଠି କ'ଣ ମୋତେ ଆଦର ମିଳିବ ? ଚମ୍ପାପୁର ଗାଁରେ ମୋର ସାଂଗ, ସାଥୀ ଭଳି ଏଠି କ'ଣ ମୋର ଆତ୍ମୀୟମାନଙ୍କୁ ପାଇପାରିବି ? କିଏ ଜାଣେ କେମିତି ହୋଇଥିବେ ମୋର ଗୁରୁଦେବ ଆଉ ସେଠିକାର ରାଜକୁମାର ମାନେ । ସେମାନଙ୍କ ସହ ମୁଁ ଠିକ୍ ମିଶି ପାରିବି ତ ? ଚମ୍ପାପୁରରେ ମୁଁ ସାଥୀମାନଙ୍କର ନେତା ଥିଲି। ରାଜା ହେଉଥିଲି । ଏଠି ଏମାନଙ୍କ ପାଖରେ, ଏମିତି ଅନେକ ଚିନ୍ତାରେ ମୋ ମନ ଆନ୍ଦୋଳିତ ହେଉଥିଲା ।

ଏଇ ଦେଖ ବସୁ । ଦୂରରୁ ଏଇ ଯେଉଁ ସୌଧ ଗୁଡ଼ିକ ଦେଖାଯାଉଛି ତାହାହିଁ ହସ୍ତିନାପୁର । ଆମେ ଏବେ ହସ୍ତିନାପୁର ପାଖାପାଖି ହୋଇଗଲୁଣି । ବାପା ମୋ ଆଗରେ ହସ୍ତିନାପୁରର ପ୍ରଚ୍ଛଦପଟ ଟେକି ଧରିଥିଲେ । ମୁଁ ଯେମିତି ସେହି ସୌଧଗୁଡ଼ିକ ଅନାଇ ହସ୍ତିନାପୁରର ମାନଚିତ୍ରର ଚିତ୍ରପଟଟିକୁ ମୋ ମନ ଭିତରେ ଆଙ୍କି ସାରିଥିଲି । ବାପା ହସ୍ତିନାପୁର ବିଷୟରେ ମୋ ଆଗରେ ଗପି ଚାଲିଥିଲେ । ମୁଁ କେବଳ ଅବୁଝା ଛାତ୍ରଟି ଭଳି ବାପାଙ୍କ କଥା ଶୁଣି ଯାଉଥିଲି ।

(କ୍ରମଶଃ)


ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆକାଶ ଓ ପୃଥିବୀ

**ସୁସ୍ମିତା ପଟେଲ**

କେବେ ଦିନେ ଭାବୁଥିଲି
ଏ ଆକାଶରେ ନୀଳରଙ୍ଗରୁ
ଯଦି କିଛି ମିଳିଯାନ୍ତା ମୋତେ
ପକ୍ଷୀଟିଏ ହୋଇ ଉଡିବୁଲୁଥାନ୍ତି
ଦୂରଦିଗ୍‌ବଳୟରେ
ଆକାଶ ହେବା
ପୃଥିବୀ ହେବା
ସତରେ କେତେ ଭାଗ୍ୟର କଥା
ମୋତେ ଆକାଶ କରିଦେ ଈଶ୍ୱର
ମୋତେ ପୃଥିବୀ କରିଦେ ଈଶ୍ୱର ।
ମୁଁ ଆକାଶ ହେଲି
ଆକାଶ ପରି ବିସ୍ତାରିତ ହେଲି
ତାର ନୀଳ ରଙ୍ଗରେ ସେ ନୀଳ ଥିଲା
ମୋ ସପନରେ ତାରା, ସୂର୍ଯ୍ୟ, ଚନ୍ଦ୍ର
ଇନ୍ଦ୍ରଧନୁର ଆଉ ସାତଗୋଟି ରଙ୍ଗ
ମାତ୍ର ମୋ ହାତ ଖାଲି
କେବଳ ମୋ ହସ୍ତରେଖା
କଥା କହୁଥିଲା ।
ମୁଁ ପୃଥିବୀ ହେଲି
ପୃଥିବୀ ପରି ବିସ୍ତାରିତ ହେଲି
ମୋ ଭାଗ୍ୟ ଈଶ୍ୱର ନିଜେ ଲେଖିଥିଲେ
ମୋର ପୃଥିବୀ ନିଜ ଅଧୀନରେ ନେଇ
ମୋତେ ପୃଥିବୀଟେ କରିଦେଲେ ।
ଏବେ ପୃଥିବୀ ବି ମୁଁ
ଆକାଶର ନୀଳରଙ୍ଗ ବି ମୋର
ଅଥଚ ମୁଁ ଅଣନିଃଶ୍ୱାସୀ
ଈଶ୍ୱର ଏ କଣ କଲ
ପୃଥିବୀର ଫାଳେ ତ ଅନ୍ଧାର
ଆର ଫାଳେ ବହୁତ୍ ଭିଡ଼
ଆଉ ଆକାଶର ନାହିଁ ଆଦ୍ୟ, ପ୍ରାନ୍ତ
ମୋ ଭାବିବା ଭୁଲ୍
ମୋ ମାଗିବା ଭୁଲ୍ ।
ମୁଁ ଏବେ ଦିଗହରା ବାଟୋଇଟେ
ଆକାଶ ସାରା ମୁଁ
ଖୋଜୁଛି ମୋ କକ୍ଷପଥ
ଅକ୍ଷରେ ଅଟକି ଯାଇଛି ଦୁଇପାଦ
ପୃଥିବୀ ଆଉ ଆକାଶ ହେବା
କ'ଣ ଏତେ ସହଜ ? ?


+ କୁଚିଣ୍ଡା, ଘୋଷାରୋଡ଼, ସମ୍ବଲପୁର
ପିନ୍-୭୬୮୨୨୨
ମୋ: ୭୮୯୪୬୬୧୧୨୩


## ଆଜିର କବିତା

### ଋତୁରାଜ ପାଦ ଥାପିଲା

**ରତ୍ନକାନ୍ତି ମିଶ୍ର**



ମକର ସଂକ୍ରାନ୍ତି ଗଲା ପରେ ପରେ
ମାଘ ମାସ ସରି ଆସିଲା
ଶୀତର ପ୍ରଭାବ କମି କମି ଯାଇ
ତାପ ଆସ୍ତେ ଆସ୍ତେ ବଢିଲା ।।

ଦକ୍ଷିଣା ପବନ ସାଥେ ନେଇ କରି
ଫଗୁଣ ଯେ ଛପି ଆସିଲା
କୋଇଲି ରାଣୀ ଯେ ଚୂତ ଡାଳେ ବସି
ମିଠା ମିଠା ସ୍ୱରେ ଗାଇଲା ।।

ପେନ୍ଥି ବଉଳର ବାସର ମହକ
ଚାରିଦିଗ ପୁରି ଉଠିଲା
ଜାତି ଜାତି ରଙ୍ଗ ବେରଙ୍ଗ ଫୁଲରେ
ଉର୍ବୀ ଉଲ୍ଲସିତ ହୋଇଲା ।।

ହଳଦୀବସନ୍ତ ଚୋରା ଚଇତିରେ
ବସନ୍ତକୁ ଖୋଜି ଆସିଲା
ପଳାଶ ଗଛରେ ନାଲି କଢି ମାନ
ଧିରେ ଧିରେ ଫୁଟି ଉଠିଲା ।।

ମଧୁମକ୍ଷିକାର ଗୁଞ୍ଜନ ଶବଦେ
ଫଗୁଣର ସ୍ତୁତି ଶୁଭିଲା
ନବ କିଶଳୟେ ବନ ଉପବନ
ସବୁଜ ସୁନ୍ଦର ଦିଶିଲା ।।

କୁମ୍ଭାଟୁଆ ସତେ ଭାଟ ସାଜି ଆସି
ଆଗମନୀ ବାର୍ତ୍ତା ବାଣ୍ଟିଲା
ମୃଦୁ ମୃଦୁ ହସି ଧରଣୀ ବୁକୁରେ
ଋତୁରାଜ ପାଦ ଥାପିଲା ।।


+ ଆଳି, କେନ୍ଦ୍ରାପଡ଼ା


### ପ୍ରଭାତ

**ବିଜୟଲକ୍ଷ୍ମୀ ପାଣିଗ୍ରାହୀ**



ପୂରୁବ ଆକାଶେ ଉଇଁଲେ ସୁରୁଜ
ପ୍ରଭାତ ନାଏ ସିନ୍ଦୁର
ମଧୁର କାକଳି କରେ ମନ ଚୋରି
ଝରାଇ ଅମୃତ ଝର।

ନଭଡାଳେ ଦେଖି କୁଆଁ ତାରା ଫୁଲ
ଓଢଣାକୁ ଟାଣି ମୁଖେ
ଜହ୍ନର ପ୍ରେୟସୀ ସରମରେ ଭିଜି
କଣେଇ କଣେଇ ଦେଖେ।
ପରାଚୀ ତୁଠରେ ଦେହକୁ ପଖାଳି
ଜହ୍ନ ହୋଇଯାଏ ଦୂର।

ନୀଳିମାରେ ଭରା ବିଶାଳ ଛାତିରେ
ଲାଗିଲେ ସୁନେଲି ଛୁଆଁ
ପଦୁଅଁ କଢ଼ିର ଗୋଲାପୀ ଅଧରେ
ଜଳେ ପୀରତିର ନିଆଁ।
ଉଛୁଳି ଉଠଇ ସରଗ ସୁଷମା
ତୋଳି ଆଶା ପଦ୍ମଭାର।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦




## ମଧ୍ୟଯୁଗୀୟ କାବ୍ୟରେ ମାନବୀୟ ପ୍ରେମ

**ଡ.ଦୀପ୍ତିମୟୀ ବେହେରା**

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଥିଲା କାବ୍ୟରୀତି ପ୍ରଧାନ । ସେଥିରେ ଅଛି ଅଳଙ୍କାର, ରସ ବୈଚିତ୍ର୍ୟ, ଶୃଙ୍ଗାରିକତା, ସାଙ୍ଗୀତିକତା, ପ୍ରେମ ପ୍ରଣୟ ଇତ୍ୟାଦି । କବି ଯେହେତୁ ଜଣେ ସାମାଜିକ ମଣିଷ ସେହେତୁ ସେ ମନୁଷ୍ୟ ହୃଦୟର ଭାବ ଓ ଭାଷାକୁ ଉପଲବ୍ଧି କରିପାରନ୍ତି ଗଭୀର ଭାବରେ । ଯେପରିକି ମନୁଷ୍ୟ ଜୀବନର ସୁଖଦୁଃଖ, ପ୍ରେମ ବିରହ, ଆନନ୍ଦ ବିଷାଦ ପ୍ରଭୃତିକୁ ନେଇ ସେ ଦିଅନ୍ତି କାବ୍ୟିକ ରୂପ । ଭାରତୀୟ ମୂଲ୍ୟବୋଧର ସାମାଜିକ, ସାଂସ୍କୃତିକ, ନୈତିକ ଓ ଆଧ୍ୟାତ୍ମିକ ଜୀବନଧାରାକୁ ଅନୁଧ୍ୟାନ କରି ଅନାବିଳ ପ୍ରେମକୁ ପବିତ୍ର, ସ୍ୱର୍ଗୀୟ ଓ ସୁଷମାମଣ୍ଡିତ କରାଇବାରେ ଯଥାସାଧ୍ୟ ଚେଷ୍ଟା କରିଛନ୍ତି କବିବୃନ୍ଦ । ବାସ୍ତବିକ ଯେଉଁ କବି ଯେତିକି ପରିମାଣରେ ମନୁଷ୍ୟର ଆବେଗକୁ ତା'ର କାବ୍ୟ କବିତାରେ ରୂପ ଦେଇଥାଏ ସେହି କବି ସେତିକି ପରିମାଣରେ ସିଦ୍ଧି ଅର୍ଜନ କରେ ।

ପୌରାଣିକ, ଐତିହାସିକ ଓ କାଳ୍ପନିକକୁ ନେଇ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ତ୍ରିବିଧ । କେବଳ ଐତିହାସିକ କାବ୍ୟକୁ ଛାଡିଦେଲେ ଅନ୍ୟାନ୍ୟ ସମସ୍ତ କାବ୍ୟରେ ଗୁରୁତ୍ୱ ଦିଆଯାଇଛି ନରନାରୀ ହୃଦୟରେ ଥିବା ପ୍ରେମର ପରିଭାଷାକୁ । ପ୍ରେମ ହେଉଛି ପବିତ୍ର, ଶାଶ୍ୱତ ଓ ଚିରନ୍ତନ । ଏକ ମନ,ଏକ ଆତ୍ମା, ଏକ ଦେହୀରେ ରୂପାନ୍ତରିତ ହୋଇଛି ପ୍ରେମ । ଦୈହିକ ମିଳନ ଅପେକ୍ଷା ହୃଦୟ ହୃଦୟର ମିଳନରେ ପାଇଛନ୍ତି ଶାନ୍ତି ଆଉ ତୃପ୍ତି । ଶୁଦ୍ଧ ମନ ଓ ପବିତ୍ର ଚିତ୍ତରେ ମିଳନ ହୋଇ କରିଛନ୍ତି ରତିକ୍ରୀଡା । ସଂଯମତା ହିଁ ହୋଇଛି ଅଫୁରନ୍ତ ପ୍ରେମର ମହନୀୟ ଆଦର୍ଶ । ତ୍ୟାଗରେ ପ୍ରେମ ହୁଏ ଚିର ଅମର । ଯେଉଁ ପ୍ରେମରେ ତ୍ୟାଗ ନାହିଁ ତାକୁ କୁହାଯିବ ନାହିଁ ପ୍ରକୃତ ପ୍ରେମ । ଏହି ପ୍ରେମ କେଉଁଠି ଦାମ୍ପତ୍ୟ ପ୍ରେମରେ ତ ଆଉ କେଉଁଠି ରୂପାୟିତ ହୋଇଛି ପରକୀୟା ପ୍ରେମରେ । କବି ଦୀନକୃଷ୍ଣ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ , କବି ଅଭିମନ୍ୟୁ, କବି ବଳଦେବ ପ୍ରମୁଖ କବିଙ୍କ କାବ୍ୟରେ ମୁଖ୍ୟ ଓ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛି ପ୍ରେମ । ସବୁଠୁ ଶୀର୍ଷରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଥିଲେ ପ୍ରେମ ପ୍ରଣୟର ବିଶିଷ୍ଟ ସ୍ରଷ୍ଟା । ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ସେ ପ୍ରେମର ନବନବ ଦ୍ୟୁତି ଓ ଦୀପ୍ତିକୁ କରିଛନ୍ତି ପ୍ରକାଶ । 'ଲାବଣ୍ୟବତୀ' କାବ୍ୟରେ ନାୟକ ପ୍ରଭାକର ନାୟିକା ବାଞ୍ଛାବତୀକୁ ପାଇବାକୁ ଯାଇ ଯେପରି ତାକୁ ସ୍ପର୍ଶ କରିଛି ତା'ର ମୃତ୍ୟୁ ଘଟିଛି ଓ ପ୍ରଭାକର ସେହି ଦୁଃଖରେ ଅନ୍ତରୀକ୍ଷ ବାଣୀ ଅନୁଯାୟୀ ପର ଜନ୍ମରେ ବାଞ୍ଛାବତୀକୁ ପାଇବା ପାଇଁ ଆତ୍ମ ବିସର୍ଜନ କରିଛି ତାହା ଯେ କୌଣସି ବ୍ୟକ୍ତିର ପ୍ରେମ ଭାବକୁ ସୂଚେଇ ଦେଇଥାଏ । ଠିକ ସେହିପରି 'ପ୍ରେମ ସୁଧାନିଧି', 'ରସିକ ହାରାବଳୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଆଦି କାବ୍ୟରେ କବି ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ମାନବୀୟ ପ୍ରେମର ତାଜମହଲଗୁଡ଼ିକୁ ।

କବି ଉପେନ୍ଦ୍ର ଭଞ୍ଜ ଦାମ୍ପତ୍ୟ ପ୍ରେମର ସୂଚନା ଦେଇଛନ୍ତି 'ବୈଦେହୀଶ ବିଳାସ' କାବ୍ୟରେ । ପଞ୍ଚବଟିରୁ ରାବଣ ସୀତାଙ୍କୁ ହରଣ କରି ନେଇଯିବା ପରେ ଅତି ସାଧାରଣ ମନୁଷ୍ୟ ପରି କାନ୍ଦିଛନ୍ତି ନାୟକ ରାମଚନ୍ଦ୍ର । ଏପରିକି ବୃକ୍ଷଲତା, ପଶୁପକ୍ଷୀ ଆଦିକୁ ବ୍ୟାକୁଳ ଭାବେ ପଚାରିଛନ୍ତି ସୀତାଙ୍କ ସମ୍ବାଦ । ସୀତା ବିରହୀ ରାମଚନ୍ଦ୍ର ଯେତେବେଳେ 'ହା, ସୀତେ ! ହା, ସୀତେ' ! କହି କାନ୍ଦି କାନ୍ଦି ବନରେ ଭ୍ରମଣ କରିଛନ୍ତି, ସେତେବେଳେ ସୀତାଙ୍କ ବିଷୟରେ କହି ବକ ପକ୍ଷୀଟିଏ ଆଶ୍ୱାସନା ଦେଇଛନ୍ତି ବିରହୀ ରାମଚନ୍ଦ୍ରଙ୍କୁ । ପ୍ରାଣପ୍ରୀୟା ସୀତା ମଧ ସ୍ୱାମୀ ରାମଚନ୍ଦ୍ରଙ୍କ ବିନା ହୋଇପଡିଛନ୍ତି ଅଥୟ । ଦୁହିଁଙ୍କ ପ୍ରେମ ଚିର ଶାଶ୍ୱତ। ସମଗ୍ର କାବ୍ୟରେ କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ପ୍ରେମ ଭାବକୁ ।

ସେହିପରି 'ପ୍ରେମସୁଧାନିଧି' କାବ୍ୟରେ ନାୟକ ପ୍ରିୟତମା ପତ୍ନୀର ବିଚ୍ଛେଦରେ ପତ୍ର ଲେଖିଛି -

'କେତେ ଦୂରେ ଚନ୍ଦ୍ର କେତେଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର
ଯେତେ ଦୂରେ ଥିଲେ ଯେ ଯାହାର ସେ
ତାହାର'।

ଏହିପରି ରୀତି ଯୁଗୀୟ କାବ୍ୟକବିତା ଗୁଡ଼ିକରେ ଦେଖିବାକୁ ମିଳେ ଚିରନ୍ତନ ପ୍ରେମର ନିଦର୍ଶନ । ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି' ଓ 'ପ୍ରେମ ଚିନ୍ତାମଣି' କାବ୍ୟରେ ରାଧାକୃଷ୍ଣଙ୍କର ପ୍ରେମକୁ ଏତେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ଯେ ରାଧାକୃଷ୍ଣ ପାଲଟି ଯାଇଛନ୍ତି ଦୁଇଟି ପ୍ରେମିକ ପ୍ରେମିକା । କବିଙ୍କ ବିଚାରରେ କାମ ହିଁ ପ୍ରେମ । ଏହି ପ୍ରେମ ସୃଷ୍ଟି ହେଲେ ନାୟକ ନାୟିକା କାମନାର ଜ୍ୱାଳାରେ ଗଭୀର ଦୁଃଖ ଅନୁଭବ କରନ୍ତି ।

'ଅନଳ ନୁହଁଇ ଦେହ ଦହଇ
ଅସ୍ତ୍ର ନୁହଁଇ ମରମ ଭେଦଇ
ନୁହଁଇ ତ ଜଳ ବୁଡାଏ କୂଳ
ନୁହଁଇ ମାଦକ କରେ ବିହ୍ୱଳ ।
ନୁହଁଇ ବଡ଼ଶୀ ଗୋ
ବହେ ମନ ମୀନ ନିଏ ଆକର୍ଷି ।'

ଖାଲି ସେତିକି ନୁହେଁ ଅଭିମନ୍ୟୁଙ୍କ କାବ୍ୟରେ ପରକୀୟା ପ୍ରେମ ମଧ ପ୍ରକଟିତ । ଶ୍ରୀରାଧା କୃଷ୍ଣ ପ୍ରେମରେ ଏପରି ନିମଗ୍ନ ହୋଇ ଯାଇଛନ୍ତି ଯେ, ତାଙ୍କୁ ମନେହୋଇଛି ସବୁକିଛି କୃଷ୍ଣମୟ । ତନୁରେ, ମନରେ, ପ୍ରାଣରେ ଓ ହୃଦୟରେ ସୃଷ୍ଟି ହୋଇଛି ପ୍ରେମର ମିଳନ ପିପାସା ପାଇଁ । ସମାଜର ସବୁ ନୀତିନିୟମ, ନିନ୍ଦାଅପବାଦ ଓ ବାଧାବିଘ୍ନକୁ ଅତିକ୍ରମ କରି ବ୍ୟାକୁଳିତ ହୋଇ ପଡ଼ିଛନ୍ତି ଏକାକାର ହୋଇଯିବାକୁ । ବିରହିଣୀ ରାଧାଙ୍କ ଅନ୍ତରବାଣୀ କହିଦଉଛି ପ୍ରେମର ଅଭିସ୍ପାର ବାଣୀ ହୋଇପାରେ କେତେ ହୃଦୟ ବିଦାରକ ।

'ଜୀବନ ଗଲେ ଏତିକି କରିବ
ଶ୍ୟାମ ନାମ ମୋର ହୃଦେ ଲିହିବ
ଶ୍ୟାମ ରୂପ ମୂର୍ତ୍ତି ହୃଦେ ଲଗାଇ
ଶ୍ୟାମ ବସନ ଅଙ୍ଗରେ ଘୋଡାଇ
ଶ୍ୟାମ ଗତି ପଥେ ଗୋ
ମୋ ଶବ ପୋତିବ ଆପଣା ହାଥେ ।'

କବି ଦୀନକୃଷ୍ଣ 'ରସକଲ୍ଲୋଳ' କାବ୍ୟରେ ଷଡ଼ଋତୁ ବର୍ଣ୍ଣନା କରିବା ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କ ସହିତ ଗୋପାଙ୍ଗନାମାନଙ୍କର ପ୍ରେମ ପ୍ରଣୟକୁ ଯେପରି ଭାବେ ବର୍ଣ୍ଣନା କରିଛନ୍ତି ତାହା ସୂଚାଇ ଦେଇଥାଏ ମର୍ତ୍ତ୍ୟର ନରନାରୀଙ୍କ ପ୍ରେମାଭାବକୁ । କାବ୍ୟରେ କିନ୍ତୁ ବୈଷ୍ଣବ ଧର୍ମଦର୍ଶନ କଥା କୁହାଯାଇଛି ମାତ୍ର ଧର୍ମର ଅନ୍ତରାଳରେ ରହିଛି ମାନବୀୟ ପ୍ରେମର ଆବେଦନ ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# କୋଭିଡ ମହାମାରୀ ସମୟରେ ରକ୍ତ ଅଭାବ ଦୂର କରିବା ପାଇଁ ବିଜୁ ଛାତ୍ର ଜନତା ଦଳ ତରଫରୁ ରକ୍ତଦାନ ଶିବିର ଆୟୋଜନ

ଭୁବନେଶ୍ୱର,୨୪।୨ (ନି.ପ୍ର): କରୋନା ମହାମାରୀ ସମୟରେ ରକ୍ତାଭାବ ସଂକଟ ଦୂରକରିବା ପାଇଁ ବିଜୁଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଆଜି ବିଜୁ ଛାତ୍ରଜନତା ଦଳ ତରଫରୁ ବିଜୁଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ବିଜୁ ଛାତ୍ର ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ସ୍ୱାଗତିକା ମହାନ୍ତିଙ୍କ ନେତୃତ୍ୱରେଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତସଂଗ୍ରହ ଅଭିଯାନକୁ ଏକ ଆନ୍ଦୋଳନରେ ପରିଣତ କରିବା ସହ ସଶକ୍ତ ଓଡ଼ିଶା ଗଠନ ନିମନ୍ତେ ବିଜୁଛାତ୍ର ଜନତା ଦଳ ତରଫରୁ ସାମାଜିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ବୋଲି ସୁଶ୍ରୀ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ 'ଓଡ଼ିଶା ମୋ ପରିବାର'ର ଅଧକ୍ଷ ଅରୁପ ପଟ୍ଟନାୟକ, ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଅନନ୍ତ ନାରାୟଣ ଜେନା, ପ୍ରୀତିରଞ୍ଜନ ଘଡ଼େଇ, ସୁଶାନ୍ତ ରାଉତ, ଚିନ୍ମୟ ସାହୁ, ପ୍ରିୟଦର୍ଶୀ ମିଶ୍ର, ଶ୍ରୀମୟୀ ମିଶ୍ର, ସୁଲତା ଦେଓ, ସୁଲୋଚନା ଦାଶ, ପ୍ରଭାତ ଆଦିତ୍ୟ ମିଶ୍ର, କୁନବିହାରୀ ଦାସ, ଦୁର୍ଗା ସାମନ୍ତରାୟ, ମୀରା ପରିଡ଼ା, ପ୍ରକାଶ ଡାଙ୍ଗ, ତନ୍ମୟ ସ୍ୱାଇଁ, ମନ୍ଦାକିନୀ କର, ହରିଶଙ୍କର ରାଉତ, ନବକିଶୋର ବେହେରା, ରୁଦ୍ର ସାମନ୍ତରାୟ, ଯୁବ ବିଜେଡି ମହାସଚିବ ଏଲିନା ଦାଶ, ଧୃତି ମାର୍ଥା, ଜ୍ୟୋସ୍ନା ପରିଡ଼ା, ତାରିଣୀ ପ୍ରସାଦ ନାୟକ, ମଧୁସ୍ମିତା ନାୟକ, ଅବିନାଶ ପ୍ରଧାନ, ଅଂଶୁମାନ ରଶ୍ମି ସାଗର ସେଠୀ, ସୋନାଲୀ ପ୍ରିୟଦର୍ଶିନୀ, ଅପର୍ଣ୍ଣା ଦାସ, ଜଗମୋହନ ବଳିଆରସିଂହ, ରାଜଲକ୍ଷ୍ମୀ ବେହେରା, ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ଇପ୍ସିତା ସାହୁ, ଅଜିତ ବେହେରା, ଅପୂର୍ବା ଅପରୂପା, ଭବାନୀ ଶଙ୍କର ଦାସ, ଦେବସ୍ମିତା ଦାସ, ପ୍ରିତି ପ୍ରିୟଙ୍କା, ସୁଜିତ ପାଲଟାସିଂହ, ଶକ୍ତି ରଥ, ସଙ୍କେତ ରାୟ, ରଶ୍ମୀ ପରିଡ଼ା, ସାଗର ବଳବନ୍ତରାୟ, ତବରେଜ୍ ଖାନ୍, ଲକ୍ଷ୍ମୀପ୍ରିୟା ଦୀକ୍ଷିତ, ସୋନାଲୀ ସାହୁ, ପୂର୍ଣ୍ଣିମା ବେହେରା, ସମିତ ଲେଙ୍କା, ପ୍ରସନ୍ନ ପାଣି, ସଙ୍ଗୀତା ଦାଶଙ୍କ ସହ ଅନ୍ୟାନ୍ୟ ଯୁବଛାତ୍ର ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଅରୁପ ଶ୍ରୀଚନ୍ଦନ, ରାଜ୍ୟ ସମ୍ପାଦକ ରଶ୍ମୀରଞ୍ଜନ ପରିଡ଼ା, ସୁଚିସ୍ମିତା ବେହେରା, ଚିନ୍ମୟୀ ଜେନା, ସିମ୍ରନ୍‌ସିଂ ରାଜପୁତ୍, ଅନନ୍ତ ନାରାୟଣ ଜେନା, ପବନ ସ୍ୱାଇଁ, ଅନମୋଲ କୁମାର, ଶାଶ୍ୱତୀ ମିଶ୍ର, ଶିବାଜ୍ୟୋତି ପୂଣ୍ୟମୟୀ, ଜ୍ଞାନରଞ୍ଜନ ମହାପାତ୍ର, ବିଜୟଲକ୍ଷ୍ମୀ, ରଶ୍ମିତା ବେହେରା, ଶିଳା ସୋରେନ, ବିଶ୍ୱକଲ୍ୟାଣ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଚିଲିକା ସେତୁକୁ ନେଇ ମହାରାଜନୀତି

ପୁରୀ,୨୪।୨ (ନି.ପ୍ର): ପୁରୀଜିଲ୍ଲାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସାତପଡା ଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ୫କିଲୋମିଟର ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଜନତାଙ୍କ ଦାବି ଜୋର ଧରିଛି । ଏହି ସମସ୍ୟାର ଠୋସ ସମାଧାନ ପାଇଁ ଗତ ୨୧ ତାରିଖ ଦିନ ୯୬ ମୌଜାର କର୍ମକର୍ତାମାନେ ଦୁଇ ପ୍ରମୁଖ ଜନନେତା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ପୂର୍ବତନ ବିଧାୟକ ସଂଜୟ ଦାସବର୍ମାଙ୍କୁ ବ୍ରିଜ ନିର୍ମାଣ ସଂପର୍କରେ ଆଲୋଚନା ପାଇଁ ଡାକିଥିଲେ । ୧୪ଟି ପଂଚାୟତର ୨ଲକ୍ଷରୁ ଉର୍ଦ୍ଧ୍ୱ ଅଧିବାସୀଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ଏହି ସେତୁ କାର୍ଯ୍ୟରେ ଆସିବ । ଏହାକୁ ନେଇ ଅତି ଚତୁରତାର ସହ ଦୁଇଦଳ ପଟୁଆର କରି ଦୁଇନେତାଙ୍କୁ ସଭା ସ୍ଥଳରେ ବସାଇଥିଲେ । ବାଜା ଓ ବାଣ ଫୁଟିଥିଲା । ସଭା ଆରମ୍ଭ ହେବାର କିଛି ସମୟ ପରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ବର୍ମା କହିଲେ ଏହି ସେତୁ ନିର୍ମାଣ ଆଶା କେନ୍ଦ୍ର ସରକାର ଦେଖାଇଥିଲେ । ପରିବେଶ ମଞ୍ଜୁରୀ ନମିଳିବା ପରେ ସେତୁ ନକରିବା ପାଇଁ ମଧ କେନ୍ଦ୍ର ନୂଆପନ୍ଥା ବାହାର କରିଛି । ସେତୁ ହେବା ନହେବା ଉପରେ କେନ୍ଦ୍ର ଦାୟୀ ବୋଲି ଶ୍ରୀ ବର୍ମା ପୋଜେକ୍ଟର ସ୍କ୍ରିନ ସାହାର୍ଯ୍ୟରେ ବୁଝାଇଥିଲେ । ବର୍ମାଙ୍କ ମନ୍ତବ୍ୟ ପରେ ପରେ ସଭା ବନ୍ଦ ହୋଇଥିଲା । ୯୬ମୌଜାବାସୀ ଲୋକମାନେ କଣ ନିର୍ଯ୍ୟାସ ମିଳିଲା ବୋଲି ଆଲୋଚନା କରି ଘରକୁ ଫେରିଥିଲେ । ଏହାକୁ ନେଇ ଅଂଚଳବାସୀ ଏବେ ଦୁଇ ରାଜନେତାଙ୍କ ପୃଥକୀକରଣ ଓ ବିଭକ୍ତି କରଣ ନ୍ୟାୟରେ ମହାମ କୁ ଭାଙ୍ଗି ଦେବା ପାଇଁ ଚେଷ୍ଟା କରାଯାଇଛି ବୋଲି ଅନେକ ବୁଦ୍ଧିଜୀବି କହିଥିଲେ । ଏହି ସେତୁ ନିର୍ମାଣ ହେଲେ ଅ ଳବାସୀଙ୍କ ଆର୍ଥିକ ମାନଦଣ୍ଡ ଉନ୍ନତି ହେବା ସହ ସ୍ଥାୟୀ ଯୋଗାଯୋଗ ହୋଇପାରିବ । ଯଦି କେନ୍ଦ୍ର ଏହି ସେତୁ ନକରେ ତେବେ ରାଜ୍ୟ ସରକାର ଚାହିଁଲେ ବିଜୁ ସେତୁ ଯୋଜନାରେ ମଧ କରିପାରିବେ ବୋଲି ଅ ଳରେ ଆଲୋଚନା ହେଉଛି । କୃଷ୍ଣପ୍ରସାଦ ଅ ଳବାସୀଙ୍କୁ ଦ୍ୱିପା ଳରେ ରଖିବା ପାଇଁ ଚାହୁଁଥିବା କେତେକ ନେତା ଏହାକୁ ନେଇ ରାଜନୀତି କରି ଭୋଟ ସଂଗ୍ରହ କରିବା ପାଇଁ ମୂଳ ଉଦ୍ଦେଶ୍ୟ ରଖିଥିବା ଅନେକ ବରିଷ୍ଠ ବୁଦ୍ଧିଜୀବି କହିଛନ୍ତି ।

## ମୋଟୁ ତହସିଲ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା କରୋନା ସଚେତନତା

ମାଲକାନଗିରି,୨୪।୨ (ନି.ପ୍ର): ବର୍ତମାନ କରୋନା ର ଦ୍ୱିତୀୟ ଟ୍ରେଣ୍ଡ ଦେଶରେ ଆରମ୍ଭ ହୋଇଯାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦ କ୍ଷେପ ନେଇଛନ୍ତି !ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ମୋଟୁ ତହସିଲଦାର ଶଶାଙ୍କ କୁମାର ମିଶ୍ର ନିଜେ ଡାକବାଜି ଯନ୍ତ୍ର ଦ୍ୱାରା ମୋଟୁ, ଏମଭି ୫୫, ଓ ଏମଭି ୮୮ ଗ୍ରାମରେ ଲୋକଙ୍କୁ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରଖିବା ସହ ସରକାରଙ୍କ ତରଫରୁ କରାଯାଇଥିବା କୋଭିଡ -୧୯ ନିୟମ ପାଳନ କରିବାକୁ ସଚେତନ କରିଥିଲେ !

# ଜାତୀୟ ଲସିକା ଫାଇଲେରିଆ ମୂଳୋତ୍ପାଟନ କାର୍ଯ୍ୟକ୍ରମ

## ଓଡ଼ିଶା ସରକାର ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୨୪।୨ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଲସିକା ଫାଇଲେରିଆର ମୂଳୋତ୍ପାଟନ ପାଇଁ ଗଞ୍ଜାମ ଜିଲ୍ଲାରେ ଏକ ଗଣଔଷଧ ସେବନ କାର୍ଯ୍ୟକ୍ରମ (ଏମଡିଏ) ଚଳିତ ମାସ ୨୫ ତାରିଖରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବେ । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଗ୍ଲୋବାଲ ହେଲ୍ ?ଥ ଷ୍ଟ୍ରାଟେଜି ସହିତ ମିଳିତ ଆନୁକୂଲ୍ୟରେ ଏକ ଗଣମାଧମ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଲସିକା ଫାଇଲେରିଆ ଦ୍ୱାରା ସୃଷ୍ଟି ହେଉଥିବା ଶକ୍ତିହୀନତା ସଂପର୍କିତ ସୂଚନା ପ୍ରସାରଣକୁ ନିଶ୍ଚିତ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା, ଯଦ୍ୱାରା କି ଜନସାଧାରଣ ଏହି ମାରାତ୍ମକ ରୋଗ ସଂପର୍କରେ ସଠିକ୍ ? ସୂଚନା ପାଇପାରିବେ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ତାଙ୍କର ଭିଡ଼ିଓ ବାର୍ତାରେ ଜିଲ୍ଲାରେ ହାତକୁ ନିଆଯାଇଥିବା ଏମ୍ ?ଡିଏ କାର୍ଯ୍ୟକ୍ରମ ଅବସରରେ ଔଷଧ ପ୍ରଦାନ କରୁଥିବା କର୍ମଚାରୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । କର୍ମଶାଳା ଅବସରରେ ଗଞ୍ଜାମର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡା. ଉମାଶଙ୍କର ମିଶ୍ର କହିଥିଲେ, ୨୦୨୧ ସୁଦ୍ଧା ଫାଇଲେରିଆ ମୂଳପୋଛ କରିବା ଲକ୍ଷ୍ୟ ରଖି ଓଡ଼ିଶା ସରକାର ଜାତୀୟ ଲସିକା ଫାଇଲେରିଆ ମୂଳୋତ୍ପାଟନ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାରେ ଚଳିତ ମାସ ୨୫ ତାରିଖରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଗଞ୍ଜାମର ଏଡିପିଏଚ୍ ?ଓ (ଭିବିଡି) ଡା. ସନ୍ତୋଷ କୁମାର ପାଢ଼ୀ ଏକ ଉପସ୍ଥାପନା ଜରିଆରେ କହିଥିଲେ ଯେ ଫାଇଲେରିଆ ଏକ ମାରାତ୍ମକ ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ମଶା କାମୁଡିବା ଦ୍ୱାରା ହୋଇଥାଏ । ବିଶ୍ୱବ୍ୟାପୀ ଦୀର୍ଘକାଳୀନ ଶାରୀରିକ ଅକ୍ଷମତା କ୍ଷେତ୍ରରେ ଫାଇଲେରିଆ ଅନ୍ୟତମ ମୁଖ୍ୟ କାରଣ ହୋଇଛି । ଭାରତର ଜାତୀୟ ଲସିକା ଫାଇଲେରିଆ ମୁଳୋତ୍ପାଟନ କାର୍ଯ୍ୟକ୍ରମର ଦୁଇସ୍ତରୀୟ କୌଶଳ ରହିଛି । ତାହା ହେଉଛି ଗଣ ଔଷଧ ସେବନ ଓ ରୁଗ୍ ?ଣ ଅବସ୍ଥା ପରିଚାଳନା ଏବଂ ଅକ୍ଷମତା ନିରାକରଣ । ଗଞ୍ଜାମ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ ଜଗଦୀଶ ପଟ୍ଟନାୟକ କୃମିନାଶ ଫାଇଦା ସଂପର୍କରେ ପ୍ରକାଶ କରିଥିଲେ । ସେ କହିଲେ ଯେ ଏମ୍‌ଡିଏ ସମୟରେ ଦିଆଯାଉଥିବା ଆଲ୍ ବେଣ୍ଡାଜୋଲ୍ ଭଳି ଔଷଧ କୃମିନାଶ କରିବା ଭଳି ଅତିରିକ୍ତ ଫାଇଦା ମଧ ଦେଇଥାଏ, ଯାହା ପିଲାଙ୍କଠାରେ ପୋଷାକ ତତ୍ୱକୁ ଅଧିକ ଧରି ରଖିଥାଏ ଏବଂ ସେମାନଙ୍କ ଶାରୀରିକ ତଥା ଜ୍ଞାନର ବିକାଶରେ ସହାୟକ ହୋଇଥାଏ । ଜୋନାଲ କୋଅର୍ଡିନେଟର (ଏନ୍‌ଟିଡି) ଡା. ସମ୍ବିତ ପ୍ରଧାନ କହିଥିଲେ ଯେ ଏମ୍‌ଡିଏ ପର୍ଯ୍ୟାୟ ସମୟରେ କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ସମସ୍ତ ନିରାପତାମୂଳକ ପଦକ୍ଷେପ ଯଥା- ହାତ ଧୋଇବା, ମାସ୍କ ପିନ୍ଧିବା ଏବଂ ଶାରୀରିକ ଦୂରତା ବଜାୟ ରଖିବା ସୁନିଶ୍ଚିତ କରାଯିବ । ଏଥିସହିତ ଆଶା, ଏଡବ୍ଲୁଡବ୍ଲୁ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ସ୍ଥାନୀୟ ବ୍ଲକ୍‌ଗୁଡ଼ିକର ଯୋଗ୍ୟ ହିତାଧିକାରୀମାନେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ମଧ ନିଶ୍ଚିତ କରାଯିବ । ଏହି ଅଭିଯାନ ସମୟରେ ଜିଲ୍ଲାର ୨୨ଟି ବ୍ଲକ୍, ଗୋଟିଏ ବିଇଏମ୍‌ସି ଏବଂ ୧୬ଟି ଏନ୍‌ଏସିରେ ୭୦୫୦ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୭୦୫ ଜଣ ସୁପରଭାଇଜର, ୧୩୨ ଆର୍‌ଆର୍‌ଟିଙ୍କୁ ନିୟୋଜିତ କରାଯିବ । ଜିଲ୍ଲାରେ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ମୋଟ ହିତାଧିକାରୀ ସଂଖ୍ୟା ୩୫ ଲକ୍ଷରୁ ଉଦ୍ଧ୍ୱର୍ ଅଟେ । ପରିଶେଷରେ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରୋଟେଜିର ନିର୍ଦ୍ଦେଶକ ଅନୁଜ ଘୋଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ସମସ୍ତଙ୍କର ମିଳିତ ପ୍ରଚେଷ୍ଟାରେ ଆମେମାନେ ରାଜ୍ୟରୁ ଲସିକା ଫାଇଲେରିଆ ମୂଳୋତ୍ପାଟନ କରିପାରିବା ବୋଲି ଆଶାବ୍ୟକ୍ତ କରିଥିଲେ

# ଜିଲ୍ଲା ପ୍ରଶାସନ ପକ୍ଷରୁ ୪ କିନ୍ନରଙ୍କୁ ପରିଚୟପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୨୪।୨ (ନି.ପ୍ର): ଜିଲ୍ଲାରେ ପ୍ରଥମ କରି ୪ ଜଣ କିନ୍ନରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଚି । କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଓ କିନ୍ନର ମାନଙ୍କୁ ସୁରକ୍ଷା ଲାଗି ୨୦୧୯ରେ ଆଇନ କାର୍ଯ୍ୟକାରୀ କରିଥିଲେ । ଏହା ଓଡିଶାରେ ଲାଗୁହେବା ପରେ ଆବେଦନ କରିଥିବା ୪ଜଣ କିନ୍ନରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି । ମଙ୍ଗଳବାର କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜ ୪ଜଣ କିନ୍ନରଙ୍କୁ ପରିଚୟପତ୍ର ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସର ରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପରିଚାଳନା କରିଥିଲେ । ଅନଲାଇନ ଓ ଅଫ ଲାଇନ ରେ ଦରଖାସ୍ତ କରିଥିବା କିନ୍ନର ମାନଙ୍କୁ ଜିଲ୍ଲାପାଳଙ୍କ ସ୍ୱାକ୍ଷର ରେ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ସିକୃତୀ ଯୋଜନା ମାଧ୍ୟମରେ ମଧୁବାବୁ ଭତା, ଶିକ୍ଷାବୃତି ଓ ୧୮ ବର୍ଷରୁ କମ୍ କିନ୍ନରଙ୍କ ପିତାମାତାଙ୍କୁ ଭତା ପ୍ରଦାନ କରାଯିବ । ଏହା ସହ ଦକ୍ଷତା ବିକାଶ ପାଇଁ ତାଲିମ, ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ, ଆତ୍ମ ନିର୍ଭର ଶୀଳ ହେବାପାଇଁ ସହାୟତା ତଥା ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ପ୍ରେତ୍ସାହନ ମିଳିବ ବୋଲି ପ୍ରକାଶ କରାଯାଇଛି । ଜିଲ୍ଲାରେ ଚିହ୍ନଟ କରାଯାଇ ଥିବା ୯ଜଣ କିନ୍ନରଙ୍କ ମଧ୍ୟରୁ ଆଳି ବ୍ଲକର ଲିପ୍ସା ପରିଡା, ମିନତୀ ତ୍ରିପାଠୀ, ରାଜକନିକା ବ୍ଲକର ସାବେରା ବେଗମ ଓ ଖାନମ ବେଗମଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି ।

## ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବଂଶିଧର ମଙ୍ଗରାଜଙ୍କ ଜୟନ୍ତୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କଣାସ,୨୪।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଜାଲି ଓହ୍ଲାଣ ବିଶ୍ୱନାଥ ସଂଯୁକ୍ତ ବିଦ୍ୟାଳୟ ପରିସରରେ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବଂଶୀଧର ମଙ୍ଗରାଜ ସ୍ମୃତି ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶରତ ଚନ୍ଦ୍ର ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟପୂଜା ସଂସଦ ଓଡିଶା ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ଏହି ବୈଠକରେ ଯୋଗଦେଇ ସ୍ୱଗୀୟ ମଙ୍ଗରାଜଙ୍କ ୧୦୪ତମ ଜୟନ୍ତୀ ପାଳନ ପାଇଁ ନିଷ୍ପତି କରିଥିଲେ । ସ୍ୱଗୀୟ ମଙ୍ଗରାଜଙ୍କ ଅବୟବ ପ୍ରତିମୂର୍ତି ସ୍ଥାପନ ସହିତ ଏକ ଜୟନ୍ତୀ ଉତ୍ସବ ଆସନ୍ତା ମାର୍ଚ୍ଚ ମାସ ୧ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି କରାଯାଇଥିଲା । ଏହି ଜନ୍ମ ଉତ୍ସବରେ ବିଶିଷ୍ଟ ବୃଦ୍ଧିଜିବୀ, ରାଜନେତା, ସାମାଜିକ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉତ୍ସବରେ ଅଂଚଳର ବୃଦ୍ଧିଜିବୀ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସ୍ମୃତି ପରିଷଦର କର୍ମକର୍ତାମାନେ ନିବେଦନ କରିଛନ୍ତି ।

# କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ କିସମ ଜମିରୁ ବେନିୟମ ଉଠାଯାଉଛି ମାଟି ମୋରମ: ଗଭୀର ନିଦ୍ରାରେ ରାଜସ୍ୱ ବିଭାଗ

କେନ୍ଦୁଝର,୨୪।୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣି ଉପତ୍ୟକା ଭାବେ ପରିଚିତ ଯୋଡା-ବଡବିଲ ଅଂଚଳରେ ଖଣିଜ ସଂପଦ ଚୋରା ଚାଲାଣ କାରବାର ବଢି ଚାଲିଥିବା ବେଳେ ଅନୁରୂପ ଭାବେ ଜିଲ୍ଲାର ବିଭିନ୍ନ ତହସିଲ ଅଂଚଳରେ ଲଘୁ ଖଣିଜ ସଂପଦର ଲୁଟ ମଧ୍ୟ ବଢିଚାଲିଛି । ହେଲେ ରାଜସ୍ୟ ବିଭାଗ କୌଣସି କାରଣରୁ ଏହା ଉପରେ ଗୁରୁତ୍ୱ ନଦେଇ ଅତି ହାଲକା ଭାବେ ନେଉଥିବା କାରଣରୁ ଏହି ଚୋରା କାରବାରକୁ ରୋକାଯାଇ ପାରୁନାହିଁ । ଏହି କ୍ରମରେ ଉଦାହରଣ ଭାବେ ଦେଖିବାକୁ ଗଲେ ଜିଲ୍ଲାର ଝୁମ୍ପୁରା ତହସିଲ ଅନ୍ତର୍ଗତ ୭ ଟି ରାଜସ୍ୱ ସର୍କଲରେ ବେନିୟମ ଭାବେ ଲଘୁ ଖଣିଜ ବାଲି, ପଥର,ମୋରମ, ମାଟି ଆଦି ଲଘୁ ଖଣିଜ ଉତୋଳନ କରାଯାଇ ଚୋରା ଚାଲାଣ କରାଯାଉଛି । ଗ୍ରାମବାସୀଙ୍କ ସୂଚନା ପରେ ଝୁମ୍ପୁରା ତହସିଲ ପକ୍ଷରୁ ସମୟ ସମୟରେ ଚଢାଉ ଜାରି ରହିଥିଲେ ହେଁ, ଲଘୁ ଖଣିଜ ଚୋରୀ ରୋକାଯାଇ ପାରୁନାହିଁ । ଯାହାକି କେବଳ ରାଜସ୍ୱ ବିଭାଗର ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ନାହିଁ ବଂର ଅଧିକନ୍ତୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୁଡିକ ଲଘୁ ଖଣିଜ ଚୋରୀ ର୍‍ୟାକେଟ୍‌କୁ ଅନୁକମ୍ପା ଦେଖାଉଥିବା ଲକ୍ଷ୍ୟ କରାଯାଉଛି । ଅନୁକମ୍ପା ଦେଖାଇବା କ୍ଷେତ୍ରରେ ରେ ସବୁଠାରୁ ଆଗରେ ରହିଛି ମଳଦା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ । ଜଙ୍ଗଲ ମୂଳକରେ ଥିବା ଏହି କାର୍ଯ୍ୟାଳୟ ଅଧିନ ଗ୍ରାମାଂଚଳରେ ସରକାରଙ୍କ ଉନ୍ନୟନ ମୂଳକ କାମ ଚାଲିଥିବା ବେଳେ, ସମ୍ପୃକ୍ତ ଠିକାଦାର ମାନେ ମନଇଛା ସୁବିଧା ମନେ କରୁଥିବା ଜଙ୍ଗଲ ଜାଗାରୁ ମାଟି, ମୋରମ, ପଥର ଆଦି ଉଠାଇ ନେଉଛନ୍ତି । କିନ୍ତୁ ସରକାରଙ୍କ ନିୟମନୁଯାୟୀ ଏଥିପାଇଁ ଆବଶ୍ୟକ ଅର୍ଥ ପୈଠ କରୁନାହାଁନ୍ତି । ଏବଂ ସବୁଜାଣି ମଧ୍ୟ ମଳଦା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୀରବ ରହୁଛି । ଫଳରେ ସରକାରଙ୍କର ପ୍ରଭୂତ୍ୱ ରାଜସ୍ୱ କ୍ଷତି ଘଟୁଛି । ଏବଂ ଅନ୍ୟ ପକ୍ଷରେ ଏଭଳି ମନଇଛା ମାଟି ମୋରମ ଆଦିର ଉଠାମ କାରଣରୁ ଉକ୍ତ ସ୍ଥାନରେ ଗଭୀର ଗର୍ତମାନ ସୃଷ୍ଟି ହେଉଅଛି । ଯାହାକି ଅନେକ ସମୟରେ ଗୃହ ପାଳିତ ପଶୁ , ବନ୍ୟ ଜନ୍ତୁ ଆଦିଙ୍କ ଅନ୍ୟ ମାନଙ୍କ ପାଇଁ ବିପଦର କାରଣ ହେଉଅଛି । ବର୍ଷା ସମୟରେ ଅଧିକ ବିପଦ ସୃଷ୍ଟି କରିଥାଏ ।ଏନେଇ ମଳଦା ରାଜସ୍ୱ ନିରୀକ୍ଷକ ଯୁଗଳ ପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ନଦେଇ ଫୋନ କାଟି ଦେଇଥିଲେ । ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି ତଦନ୍ତ କରାଯାଇ ଜୋରିମାନ ଆଦାୟ କରାଯିବ କହିଛନ୍ତି । କିନ୍ତୁ କେବେ ତହସିଲଦାରଙ୍କ କଥା ବାସ୍ତବରେ ରେ ପରିଣତ ହେଉଛି ତାହା ଦେଖିବାକୁ ବାକି ରହିଲା

# ଫାଇଲେରିଆ ନିରାକରଣ ପାଇଁ ସାମୂହିକ ବଟିକା ସେବନ କାର୍ଯ୍ୟକ୍ରମ

କେନ୍ଦୁଝର,୨୪।୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ସମୂହ ବଟିକା ସେବନ କାର୍ଯ୍ୟକ୍ରମ ଚଳିତ ଫେବୃଆରୀ ୨୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଚଳିତ ଫେବୃଆରୀ ୨୩ ତାରିଖ ଅପରାହ୍ନ ୪ ଘଟିକା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡି.ଟି.ୟୁ. ହଲ୍ ଠାରେ ଏହି କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ଗଣମାଧମର ପ୍ରତିନିଧିମାନଙ୍କୁ ବିଶଦ ଭାବେ ସୂଚନା ପ୍ରଦାନ କରି ଏ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ସିଡିଏମ୍‌ପିଏଚ୍‌ଓ ଡାଃ ଦାଶ ସୂଚନା ଦେଇ କହିଥିଲେ ଯେ ଫାଇଲେରିଆ ଏକ ମଶା ବାହିତ ରୋଗ । ୨୦୨୨ ମସିହା ସୁଦ୍ଧା ଭାରତ ସରକାର ଦେଶକୁ ଫାଇଲେରିଆ ମୁକ୍ତ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏହି କ୍ରମରେ ରାଜ୍ୟ ସରକାର ମଧ ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି କାର୍ଯ୍ୟକ୍ରମ ଆମ କେନ୍ଦୁଝର ଜିଲ୍ଲା ପାଇଁ ପ୍ରଥମ ଥର କାର୍ଯ୍ୟକାରୀ ହେବାକୁ ଯାଉଅଛି । ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଅତ୍ୟନ୍ତ ରୋଗାଗ୍ରସ୍ତ ବ୍ୟକ୍ତି ଏହି ବଟିକା ସେବନ କରିବେ ନାହିଁ । ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ବୟସ ଅନୁସାରେ ଏହି ବଟିକା ଖାଇବାକୁ ଦିଆଯିବ । ଏହି କାର୍ଯ୍ୟକ୍ରମ ଅର୍ନ୍ତଗତ ସମସ୍ତ ହିତାଧିକାରୀଙ୍କୁ ଡି.ଇ.ସି. ଏବଂ ଆଲ୍‌ବେଣ୍ଡାଜଲ୍ ବଟକା ଘର ଘର ବୁଲି ଆଶାକର୍ମୀ, ଅଙ୍ଗନଓ୍ୱାଡିକର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ସେବନ କରାଇବେ । ୨ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ଗୋଟିଏ ଡି.ଇ.ସି. ବଟିକା ଏବଂ ଗୋଟିଏ ଆଲ୍‌ବେଣ୍ଡାଜଲ ବଟିକା ଖାଇବେ । ସେହିଭଳି ୬ ବର୍ଷରୁ ୧୪ ବର୍ଷ ବୟସର ପିଲାମାନେ ୨ଟି ଡି.ଇ.ସି. ବଟିଆ ଏବଂ ଗୋଟିଏ ଆଲ୍‌ବେଣ୍ଡାଜଲ ବଟିକା ଖାଇବେ । ୧୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ୩ଟି ଡି.ଇ.ସି. ବଟିକା ଏବଂ ଗୋଟିଏ ଆଲବେଣ୍ଡାଜଲ ବଟିକା ଖାଇବେ । ସରକାରଙ୍କ ତରଫରୁ ଏହି ବଟିକା ସମ୍ପୂର୍ଣ୍ଣ ବିନା ମୂଲ୍ୟରେ ଖାଇବାକୁ ଦିଆଯିବ । ଏହି ବଟିକା ସେବନ କଲେ କୌଣସି ପାର୍ଶ୍ୱପ୍ରତିକ୍ରିୟା ହେବ ନାହିଁ । ଜିଲ୍ଲାର ସମସ୍ତ ୨୦୬୭ ଗ୍ରାମ ଏବଂ ୫ ଗୋଟି ସହରରେ ଏହି କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଉଛି । ମୋଟ୍ ୧୮ ଲକ୍ଷ ୬୧ ହଜାର ୨୩୧ ଜଣଙ୍କୁ ଏହି ବଟିକା ୪ ହଜାର ୫୦ ଜଣ ଔଷଧ ପ୍ରଦାନକାରୀଙ୍କ ଦ୍ୱାରା ଦିଆଯିବାର ବ୍ୟବସ୍ଥା କରାଯାଉଛି । ମୋଟ୍ ୪୦୫ ଜଣ ସୁପରଭାଇଜର ଏହି କାର୍ଯ୍ୟକ୍ରମକୁ ତଦାରଖ କରିବେ । ଜିଲ୍ଲାର ମୋଟ୍ ୫୧ ଗୋଟି ଆର୍.ଆର୍.ଟି. ଟିମ୍ ଏହି କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ବଳକା ରହିଯାଇଥିବା ହିତାଧିକାରୀଙ୍କୁ ଫେବୃଆରୀ ମାସ ୨୮ ତାରିଖ ଠାରୁ ମାର୍ଚ୍ଚ ୦୬ ତାରିଖ ପର୍ଯ୍ୟନ୍ତ ଔଷଧ ସେବନ କରାଯିବାକୁ ବ୍ୟବସ୍ଥା କରାଯାଉଅଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଦେବେନ୍ ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲିପ କୁମାର ଦୁବେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କେନ୍ଦୁଝର ଜୋନାଲ୍ କୋଅର୍ଡିନେଟର ଡାଃ ଦେବକାନ୍ତ ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କିପରି ସୁଚାରୁରୂପେ ସଂପାଦନ କରାଯାଇପାରିବ ସେଥି ନିମନ୍ତେ ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭିବିଡି କନ୍‌ସଲଟାଂଟ୍ ବଳଦେବ ନନ୍ଦ ଧନ୍ୟବାଦ ଅର୍ପଣ କରିବା ସହିତ ଏଫ୍.ଏଲ୍.ଏ. ଅନଙ୍ଗଭୂଷଣ ପାତ୍ର ଏବଂ ଚିତରଞ୍ଜନ ଜେନା ସହଯୋଗ କରିଥିଲେ ।

# ନକଲି ଶ୍ରମ କାର୍ଯ୍ୟାଳୟ ବିରୋଧରେ ଥାନାରେ ଏତଲା

ଗଞ୍ଜାମ,୨୪।୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଠାରେ ଚାଲିଥିବା ନକଲି ଶ୍ରମ କାର୍ଯ୍ୟାଳୟ ଶ୍ରମିକଙ୍କ ନାମ ପଞ୍ଜିକରଣ କରି ଶ୍ରମିକ କାର୍ଡ଼ ଯୋଗାଇବା ନାମରେ ଟଙ୍କା ଆଦାୟ ହେଉଥିଲା । ଏହି ଘଟଣା ଜଣାପଡିବା ପରେ ବ୍ରହ୍ମପୁର ଶ୍ରମ ବିଭାଗ ପକ୍ଷରୁ ଦିଗପହଣ୍ଡି ଥାନାରେ ଏତଲା ଦାୟର୍ ହୋଇଛି । ଏହାକୁ ଭିତି କରି ପୋଲିସ କେସ୍ ନଂ ୪୧/୨୧ ରେ ଏକ ମାମଲା ରୁଜୁ ହୋଇଛି । ଗଞ୍ଜାମ ଜିଲ୍ଲାରେ ଶ୍ରମିକ କାର୍ଡ଼ ପ୍ରଦାନ କରିବାକୁ ନେଇ ପୂର୍ବରୁ ମଧ ବହୁ ଜାଲିଆତି ଘଟଣା ନଜରକୁ ଆସିଥିଲା । ଏକ ସଂସ୍ଥା ଦିଗପହଣ୍ଡିରେ କାର୍ଯ୍ୟାଳୟ ଖୋଲି ଶ୍ରମିକ କାର୍ଡ଼ ଯୋଗାଇଦେବାକୁ କହି ପ୍ରତି ବ୍ୟକ୍ତି ପିଛା ୩ ଶହରୁ ୪ ଶହ ଟଙ୍କା ଆଦାୟ କରୁଥିବା ନେଇ ଖବର ମିଳିଥିଲା । ସେନେଇ ବ୍ରହ୍ମପୁର ଶ୍ରକ ଅଧିକାରୀ ବାବୁ ଚରଣ ପାତ୍ର ଦିଗପହଣ୍ଡିରେ ପହଂଚି ତଦନ୍ତ କାର୍ଯ୍ୟ ଯାଂଚ୍ କରିଥିଲେ । ଯାଂଚ୍ ପରେ ସେଠାରୁ କିଛି କାଗଜପତ୍ର ଜବତ ହୋଇଥିଲା । ଏଠାରେ ବେଆଇନ ଭାବେ ଶ୍ରମିକ କାର୍ଡ଼ ପ୍ରଦାନ କରାଯାଉଥିବା ନେଇ ଶ୍ରମ ଅଧିକାରୀ ଦିଗପହଣ୍ଡି ଥାନାରେ ଏତଲା କରିଥିଲେ । ପୁଞ୍ଜିକୟାଁ ଛକରେ ଏହି କାର୍ଯ୍ୟାଳୟ ରହିଛି । କାର୍ଯ୍ୟାଳୟର କର୍ମଚାରୀ ଦିଗପହଣ୍ଡି ଅଂଚଳର ବିଭିନ୍ନ ପଚାଂୟତରେ ଥିବା ଶ୍ରମିକଙ୍କ ନାମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ଼ ଦ୍ୱାରା ଶ୍ରମିକ କାର୍ଡ଼ କରାଇଦେବାକୁ ଆବେଦନ ପତ୍ର ଗ୍ରହଣ କରୁଥିଲେ । ଶ୍ରମିକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା ସମ୍ପର୍କରେ ମଧ ସେହି କାର୍ଯ୍ୟାଳୟରେ ବ୍ୟାନର ଓ ପୋଷ୍ଟର ଲଗାଯାଇଛି । ସରକାରଙ୍କ କୌଣସି ଅନୁମତି ନଥାଇ ଏକ ଘରୋଇ ସଂସ୍ଥା ଏଭଳି କାର୍ଡ଼ ପ୍ରଦାନ କରିବା ବେଆଇନ ହୋଇଥିବାରୁ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧାରେ ଥାନାରେ ଏତଲା ଦିଆଯାଇଛି । ଏହି କାର୍ଯ୍ୟାଳୟରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଆବେଦନ ପତ୍ର ଜମା ହୋଇଥିବା ଜଣାପଡିଛି । ପୋଲିସ ଏ ଦିଗରେ ଅଧିକ ତଦନ୍ତ ଜାରୀ ରଖିଛି ।

# ସତ୍ୟବାଦୀରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଡିଜାଇନକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୪।୨ (ନି.ପ୍ର): ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟର ରୂପରେଖ ସମ୍ପର୍କରେ ଆଜି ରାଜ୍ୟ ପୂର୍ତବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଏକ ଉପସ୍ଥାପନା କରାଯାଇଥିଲା । ପୁରୀ ଜିଲ୍ଲାର ସତ୍ୟବାଦୀ ସ୍ଥିତ ପ୍ରସିଦ୍ଧ ବନ ବିଦ୍ୟାଳୟରେ ଏହି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯିବ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ବନ ବିଦ୍ୟାଳୟ ପରିସରରେ ଏହି ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଏହାର ମର୍ଯ୍ୟାଦାକୁ ବହୁଗୁଣିତ କରିବ ବୋଲି ଆଶା କରାଯାଏ । ଏହି ନୂତନ ବିଶ୍ୱ ବିଦ୍ୟାଳୟର ଡିଜାଇନ ସତ୍ୟବାଦୀ ବନ ବିଦ୍ୟାଳୟ ଢ଼ାଂଚାରେ ପ୍ରସ୍ତୁତ କରାଯାଇଛି । ,ଠାରେ ଶାନ୍ତ, ସ୍ନିଗ୍ଧ ଓ ମୁକ୍ତ ପରିବେଶ ମଧ୍ୟରେ ଉତମ ଶୈକ୍ଷିକ ଅନୁଭବ ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗବେଷଣା କରିବାର ବ୍ୟବସ୍ଥା ରହିବ । ଏହି ଡିଜାଇନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି । ଏହାର ନିର୍ମାଣର ବିସ୍ତୃତ ଯୋଜନା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ନିଷ୍ପତି ନିଆଯିବ । ଉତ୍କଳମଣିଙ୍କର ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ସ୍ୱାଧୀନତା ସଂଗ୍ରାମ ସମୟର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ । ବକୁଳ ଓ ଛୁରିଆନା ବୃକ୍ଷ ଛାୟାରେ ମୁକ୍ତ ପରିବେଶ ମଧ୍ୟରେ ଏହି ବିଦ୍ୟାଳୟ ଗଢ଼ି ଉଠିଥିଲା । ଏଥିରେ ଓଡ଼ିଶାର ବହୁ ବିଖ୍ୟାତ ବ୍ୟକ୍ତି ଅଧ୍ୟୟନ କରି ପରବର୍ତୀ ସମୟରେ ରାଜ୍ୟର ଗୌରବକୁ ବୃଦ୍ଧି କରିଥିଲେ । ଏହା ଥିଲା ଏକ ଆଦର୍ଶ ବିଦ୍ୟାଳୟ । ମଣିଷ ତିଆରି କାରଖାନା । ସ୍ୱାଧୀନତା ଯୁଗର ପଂଚସଖା ଗୋପବନ୍ଧୁ ଦାସ, କୃପାସିନ୍ଧୁ ମିଶ୍ର, ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ଉତ୍କଳ ଜନନୀଙ୍କ ସୁଯୋଗ୍ୟ ସନ୍ତାନ ମାନଙ୍କ ମାର୍ଗଦର୍ଶନରେ ଦେଶଭକ୍ତି, ସେବା, ପ୍ରଜ୍ଞା ଓ ଜାତୀୟତାର ମହାନ ଶିକ୍ଷାନୁଷ୍ଠାନ ଭାବେ ଏହା ପ୍ରସିଦ୍ଧି ଲାଭ କରିଥିଲା । ସେହି ଐତିହାସିକ ବନ ବିଦ୍ୟାଳୟରେ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟର ନିର୍ଣ୍ଣିତ ଭାବରେ ଏକ ଅନନ୍ୟ ଉଦ୍ୟମ । ଓଡ଼ିଆ ଭାଷା ଷଷ୍ଠ ଭାରତୀୟ ଭାଷା ଭାବରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି । ଓଡ଼ିଆ ଭାଷାର ଅତୀତ ଅତ୍ୟନ୍ତ ସମୃଦ୍ଧ । ଓଡ଼ିଆ ଭାଷାରେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି । ସତ୍ୟବାଦୀ ବନ ବିଦ୍ୟାଳୟରେ ସ୍ଥାପିତ ହେବାକୁ ଯାଉଥିବା ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାପାଇଁ ଏକ ଅନନ୍ୟ ସୁଯୋଗ । ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ପର୍କରେ ଉଚ୍ଚତର ଶିକ୍ଷା ପ୍ରଦାନ କରାଯିବା ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଉଚ୍ଚତର ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରାଯିବ । ସାରା ଦେଶରେ ଓଡ଼ିଆ ଜାତିର ସ୍ୱତନ୍ତ୍ରତା ଏବଂ ଓଡ଼ିଆ ଭାଷାର ମହନୀୟତା ସମ୍ପର୍କରେ ଏହା ଏକ ଉଦାହରଣ ସୃଷ୍ଟି କରିବ । ଏହି ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନ ଶକ୍ତିର ପରିପୂର୍ଣ୍ଣ ବିକାଶ ସହିତ ଓଡ଼ିଆ ଭାଷାର ବ୍ୟାକରଣ, ଶବ୍ଦ ଭଣ୍ଡାର, କଥନ, ଲିଖନ ଆଦି ବିଷୟରେ ଉଚ୍ଚତର ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରିବ । ଏହି ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭି. କେ. ପାଣ୍ଡିଆନ ସଂଚାଳନ କରିଥିଲେ । ଏଥିରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି. କେ. ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ଭକ୍ତକବି.....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାଋଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ। ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି-

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସନ୍ତତ
ହେ ଦେବ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"।

+ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

## ମଧ୍ୟଯୁଗୀୟ କାବ୍ୟରେ ମାନବୀୟ ପ୍ରେମ....

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ସମସାମୟିକ ସମାଜର ପ୍ରତିଛବି ବହନକାରୀ ସାହିତ୍ୟ ହିଁ ସାର୍ଥକ ସାହିତ୍ୟ ହିସାବରେ ହୋଇଥାଏ ବିବେଚିତ । ମଧ୍ୟ ଯୁଗୀୟ ସାହିତ୍ୟରେ ଲକ୍ଷ୍ୟ କରାଯାଏ ତତ୍କାଳୀନ ସାମାଜିକ ଜୀବନର ପ୍ରତିଫଳନ । ତେଣୁ ମଧ୍ୟଯୁଗୀୟ କବିମାନଙ୍କ କବିତା ଗୁଡ଼ିକରେ ସ୍ୱଷ୍ଟ ବାରି ହୋଇପଡ଼େ ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରତିଛବିଗୁଡ଼ିକ । ସ୍ୱକୀୟା ପ୍ରେମ ହେଉ କି ପରକୀୟା ପ୍ରେମ ହେଉ - ଉଭୟ ପ୍ରେମ ପ୍ରଣୟରେ ରହିଛି ମାନବୀୟ ପ୍ରେମ ଯାହାକି ପରବର୍ତ୍ତୀ ସମୟରେ ପାଠକଟି ପାଠକରି ହୋଇଯାଇଛି ଅଭିଭୂତ ଓ ଭାବପ୍ରବଣ ହୋଇ ଖୋଜିବସିଛି ଅତୀତର ସେହି ସୁମଧୁର ଦୃଶ୍ୟରାଜିଗୁଡିକୁ । ସତରେ , ଧନ୍ୟ ସେହି ମଧ୍ୟଯୁଗୀୟ କବି ଓ ଅପରୂପା ସୌନ୍ଦର୍ଯ୍ୟରେ ଗଢ଼ିଥିବା କବିତା ସବୁ ।

ମଧ୍ୟଯୁଗୀୟ କାବ୍ୟର ଯଥାର୍ଥ ରୂପକାର ଥିଲେ କବି ଧନଞ୍ଜୟ ଭଞ୍ଜ । ତାଙ୍କ ପରେ କବି ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ଭକ୍ତ ଚରଣ ଦାସ , କବି ବଳଦେବ ପ୍ରମୁଖ ବିଭିନ୍ନ ରାଗରାଗିଣୀରେ ଲେଖିଛନ୍ତି ରୀତି କାବ୍ୟକୁ । ଏହି ରୀତି କାବ୍ୟ ଯେ ଓଡ଼ିଆ ସାହିତ୍ୟର ହୀରାନୀଳା ଖଚିତ ମଣିମୁକ୍ତା ସଦୃଶ ; ଏକଥା ନିଃସନ୍ଦେହରେ କୁହାଯାଇପାରେ ।

+ ଏ/୧୮୬,
କୋଏଲ ନଗର,
ରାଉରକେଲା
ଫୋନ ନଂ - ୭୬୮୩୮୯୮୦୨୬

## ନୁଣୁକୁଆ ଗ୍ରାମରେ ବାହ୍ୟମଳ ମୁକ୍ତ ଗ୍ରାମ ସଚେତନତା ଅଭିଯାନ

ପାରାଦୀପ,୨୪।୦୨ (ନି.ପ୍ର): ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ(ପିପିଏଲ୍)ର ସହଯୋଗରେ ବୁଧବାର ସକାଳ ୮ଟା ସମୟରେ ହର୍ଷ ଟ୍ରଷ୍ଟ ତରଫରୁ ଏକ ବାହ୍ୟମଳ ମୁକ୍ତ ଗ୍ରାମ ସଚେତନତା ଅଭିଯାନ ନୁଣୁକୁଆ ଗ୍ରାମର ହରପାର୍ବତୀ ମନ୍ଦି ପ୍ରାଙ୍ଗଣରୁ ଆରମ୍ଭ କରାଯାଇଥିଲା। ଏହି ଅଭିଯାନକୁ ହର୍ଷ ଟ୍ରଷ୍ଟର କର୍ମୀ ସ୍ୱର୍ଣ୍ଣଲତା ପ୍ରଧାନ ଓ ଶାଶ୍ୱତୀ ଶୁଭ୍ରା ଦାସ ପରିଚାଳନା କରିଥିବା ବେଳେ ନୁଣୁକୁଆ ଗ୍ରାମର ଓଡିଏଫ୍ ଭିଲେଜ କମିଟିର ସଭ୍ୟସଭ୍ୟା, ହରପାର୍ବତୀ ଯୁବକ ସଂଘ, ସିଆରପି(ଓଏଲଏମ), ଅଙ୍ଗନବାଡି କର୍ମୀ ଓ ସହାୟିକା, ଆଶା କର୍ମୀ ଓ ସହାୟିକା ଏବଂ ଅଗ୍ରଣୀ ମହିଳାମାନେ ଯୋଗଦେଇ ସହଯୋଗ କରିଥିଲେ । ନୁଣୁକୁଆ-୧ ଓ ନୁଣୁକୁଆ ଗ୍ରାମର ୪୧୦ ଘର ପରିବାର ବୁଲି ଅଭିଯାନକାରୀ ମାନେ ପାଇଖାନାର ବ୍ୟବହାର, ପାଇଖାନା ନିର୍ମାଣ, ବାହ୍ୟ ମଳମୂତ୍ର ବର୍ଜନ, ପଲିଥିନ୍ ବର୍ଜନ ଓ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ବ୍ୟାନର, ଫ୍ଲା- କାର୍ଡ ଓ ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ସଚେତନତାର ବର୍ତ୍ତା ଦେଇଥିଲେ ।

## କୋଭିଡ୍-୧୯ ଭେକ୍ସିନ୍‌ର ପାର୍ଶ୍ୱ ପ୍ରତିକ୍ରିୟା : ୫ କର୍ମଚାରୀ ଚିକିତ୍ସିତ

ଜଳେଶ୍ୱର ୨୪/୨ (ନି.ପ୍ର) : ଦୀର୍ଘ ୧୧ ମାସ ଧରି କୋଭିଦ୍ ସଂକ୍ରମଣ ଚାଲିବାପରେ ଏବେ ଭେକ୍ସିନ୍ ଦେବା ଆରମ୍ଭ ହୋଇଛି । ପ୍ରଥମେ କୋଭିଦ୍ ଯୋଦ୍ଧା ମାନଙ୍କୁ ଏଥିରେ ଶଂଶ୍ଳିଷ୍ଟ କରାଯାଇଥିବା ବେଳେ ୨ୟ ପର୍ଯ୍ୟାୟବ୍ୱେରକାରୀ କର୍ମଚାରୀ ମାନଙ୍କୁ ଗତ ମଂଗଳବାର ଠାରୁ ଟିକାକରଣ ଆରମ୍ଭ ହୋଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକର ଅଂଗନୱାଡି, ଆଶା କର୍ମୀ, ହେଲ୍‌ଥ୍ ୱାର୍କର, ଡକ୍ଟର, ନର୍ସ ଇତ୍ୟାଦି ୧୧୮୪ଜଣଙ୍କୁ ଭେକ୍ସିନ ଦେବାର ବ୍ୟବସ୍ଥା ହୋଇଥିବା ବେଳେ ଆଇନ୍ ଅନୁଯାୟୀ ୩୦ଜଣଙ୍କୁ ଭେକ୍ସିନ୍ ଦିଆଯାଇନାହିଁ । ତଥାପି ଅଦ୍ୟାବଧି ୧୧୩୪ଜଣ ଏଥିରେ ସାମିଲ ହୋଇଛନ୍ତି । ଗତ ମଂଗଳବାର ୨ୟ ଡୋଜ୍‌ରେ ବ୍ଲକ, ତହସିଲ, ଥାନା, ନିର୍ବାଚିତ ପଂଚାୟତରାଜ ପ୍ରତିନିଧି , ଦମକଳ ବାହିନୀକୁ ସାମିଲ କରି ଭେକ୍ସିନ ଦିଆଯାଇଛି । ମୋଟ ୨୮୮ଜଣଙ୍କ ମଧ୍ୟରୁ ମଂଗଳବାର ୧୦୬ଜଣଙ୍କୁ ଟିକାକରଣ କରାଯାଇଥିବା ବେଳେ ମାର୍ଚ୍ଚ ୧୩ ତାରିଖ ଯାଏ ଏହି କାର୍ଯ୍ୟ ଚାଲିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଡାକ୍ତର ପ୍ରଭାସ ଚନ୍ଦ୍ର ନୟକ କହିଛନ୍ତି । କିନ୍ତୁ ଗତ ମଂଗଳବାର ଟିକା ନେଇଥିବା କର୍ମଚାରୀଙ୍କ ମଧ୍ୟରୁ ଜଳେଶ୍ୱର ତହସିଲର ୫ଜଣ କର୍ମଚାରୀଙ୍କ ଠାରେ କାର୍ଶ୍ୱପ୍ରତିକ୍ରୀୟା ଦେଖା ଯାଇଥିବାର ଅଭିଯୋଗ ହୋଇଛି । ନାମ୍ପୋର ଆର୍‌ଆଇ ସଂଜୟ କୁମାର ପଣ୍ଡା ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ବ୍ୟତିତ ସଂଜୟ ମଣ୍ଡଳ, ଜଶୋମତୀ ଦଳାଇ, ଶିବୁ ଶଂକର ଭଂଜ, ଦିଲ୍ଲିପ ଚାନ୍ଦଙ୍କ ଠାରେ ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଇଥିବା କୁହାଯାଇଛି । ଏ ସଂପର୍କରେ ଡା. ନାୟକଙ୍କୁ ପଚାରିବାରୁ ସେ କହିଲେ ଏପରି ଟିକାକରଣ ପରେ ସାମାନ୍ୟ ଜ୍ୱର ଆସିପାରେ, କିନ୍ତା ଏହା ୨୪ ଘଣ୍ଟାରେ ସୁସ୍ଥହୋଇ ଯିବାର ସମ୍ଭାବନା ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦେଶରେ ବଢୁଛି ...

ଯାତ୍ରୀଙ୍କ ଠାରେ ଲକ୍ଷଣ ଦେଖାଦେଲେ କରାଯିବ ଆଂଟିଜେନ୍ ଟେଷ୍ଟ, କେରଳରୁ ପୁଣେକୁ ଆସୁଥିବା ଲୋକଙ୍କ ପାଇଁ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ, ଉତ୍ତରାଖଣ୍ଡ ସରକାରଙ୍କ କରୋନା କଟକଣା, କରୋନା ସଂକ୍ରମିତ ୫ ରାଜ୍ୟରୁ ଆସୁଥିଲେ ଆବଶ୍ୟକ ନେଗେଟିଭ୍ ରିପୋର୍ଟ, ହରିଦ୍ୱାର କୁମ୍ଭମେଳା ପାଇଁ ପ୍ରଶାସନର କଡା କଟକଣା, କୁମ୍ଭମେଳା ପାଇଁ ଆସୁଥିଲେ ସାଙ୍ଗରେ ଆଣିବାକୁ ହେବ କରୋନା ନେଗେଟିଭ୍ ରିପୋର୍ଟ, ଦେଶର ପ୍ରାୟ ୧୬ଟି ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଭୟ ବଢାଇଲାଣି । ଏପରି ସମୟରେ ବେସାମରିକ ବିମାନ ଚଳାଚଳ ବିଭାଗ ମଧ୍ୟ ଜାରି କରିଛି ଗାଇଡଲାଇନ୍ । ଭାରତକୁ ଆସୁଥିବା ବିମାନ ଯାତ୍ରୀଙ୍କ ପାଇଁ ମାର୍ଗଦର୍ଶିକା..., ଏୟାରସୁବିଧା ପୋର୍ଟାଲରେ ଅପଲୋଡ୍ କରିବାକୁ ହେବ ନେଗେଟିଭ୍ ରିପୋର୍ଟ, ଯାତ୍ରାର ୭୨ ଘଂଟା ଆଗରୁ ଆସିଥିବ ନେଗେଟିଭ୍ ରିପୋର୍ଟ, ବିମାନ ଆରୋହଣ ବେଳେ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ, ସବୁ ଯାତ୍ରୀଙ୍କୁ ଡାଉନଲୋଡ୍ କରିବାକୁ ହେବ ଆରୋଗ୍ୟ ସେତୁ ଆପ୍, ବ୍ରିଟେନ, ବ୍ରାଜିଲ, ଦକ୍ଷିଣ ଆଫ୍ରିକାରୁ ଆସୁଥିଲେ ୧୪ ଦିନିଆ ସଂଗରୋଧ, ୧୪ ଦିନ ପରେ ଲକ୍ଷଣ ଦେଖାନଗଲେ ଯିବାକୁ ମିଳିବ ଅନୁମତି, ଆମେରିକା, ୟୁରୋପ ଏବଂ ମଧ୍ୟପ୍ରାଚ୍ୟରୁ ଆସିଲେ କରାଇବାକୁ ହେବ କରୋନା ଟେଷ୍ଟ ।

### ଆଇଆଇଏମ୍‌ର ୭୪ତମ ...

ଆବଶ୍ୟକତା ତଥା ଚାହିଦାକୁ ପୂରଣ କରିବନି ବରଂ 'ବସୁଧୈବ କୁଟୁମ୍ବକମ୍' ବିଚାରରେ ବିଶ୍ୱ ସମୁଦାୟର ଆକାଂକ୍ଷାକୁ ମଧ୍ୟ ପୂରଣ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଗଣତନ୍ତ୍ରର ମନ୍ଦିରରେ ସମ୍ପତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା କଥା କହିଛନ୍ତି। ଯଦି ଶିଳ୍ପ ସମୂହ, ସରକାର ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକ ସମାଜ ଓ ଦେଶର ଉନ୍ନତି ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ ତେବେ ଆମେ ନିଶ୍ଚିତ ଭାବରେ ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିକୁ ସଠିକ୍ ଭାବରେ ଅନୁଧ୍ୟାନ କରିପାରିବା। ସେ କହିଛନ୍ତି ଯେ ଭାରତରେ ଅପାର ସମ୍ଭାବନା ରହିଛି। ଦେଶରେ ଥିବା ପ୍ରାକୃତିକ ସମ୍ପଦର ଅଧିକାରୀ ଏଠାକାର ନାଗରିକମାନେ । ତେଣୁ ଏହି ପ୍ରାକୃତିକ ସମ୍ପଦର ଆବଂଟନ ପାଇଁ ସ୍ୱଚ୍ଛ ଓ ମେକାନିଜମ୍ ଆଧାରକୁ ଆମେ ଗ୍ରହଣ କରିଛୁ । ଚଳିତ ସାଧାରଣ ବଜେଟରେ ଭବିଷ୍ୟତ ପାଇଁ ଭିତିଭୂମି ସୃଷ୍ଟି ନିମନ୍ତେ ସରକାର ପ୍ରାଧାନ୍ୟ ଦେଇଥିବା ବେଳେ ଏହା ଦ୍ୱାରା ଆଗାମୀ ଦିନରେ ଇସ୍ପାତର ଚାହିଦା ବୃଦ୍ଧି ପାଇବ। ରେଳ, ସଡ଼କପଥ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ପରି କ୍ଷେତ୍ର ଗୁଡିକରେ ଇସ୍ପାତର କ୍ଷମତା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଧାତବ ଇଞ୍ଜିନିୟରିଂ ଏବଂ ଇସ୍ପାତ କ୍ଷେତ୍ର ପାଇଁ ମାନବ ସମ୍ବଳର ବିକାଶ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୃଷ୍ଟି କରିବା ଉପରେ ସରକାର କାର୍ଯ୍ୟ କରୁଛନ୍ତି। ଆଇଆଇଟିରେ ପ୍ରତିଷ୍ଠା ହେବାକୁ ସେଂଟର ଅଫ୍ ଏକ୍ସଲେନ୍ସକୁ ମଞ୍ଜୁରି ଦିଆଯାଇଛି। ଦେଶର ଗୁରୁତ୍ୱପୂର୍ଣ୍ଣ ଲୁହା ଏବଂ ଇସ୍ପାତ କ୍ଷେତ୍ରର ଯୁଗ୍ମ ସହଯୋଗୀ ଗବେଷଣା ପ୍ରକଳ୍ପ ଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଇସ୍ପାତ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟା ମିଶନ ଗଠନ କରାଯାଇଥିବା ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

### ବହୁମୁଖୀ ସୁଇଚିଂ ଭର୍ଚୁଆଲ୍ ....

ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ୱେବ୍ ଭିତିକ ଉପଯୋଗକୁ କାର୍ଯ୍ୟକାରୀ କରୁଛି । ଟେଣ୍ଡର ପ୍ରକ୍ରିୟାରେ ସଂପୂର୍ଣ୍ଣ ସ୍ୱୟଂଚାଳିତ ବ୍ୟବସ୍ଥା ପ୍ରବର୍ତ୍ତନରେ ବିଭାଗର ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଫଳରେ ମନୁଷ୍ୟକୃତ ହସ୍ତକ୍ଷେପ ହ୍ରାସ ପାଇବା ସହିତ ସମୁଦାୟ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାରେ ଅଧିକ ଦକ୍ଷତା ଓ ପାରଦର୍ଶିତା ଆସିପାରିବ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ କୁମାର ସିଂ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ଶାସନ ସଚିବ, ବିଏସ୍‌ଏନ୍‌ଏଲ୍ ର ମୁଖ୍ୟ ସାଧାରଣ ପରିଚାଳକ ଏହି ଅବସରରେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ୍ ମୋଡ୍ ରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ମାର୍ଚ୍ଚ ୧ ରୁ ବୟସ୍କଙ୍କୁ ...

ଟୀକାଦାନ ସମ୍ପର୍କିତ ଷ୍ଟାଟସ୍ ଅପଡେଟ୍ କରାଯିବା ସହିତ ଟୀକାକରଣ, ସାର୍ଟିଫିକେଟ୍ ପ୍ରଦାନ କରାଯାଇପାରିବ। ସୂଚନାଯୋଗ୍ୟ ଯେ ଜାନୁଆରୀ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟୀକାକରଣ ଆରମ୍ଭ ହୋଇଥିଲା। ଏହାର ୩୦ ଦିନ ମଧ୍ୟରେ (ରବିବାର ବ୍ୟତୀତ) ୫ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାମାନଙ୍କୁ ଟୀକା ଦିଆଯାଇଛି।

## ଜଗତସିଂହପୁରରେ ଭ୍ରାମ୍ୟମାଣ ମୃର୍ତ୍ତିକା ପରୀକ୍ଷାଗାରର ଶୁଭାରମ୍ଭ

ପାରାଦୀପ,୨୪।୦୨ (ନି.ପ୍ର): ଜଗତସିଂହପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଭ୍ରାମ୍ୟମାଣ ମୃର୍ତ୍ତିକା ପରୀକ୍ଷାଗାର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଦ୍ୱାରା ବୁଧବାର ଅପରାହ୍ନରେ ଶୁଭାରମ୍ଭ ହୋଇଯାଇଛି । ଓଡିଶା ସରକାର ଓ ପିପିଏଲ୍‌ର ମିଳିତ ସହାୟତାରେ ଆରମ୍ଭ ହୋଇଥିବା ଏହି ଭ୍ରାମ୍ୟମାଣ ମୃର୍ତ୍ତିକା ପରୀକ୍ଷାଗାରକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଭ୍ରାମ୍ୟମାଣ ମୃର୍ତ୍ତିକା ପରୀକ୍ଷାଗାର ଜିଲ୍ଲାର କୃଷକ ମାନଙ୍କୁ ବହୁଳ ଭାବରେ ସହାୟତା ପ୍ରଦାନ କରିବ । ଚାଷି ମାନଙ୍କର ଅଭାବ ଅସୁବିଧା ଓ ଗୁଣବତ୍ତା ପରୀକ୍ଷା ପାଇଁ ଏହା ସହାୟକ ହେବ । ଏହି ଉଦ୍‌ଘାଟନୀ ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ମହାପାତ୍ର ଯୋଗଦେଇ ପରୀକ୍ଷାଗାରରେ ମାଟିରେ ଥିବା ଜୈବିକ, ଅଙ୍ଗାର, ସହଜ ଲବ୍‌ଧ ଫସଫରସ୍, ପଟାସ୍, ଲବଣାଂସ ଓ ପି.ଏଚ୍(ଅମ୍ଳତା ଓ କ୍ଷାରୀୟତା) ପରୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିପିଏଲ୍ ଉପ ମହାପ୍ରବନ୍ଧକ ବିଶ୍ୱଜିତ୍ ନନ୍ଦ ଯୋଗଦେଇ କହିଥିଲେ ଯେ ଏହି ମାଟି ପରୀକ୍ଷା ଗାଡି ବିଭିନ୍ନ ଗାଁରେ ପହଁଚି କୃଷକଙ୍କର ଜମିର ମାଟି ନମୁନା ସଂଗ୍ରହ କରି ପରୀକ୍ଷା ରିପୋର୍ଟ ଆଧାରରେ ସାର ପ୍ରୟୋଗ କରି ଚାଷିମାନେ ମୃର୍ତ୍ତିକା ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଅଧିକ ଅମଳ କରି ପାରିବେ ।

## ରାଜୀବଗାନ୍ଧୀ ପଂଚାୟତରାଜ ସଂଗଠନର ଜିଲ୍ଲା କନଭେନସନ




ବାରିପଦା,୨୪।୦୨ (ନି.ପ୍ର): ବାରିପଦା ରୋଟାରୀ କ୍ଲବ ଠାରେ ରାଜୀବଗାନ୍ଧୀ ପଂଚାୟତରାଜ ସଂଗଠନର ଜିଲ୍ଲା କନଭେନସନ ଆଜି ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜୋନାଲ ସଂଯୋଜକ ନିରୋଜ ଲୋଚନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନଭେନସନରେ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକ ସଂଯୋଜକ ଉପସ୍ଥିତ ଥିଲେ। ପ୍ରଥମେ ପରିଚୟ ଆଦାନ ପ୍ରଦାନ ପରେ ରାଜ୍ୟ ସଂଯୋଜକ ସୁଦର୍ଶନ ଦାସ ପଂଚାୟତରାଜ ସଂଗଠନର ଗୁରୁତ୍ୱ ରାଜୀବ ଗାନ୍ଧୀଙ୍କ ପଂଚାୟତରାଜ ସଂଗଠନ ଜରିଆରେ ପଂଚାୟତକୁ ସୁଦୃଢ କରିବା ପାଇଁ ତ୍ରୀସ୍ତରିୟ ପଂଚାୟତ ଗଠନ, ଲୋକଙ୍କ ହାତରେ କ୍ଷମତା ବିକେନ୍ଦ୍ରୀ କରଣ ପାଇଁ ତାଙ୍କର ଉଦ୍ୟମ ବିଷୟରେ ଆଲୋଚନା ପୂର୍ବକ ତାଙ୍କର ଦୂରଦ୍ରଷ୍ଟା ଚିନ୍ତାଧାରାକୁ ପ୍ରସଂଶା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଂଚାୟତରାଜ ସଂଗଠନର ରାଜ୍ୟ ପ୍ରଭାରୀ କୁନାଲ ବାନାର୍ଜୀ ଉପସ୍ଥିତ ରହି ଅଭିଭାଷଣରେ ରାଜୀବ ଗାନ୍ଧୀ ପଂଚାୟତରାଜ ସଂଗଠନ ଦ୍ୱାରା କିପରି କଂଗ୍ରେସ ଦଳ ସୁଦୃଢ ହୋଇ ପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ସଂଯୋଜକ ସୁଦର୍ଶନ ଦାସ ଜୋନାଲ ସଂଯୋଜକ ଭାବେ ନିରୋଜ ଲୋଚନ ଦାସ ଓ ଜିଲ୍ଲା ସଂଯୋଜକ ଭାବେ ମୟୁରଭଞ୍ଜ - ୧ ପାଇଁ ମିନକେତନ ବେହେରା ଓ ମୟୁରଭଞ୍ଜ-୨ ପାଇଁ ଭୁବନ ବିହାରୀ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବାର ଘୋଷଣା କରିଥିଲେ। ଏହି ବୈଠକରେ ରାଜ୍ୟ ଯୁଗ୍ମ ସଂଯୋଜକ ବିଜୟ ପ୍ରଧାନ , ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଅଜିତ ଜେନା, ଜ୍ୟୋତିପ୍ରକଶ ରଥ ପ୍ରମୁଖ ଉପସ୍ଥିତ ରହି ପଂଚାୟତରାଜ ସଂଗଠନ ଦ୍ୱାରା କିପରି କଂଗ୍ରେସ ଦଳ ସୁଦୃଢ ହୋଇ ପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ତୁଷାର କାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଦ୍ରକ ଜିଲ୍ଲା କ୍ରିକେଟ ସଂଘ କାର୍ଯ୍ୟକାରିଣୀ ପୁନଃଗଠିତ



ଭଦ୍ରକ,୨୪।୦୨ (ନି.ପ୍ର): ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନର ୧୫ ସଦସ୍ୟ ବିଶିଷ୍ଟ କାର୍ଯ୍ୟକାରିଣୀ ପୁନର୍ଗଠିତ ହୋଇଯାଇଛି। ଉପେନ୍ଦ୍ର କୁମାର ବାରିକ ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଧିରେନ ପଲାଇ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ଭବତୋଷ ଦାସ ଓ ନୀଳଶୈଳ ନାୟକ, ଯୁଗ୍ମ ସମ୍ପାଦକ ଭାବେ ରାଣୀତାଳ ନିବାସୀ ଦିଲ୍ଲିପ କୁମାର ନାୟକ ଓ ନୀଳମାଧବ ଦାସ ଓ କୋଷାଧ୍ୟକ୍ଷ ଭାବେ ବ୍ୟୋମକେଶ ସେନାପତି ନିର୍ବାଚିତ ହୋଇଛନ୍ତି। ଅଧ୍ୟାପକ ବିଜୟ କୁମାର ଜେନା,ଲକ୍ଷ୍ମୀକାନ୍ତ ଷଡଙ୍ଗୀ, ଆଇନଜିବୀ ଯତିକାନ୍ତ ନାୟକ,ବିଜୟ କୁମାର ଲଖାନୀ, ରୋଟାରିଆନ ଅତିସ କୁମାର ବେହେରା,ରବିନାରାୟଣ ପାଣିଗ୍ରାହୀ,ଚରମ୍ପା ନିବାସୀ ଦିଲ୍ଲିପ ନାୟକ ଓ ସୁଶିଲ କୁମାର ପଟ୍ଟନାୟକ ଏହି କାର୍ଯ୍ୟକାରିଣୀର ସଦସ୍ୟ ରୂପେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ପୁନର୍ଗଠନ ପ୍ରକ୍ରିୟା ୧୮ ତାରିଖ ଠାରୁ ଆରମ୍ଭ ହୋଇଥିଲା ଓ ଏହି କ୍ରମରେ ଆଜି ପୁର୍ବାହ୍ନରେ ନିର୍ବାଚନ କାର୍ଯ୍ୟକ୍ରମ ଥିଲା। କାର୍ଯ୍ୟକାରିଣୀର ପ୍ରତି ପଦବୀ ପାଇଁ ଗୋଟିଏ ଲେଖାଏ ନାମାଙ୍କନ ପତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ମିଳିଥିବାରୁ ନିର୍ବାଚନ ଅଧିକାରୀ ରୂପେ ନିମନ୍ତ୍ରିତ ବରିଷ୍ଠ ଆଇନଜିବୀ ଦିବ୍ୟସିଂହ ନାୟକ ସମସ୍ତଙ୍କୁ ନିର୍ବାଚିତ ଘୋଷଣା କରିଥିଲେ। ନିର୍ବାଚନ ଓ କାର୍ଯ୍ୟକାରିଣୀ ପୁନର୍ଗଠନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନର ନିର୍ଦ୍ଦେଶ କ୍ରମେ ସି.ଇ.ଓ. ସୁବ୍ରତ କୁମାର ବେହେରା ଓ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ତଥା କ୍ରିକେଟ ଆସୋସିଏସନର କାଉନସିଲ ସଦସ୍ୟ ପର୍ଯ୍ୟବେକ୍ଷକ ରୂପେ ଅଭିଜିତ ପାଲ ଯୋଗଦେଇଥିଲେ। ନିର୍ବାଚନ ପରେ ଅନୁଷ୍ଠିତ ସାଧାରଣ ସଭାରେ ପୁର୍ବତନ ଉପସଭାପତି ଅଧ୍ୟାପକ ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଏହି ସଭାରେ ନିର୍ବାଚନ ଅଧିକାରୀ ନିର୍ବାଚନା ପରିଚାଳନା ସମ୍ପର୍କିୟ ବିବରଣୀ ପ୍ରଦାନ କରିଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନର ପର୍ଯ୍ୟବେକ୍ଷକ ମାନେ ଏତେ ଅନ୍ତରଙ୍ଗ ପରିବେଶରେ ଶୃଙ୍ଖଳାର ସହିତ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ସାଧାରଣ ସଭାର ସଦସ୍ୟ ମାନଙ୍କୁ ପ୍ରସଂଶା କରିଥିଲେ। ବିଦାୟୀ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ବାରିକ ବିଗତ କାର୍ଯ୍ୟକାରିଣୀର କାର୍ଯ୍ୟଧାରା ସମ୍ପର୍କରେ ସଦସ୍ୟ ମାନଙ୍କୁ ଅବଗତ କରିଥିଲେ। ନବନିଯୁକ୍ତ ସାଧାରଣ ସମ୍ପାଦକ ଧିରେନ ପଲାଇ ତୃଣମୂଳ ସ୍ତରରୁ କ୍ରିକେଟ ପ୍ରତିଭା ମାନଙ୍କୁ ଆବିଷ୍କାର କରି ସେମାନଙ୍କୁ ଉପଯୁକ୍ତ ତାଲିମ ଦେବାକୁ ଓ ଭଦ୍ରକ ଜିଲ୍ଲାରେ କ୍ରିକେଟର ଭିତିଭୂମି ଉନ୍ନତ କରିବାକୁ ନୂତନ କାର୍ଯ୍ୟକାରିଣୀ ଉଦ୍ୟମ କରିବ ବୋଲି ପ୍ରତିଶୃତି ଦେବା ସହ ଭଦ୍ରକ କୋଣ ଅନୁକୋଣରୁ କ୍ରିକେଟ ପ୍ରେମୀ ମାନଙ୍କର ସହଯୋଗ କାମନା କରିଥିଲେ।

## ଦି ହ୍ୱିସିଲ୍ ବ୍ଲୋୟରର୍ସ ପ୍ରୋଟେକ୍ସନ ବିଲ୍-୨୦୨୦ ବିଧାନସଭାରେ ଆଗତ: ଆଲୋଚନା ଅସମାପ୍ତ

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଆଜି ଗୃହରେ ବିଜେପି ସଭ୍ୟ ମୋହନ ଚରଣ ମାଝୀ ଏବଂ ଡ. ମୁକେଶ ମହାଲିଙ୍ଗ ଦୁଇଟି ବେସରକାରୀ ବିଲ୍ ଆଗତ କରିଥିଲେ। ଏହା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲେ ହେଁ ଏହା ଅସମାପ୍ତ ରହିଥିଲା। ଏହି ବିଲ୍‌ଗୁଡ଼ିକ ହେଲା ଦୁର୍ନୀତିର ପର୍ଦ୍ଦାଫାଶ କରୁଥିବା ବ୍ୟକ୍ତିର ସୁରକ୍ଷା ଦେବା ଉଦ୍ଦେଶ୍ୟରେ(ଦି ହ୍ୱିସିଲ୍ ବ୍ଲୋୟରର୍ସ ପ୍ରୋଟେକ୍ସନ) ବିଲ୍-୨୦୨୦ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଂଶୋଧନ ବିଲ୍-୨୦୨୦। ଶ୍ରୀ ମାଝୀ ବିଲ୍ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ସମାଜରେ ଦେଖାଦେଇଥିବା ଦୁର୍ନୀତି, ଅପରାଧିକ କାର୍ଯ୍ୟକଳାପ ଓ ପି.ସି. ବ୍ୟବସ୍ଥାକୁ ରୋକାଯାଇ ପାରିବ। ସେହିପରି ଲୁଟ୍ ହେଉଥିବା ସରକାରୀ ସମ୍ପତିକୁ ସୁରକ୍ଷା ଦିଆଯାଇ ପାରିବ। ଏ ସମ୍ପର୍କରେ ଯେଉଁମାନେ ଅଭିଯୋଗ ଆଣୁଛନ୍ତି ତାଙ୍କୁ ସୁରକ୍ଷା ମଧ୍ୟ ଦିଆଯାଇ ପାରିବ। ଫଳରେ ସୁସ୍ଥ ସମାଜ ଗଠନ ହୋଇପାରିବ ଏବଂ ସାମାଜିକ ନ୍ୟାୟ ମଧ୍ୟ ତୁରନ୍ତ ମିଳିପାରିବ। ଏହାକୁ ଆଇନ୍‌ରେ ପରିଣତ କରିବା ପାଇଁ ବିଲ୍ ଅଣାଯିବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ଏହି ବିଲ୍ ଦ୍ୱାରା ସମ୍ଭବ ହୋଇପାରିବ। ବିଜେପି ସଭ୍ୟ ଗଣେଶ ରାମ ସିଂ ଖୁଂଟିଆ ଏହି ବିଲ୍‌କୁ ସ୍ୱାଗତ କରି କହିଥିଲେ ଯେ, ସାଧାରଣ ନାଗରିକ ଏହାଦ୍ୱାରା ଉପକୃତ ହେବେ। ସବୁ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରଯାଇ ପାରିବ। ବିଧାୟକ ହାତପାଣ୍ଠି ଅର୍ଥ ମଞ୍ଜୁରବେଳେ ପଂଚାୟତମାନଙ୍କରେ ଯେଉଁ ଲାଂଚ ନିଆଯାଉଛି ତାହା ବନ୍ଦ ହେବ। ବିଧାୟକ ମହାଲିଙ୍ଗ ବିକାଶ ପରିଷଦ ବିଲ୍ ଆଗତ କରି କହିଥିଲେ ଯେ, ଆଂଚଳିକ ବୈଷମ୍ୟ ଦୂର କରିବା ସହ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପରିଷଦ ଗଠନ ହୋଇଥିଲା। ଏହି ପରିଷଦ ଅଧିନରେ ୧୧ଟି ଜିଲ୍ଲା ଓ ୩୭ଟି ନିର୍ବାଚନ ମଣ୍ଡଳୀ ରହିଛି। ଦୁଇଟି ମ୍ୟୁନିସ୍‌ପାଲ୍ କର୍ପୋରେସନ ରହିଛି। ୨୫ଟି ଅତି ପଛୁଆ ଅଂଚଳ ମଧ୍ୟ ରହିଛି। ୨୦ ବର୍ଷରେ ଦେଢ଼ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଇଥିଲେ ହେଁ ଉପରୋକ୍ତ ଉଦ୍ଦେଶ୍ୟ ପୂରଣ ହୋଇପାରି ନାହିଁ। କାଉନସିଲ୍‌ରେ ବିଭିନ୍ନ ପ୍ରକାର ଅନିୟମିତତା ରହିଛି। ଖାଲି ପଡ଼ିଥିବା ସଭ୍ୟ ପଦବୀ ପୂରଣ ହୋଇପାରୁ ନାହିଁ। ଚେୟାରମ୍ୟାନ୍‌ଙ୍କ ଇଚ୍ଛାଧିନରେ ପ୍ରୋଜେକ୍ଟ ପାଇଁ ଅର୍ଥ ଦିଆଯାଉଛି ବୋଲି କହିଥିଲେ।

## ଓଡ଼ିଶୀ ସଂଗୀତ ଉତ୍ସବ ଏବଂ କର୍ମଶାଳା

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଓଡ଼ିଶୀସଂଗୀତଏବଂ ନୃତ୍ୟର ପ୍ରଚାର ପ୍ରସାର ଦିଗରେ ନିରନ୍ତରକାର୍ଯ୍ୟ କରିଆସୁଥିବା ରାଜ୍ୟସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଓଡ଼ିଶୀଗବେଷଣାକେନ୍ଦ୍ର' ତା'ର ପ୍ରୟାସ ଜାରି ରଖିଆସିଛି । ଗବେଷଣାବ୍ୟତୀତରାଜ୍ୟ ତଥା ଦେଶରବିଭିନ୍ନସ୍ଥାନରେଏହି ଅନୁଷ୍ଠାନ ସଂଗୀତଏବଂ ନୃତ୍ୟ ସହିତ ବହୁ ବିଦ୍ୱାନ ମାନଙ୍କୁନେଇବିଭିନ୍ନକର୍ମଶାଳା ଆୟୋଜନ କରିଆସୁଅଛି । ଓଡ଼ିଶୀ ସଂଗୀତ ଓଡ଼ିଶାର କଳାସଂସ୍କୃତିର ଅନନ୍ୟ ପରିଚୟ । ସମସ୍ତଙ୍କର ଅନୁରୋଧକ୍ରମେ ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ଏକ ଦୁଇଦିନିଆ "ଓଡ଼ିଶୀ ସଂଗୀତ ଉତ୍ସବଏବଂ କର୍ମଶାଳା" ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ସମ୍ବଲପୁର କଳା ପରିଷଦର ସହଯୋଗରେ ଓଡ଼ିଶାର କଳା, ବୈଚିତ୍ର୍ୟଏବଂ ବିଭବର ସ୍ଥାନ ସମ୍ବଲପୁରର ଜିଲ୍ଲା ପ୍ରେକ୍ଷାଳୟ "ତପସ୍ୱିନୀ" ରେ ଫେବୃୟାରୀ ମାସ ୨୪ ଏବଂ ୨୫ ତାରିଖରେ ଆୟୋଜନ କରିଛନ୍ତି । ଏକ ସାଙ୍ଗୀତିକ ତଥା ମନୋଜ୍ଞ ପରିବେଶ ମଧ୍ୟରେ ଆଜିର ଉଦ୍‌ଘାଟନୀକାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ସୁରେଶ ଚନ୍ଦ୍ର ପୂଜାରୀ, ସାଂସଦ (ଲୋକସଭା) ମୁଖ୍ୟ ଅତିଥି ରୂପେ ଯୋଗଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନ୍ୟମାନଙ୍କମଧ୍ୟରେ ମଂଚରେ ଉପସ୍ଥିତି ଥିଲେ । ସୁକାନ୍ତ ତ୍ରିପାଠୀ, ଲୋକସମ୍ପର୍କ ବିଭାଗର ଅଧିକାରୀ ନନ୍ଦିନୀ ମୁଣ୍ଡାରି, ଦୈନିକ ସମ୍ବାଦର ମୁଖ୍ୟ ସମ୍ପାଦକ ଦେବେନ୍ଦ୍ର ସାମନ୍ତରାୟ, ସାଧାରଣ ସମ୍ପାଦକ ସମ୍ବଲପୁର କଳାପରିଷଦ ସୁଶାନ୍ତ ମିଶ୍ର । ଏହିକାର୍ଯ୍ୟକ୍ରମଟି ପ୍ରଥମେ ସ୍ୱଭାବକବି ଗଂଗାଧର ମେହେରଙ୍କ ପ୍ରତି ଉତ୍ସର୍ଗୀକୃତ ହୋଇଥିଲା । ଏବଂ ସେଥିପାଇଁ ତାଙ୍କ ରଚିତ ଓଡ଼ିଶୀ ସଂଗୀତର ଅନ୍ୟତମ ବିଭବ ଜଣାଣ "ଜୟ ଜଗଦିଶ ଜୟ ସମ୍ପଦିଶ"ରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହାକୁ ପରିବେଷଣ କରିଥିଲେ ଡକ୍ଟର ସଙ୍ଗୀତା ଗୋସାଇଁ । ପ୍ରଥମ ପର୍ଯ୍ୟାୟରେ ଗାୟନ ପ୍ରସ୍ତୁତ କରିଥିଲେ ଅଚ୍ୟୁତ ମହାରଣା (ପୁରୀ), ଶ୍ରୀମତୀ ନମିତା ଆଚାର୍ଯ୍ୟ (ସମ୍ବଲପୁର), ଶ୍ରୀମୋତିଲାଲ୍ ଦୋରା (ସମ୍ବଲପୁର), ଶ୍ରୀରାଜେନ୍ଦ୍ରସ୍ୱାଇଁ (କେନ୍ଦ୍ରାପଡ଼ା), ଦଳଗତଗାୟନ ପ୍ରସ୍ତୁତ କରିଥିଲେ ସମ୍ବଲପୁର କଳାପରିଷଦର କଳାକାରମାନେ । କାର୍ଯ୍ୟକ୍ରମ ଶେଷରେ ଏକକ ମର୍ଦ୍ଦଳ ବାଦନ ପ୍ରସ୍ତୁତ କରିଥିଲେ ଗୁରୁ ଶ୍ରୀସଚ୍ଚିଦା ନନ୍ଦ ଦାସ । କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଡ. ସଂଗୀତା ଗୋସାଇଁ । ପ୍ରକାଶ ଥାଉକି ଆଜି ପୂର୍ବାହ୍ନରେ 'ସ୍ୱୀକାର' ପକ୍ଷରୁଆୟୋଜିତ 'ସଂଚାର କର୍ମଶାଳା'ରେ ମୁଖ୍ୟ ନିର୍ବାହୀଙ୍କ ସହିତ ଗବେଷଣା କେନ୍ଦ୍ରର ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଯୋଗଦାନ କରିଥିଲେ ।

## ଜନଜାଗୃତି ମଞ୍ଚ ତରଫରୁ 'ମୋ ଚାଟଶାଳୀ'ର ସ୍ୱେଚ୍ଛାସେବୀଙ୍କୁ ତାଲିମ କାର୍ଯ୍ୟକ୍ରମ

ଉଦଳା,୨୪।୦୨ (ନି.ପ୍ର): କୋଭିଡ୍ - ୧୯ର ପ୍ରଭାବ ତାଲାବନ୍ଦ ଯୋଗୁଁ ବିଦ୍ୟାଳୟ ଗୁଡ଼ିକ ଦିର୍ଘଦିନ ଧରି ବନ୍ଦ ରହିଲା, ଫଳରେ ପିଲାଙ୍କ ପାଠ ପଢ଼ାରେବହୁତ କ୍ଷତି ଘଟିଲା । ବିଶେଷ କରି ଗାଁ ଗହଳ ମାନଙ୍କରେ ଥିବା ଗରିବ ପିଲାଙ୍କ କଥା କହିଲେ ନସରେ । ଏହି ସବୁ ପିଲାମାନେ ପାଠ ଠାରୁ ସମ୍ପୂର୍ଣ୍ଣ ଦୁରେଇ ଯାଇଥିବା ବେଳେ, କିଛି ପିଲା ପାଠ ପଢ଼ା ଛାଡ଼ି ଅନ୍ୟାନ୍ୟ କାମ ଧନ୍ଦାରେ ଲାଗି ରହୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏତିକି ବେଳେ ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଞ୍ଚ' ଆରମ୍ଭ କରିଛି ଏକ ଅଭିନବ ପ୍ରୟାସ । ବିଭିନ୍ନ ଗ୍ରାମରେ 'ମୋ ଚାଟଶାଳି' ଖୋଲି ସ୍ୱେଚ୍ଛାସେବକ ମାନଙ୍କୁ ନିଯୁକ୍ତି ଦେଇ ଗରିବ ପିଲା ମାନଙ୍କୁ ପାଠ ପଢ଼ାଇ ପୁଣି ଥରେ କିପରି ବିଦ୍ୟାଳୟମୁଖୀ କରାଯାଇ ପାରିବ ସେଥିପାଇଁ ଚଳାଇଛି ପ୍ରୟାସ । ଉକ୍ତ ସ୍ୱେଚ୍ଛାସେବକ ମାନଙ୍କୁ ଚଳିତ ଫେବୃଆରୀ ୨୨ ଓ ୨୩ ତାରିଖ ୨ ଦିନ ଧରି ଉଦଳା ପଞ୍ଚାୟତ ସମିତିର ଘୁଣ୍ଟିବଣି ଓ ଗୋପବନ୍ଧୁନଗର ପଞ୍ଚାୟତ ସମିତିର ଖୁଣ୍ଟା ଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଘୁଣ୍ଟିବଣୀ ଠାରେ ଉଦଳା ଓ କପ୍ତିପଦା ବ୍ଲକ ଅଞ୍ଚଳରୁ ମୋଟ ୩୯ ଜଣ ସ୍ୱେଚ୍ଛାସେବୀ ତାଲିମ ନେଇଥିବା ବେଳେ ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକ ଅଞ୍ଚଳରୁ ମୋଟ ୨୫ ଜଣ ସ୍ୱେଚ୍ଛାସେବୀ ତାଲିମ ନେଇଛନ୍ତି । ଏହିଭଳି ପର୍ଯ୍ୟାୟ କ୍ରମେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରାଯିବାକୁ ନିସ୍ପତ୍ତି ନିଆଯାଇଥିବା ବେଳେ ମୟୂରଭଞ୍ଜରେ ମୋଟ ୩୨୨ଟି ଚାଟଶାଳୀ ଖୋଲାଯିବାର ଯୋଜନା ରହିଛି ବୋଲି ଜନଜାଗୃତି ମଞ୍ଚ ତରଫରୁ କୁହାଯାଇଛି । ପ୍ରଶିକ୍ଷକ ଭାବରେ 'ଜନଜାଗୃତି ମଞ୍ଚ'ର ଟିମ ଲିଡ଼ର ଗଦାଧର ଦାଶ, ଜନସାଥି ସୁବ୍ରତ କୁମାର ମହାନ୍ତି ଓ ଆତ୍ମଶକ୍ତି ଟ୍ରଷ୍ଟର ସ୍ୱେଚ୍ଛାସେବୀ ପ୍ରଶନ୍ନ କୁମାର ପ୍ରଧାନ ତାଲିମ ପ୍ରଦାନ କରୁଛନ୍ତି । ବିଭିନ୍ନ ପ୍ରକାର ଗପ, ଗୀତ ଓ ମନୋରଂଜନ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଦାନ କରାଯାଉଥିବା ଏହି ତାଲିମ ବେଶ ଶିକ୍ଷଣୀୟ ହେଉଛି ବୋଲି ସ୍ୱେଚ୍ଛାସେବୀ ମାନେ କହିଛନ୍ତି । ଚାଟଶାଳି ଦ୍ୱାରା ସୁଧାରାତ୍ମକ ଶିକ୍ଷା ଓ ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି ଅବିଭାବକ ମାନେ ଆଶା ପୋଷଣ କରିଛନ୍ତି । ଆତ୍ମଶକ୍ତି ଟ୍ରଷ୍ଟର ନିର୍ଦ୍ଦେଶରେ ଓଡ଼ିଶା ଶ୍ରମଜୀବି ମଞ୍ଚ ଓ ମହିଳା ଶ୍ରମଜୀବି ମଞ୍ଚ ଭୁବନେଶ୍ୱରର ନିୟନ୍ତ୍ରଣରେ ସମଗ୍ର ଓଡ଼ିଶାର ୧୭ଟି ଜିଲ୍ଲାରେ ୭୫୦୦ଟି ଚାଟଶାଳୀ ଖୋଲି ସ୍ୱେଚ୍ଛାସେବୀ ମାନଙ୍କୁ ନିଯୁକ୍ତି ଦେଇ ମୋଟ ୧ଲକ୍ଷ ପିଲାଙ୍କୁ ପାଠ ପଢ଼ାଇବାର ଯୋଜନା ରହିଥିବାର ଜଣାଯାଇଛି ।

## ନନ୍ଦୁର ଗ୍ରାମ୍ୟଜଙ୍ଗଲରେ ଭୟାଭୟ ଅଗ୍ନିକାଣ୍ଡ



ଖଇରା,୨୪।୦୨ (ନି.ପ୍ର):ଖଇରା ବ୍ଲକ ନନ୍ଦୁର ଗ୍ରାମ୍ୟଜଙ୍ଗଲରେ ଅଗ୍ନିକାଣ୍ଡ । ପ୍ରାୟ ୫୦ଏକରର ଉର୍ଦ୍ଧ୍ୱଜମିରୁ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଆକସ୍ମିତ ଅଗ୍ନିକାଣ୍ଡ ଘଟି ନିଆଁ ଲାଗିଯାଇଥିଲା । ବହୁ ଦିନଧରି ବର୍ଷାନହେବାରୁ ଜଙ୍ଗଲରେ ଶୁଖିଲା ପତ୍ର ଓ କାଠ ଯୋଗୁଁ ନିଆଁ ଶିଘ୍ର ଲାଗିଯାଇଥିଲା । ନିଆଁଲାଗିଜିବା କ୍ଷଣି ସ୍ଥାନୀୟ ବାସିନ୍ଦା ଖଇରା ଦମକଳକେନ୍ଦ୍ରକୁ ଯୋଗାଯୋଗ କରିବା ପରେ ନିଆଁକୁ ଆୟତ କରାଯାଇଥିଲା । ବିଦ୍ୟୁତ ବିଭାଗର ଖାମଖିଆଲି ନିତି ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଛି ବୋଲି ସ୍ଥାନୀୟ ସରପଞ୍ଚଙ୍କ ସୁରେନ୍ଦ୍ର ନାୟକଙ୍କ ସମେତ ୱାର୍ଡମେମ୍ବର ଲକ୍ଷ୍ମୀଧର ନାୟକ, ଗୌତମ ନାୟକ, ଦେବକି ପରିଡା, ପ୍ରଶାନ୍ତ ଦାସ, ଜ୍ଞାନରଞ୍ଜନ ଘଡେଇ, ଡମ୍ବୁରଧର ନାୟକ, ବାବାଜି ନାୟକ, ଗଣନାଥ ଓଝା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ଏହି ଅଞ୍ଚଳରେ ଥିବା ଚାଷ ଜମିକୁ ଚାଷ କରିବା ପାଇଁ ସେମାନେ ଯାଇ ପାରୁନାହାନ୍ତି, ଗୋରୁଗାଇ ଇଲେଭେନ କେଭି ତାର ହାତପାହାନ୍ତାରେ ଥିବା ଯୋଗୁଁ ଗୋରୁଗାଇ ନଷ୍ଟ ହୋଇଯିବାର ସମ୍ଭାବନା ଥିବାରୁ ଗ୍ରାମବାସୀମାନେ ଭୟଭିତ ଅବସ୍ଥାରେ କାଳତିପାତ କରୁଛନ୍ତି । ବାରମ୍ବାର ବିଦ୍ୟୁତ ବିଭାଗକୁ ଅବଗତ କରାଇଲା ପରେ କର୍ଣ୍ଣପାତ ନଦେଇଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି । ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷ ସଚେତନ ହୋଇ ଏଥିପ୍ରତି ଧ୍ୟାନ ନେଦେଲେ ତିବ୍ରରୂପ ଧାରଣ କରିବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି ।

# ବଡ଼ପାଳ ସମବାୟ ସମିତିରେ ଧାନକିଣା ବିଭ୍ରାଟ

## ଟୋକନ ମିଆଦ ଶେଷ ପୂର୍ବରୁ ଧାନକ୍ରୟ ପାଇଁ ଚାଷୀଙ୍କ ଦାବି



ବାଲେଶ୍ୱର,୨୪।୦୨ (ନି.ପ୍ର): ସମ୍ପ୍ରତି ବାଲେଶ୍ୱର ଜିଲାରେ ଧାନ ଧାନକିଣା ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇ ଚାଲିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଆସି ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କଠାରେ ଅଭିଯୋଗ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବଡପାଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାରେ ହୋଇଥିବା ଅନିୟମିତତାକୁ ନେଇ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ରେମୁଣା ଅଞ୍ଚଳର ଶତାଧିକ ଚାଷୀ । ବଡ଼ପାଳ ସମବାୟ ସମିତି ଅନ୍ତର୍ଗତ ବଡପାଳ, କଲ୍ୟାଣପୁର ଓ ମନ୍ଦାରପୁର ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଧାନକିଣାକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଚଳିତ ଆର୍ଥିକ ବର୍ଷ ପାଇଁ ତିନୋଟି ପଞ୍ଚାୟତର ୮୨୮ ଜଣ ଚାଷୀ ଧାନ ବିକ୍ରି ପାଇଁ ଅନଲାଇନରେ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୭୦୯ ଚାଷୀଙ୍କଠାରୁ ୨୭ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା କଥା । ମାତ୍ର ଟାର୍ଗେଟ ନଥିବା ଦର୍ଶାଇ ସମିତି ଏ ଯାବତ ୪୪୯ ଜଣ ଚାଷୀଙ୍କଠାରୁ ମାତ୍ର ୧୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବା ସେମାନେ କହିଛନ୍ତି । ବାଦ ପଡ଼ିଥିବା ୨୬୦ ଜଣ ଚାଷୀ ଟୋକନ ପାଇଥିଲେ ବି ଟାର୍ଗେଟ ନ ଆସିବା କାରଣରୁ ସେମାନଙ୍କଠାରୁ ୧୨ ହଜାର କ୍ୱିଣ୍ଟାଲ ଧାନକୁ ସମିତି କିଣୁ ସେମାନେ ଆରୋପ ହୋଇଛି । ଟୋକେନ ଅବଧି ଶେଷ ହେବାକୁ ବସିଥିବା ବେଳେ ଧାନ ବିକ୍ରି କରି ନପାରି ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏମିତକି ସୋସାଇଟିର ଋଣ ପରିଶୋଧ କେମିତି ହେବ ତାହାକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଟୋକେନ ଅବଧି ବୃଦ୍ଧି ସହ ଅଧିକ ୧୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସେମାନେ ଦାବି କରିଛନ୍ତି । ନଚୁବା ଆଗାମୀ ଦିନରେ ତିନୋଟି ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବସ୍ତା ରଖି ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହାକୁ ନେଇ ସେମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକଙ୍କୁ ପ୍ରଦାନ କରିଥିଲେ । ଧାନ ସଂଗ୍ରହରେ ଅଚଳାବସ୍ଥା କେବଳ ଗୋଟିଏ ବା ଦୁଇଟି ପଂଚାୟତର ସମସ୍ୟା ନୁହେଁ ବରଂ ସମଗ୍ର ଜିଲାରୁ ଏହି ଭଳି ଅଭିଯୋଗ ଆସୁଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ । ତେବେ ଏ ସମ୍ପର୍କରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା ପରେ ଚାଷୀମାନଙ୍କ ହିତରକ୍ଷା ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତଶ୍ରୁତି ଦେଇଥିଲେ ।

## କୃଷକ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର



ଜଳେଶ୍ୱର, ୨୪/୨ (ନି.ପ୍ର) : ଆଜି ଦେଶ ତମାମ କୃଷକ ସଂଘର୍ସ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବାରୁ ଜଳେଶ୍ୱରରେ ତାହା ପ୍ରତିଫଳିତ ହୋଇଛି । ଆନ୍ଦୋଳନକାରୀ ମାନେ ୪ଦଫା ସମ୍ବଳିକ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କୁ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଛନ୍ତି । ଦାବିଗୁଡିକ ମଧ୍ୟରେ ଚାଷୀମାନଙ୍କ ବିରୋଧରେ ଦିଆଯାଇଥିବା ମିଥ୍ୟାକେସ୍ ପ୍ରତ୍ୟାହାର, ଦିଲ୍ଲି ପୁଲିସ୍ ଓ ଏନ୍ଆଇଏ ଜରିଆରେ ଚାଷୀ ଆନ୍ଦୋଳନକୁ ସମର୍ଥନ କରୁଥିବା ଲୋକଙ୍କୁ ଧମକ୍ , ଦିଲ୍ଲିର ସମସ୍ତ ରାସ୍ତାକୁ ପୁଲିସ୍ କବଳରୁ ମୁକ୍ତ କରିବା ଇତ୍ୟାଦି ଦାବିପତ୍ରରେ ଉଲ୍ଲେଖ କରାଯାଇଥିବା ଜଣାଯାଇଛି । ଚାଷୀ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଥିବା ବେଳେ କେନ୍ଦ୍ର ସରକାର ଚଳାଇଥିବା ଦମନଲିଳା ବନ୍ଦ କରିବାକୁ ଆଜିର ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ଆନ୍ଦୋଳନରେ ସମନ୍ୱୟ ସମିତି ସଭାପତି ଦିଲ୍ଲିପ ଗିରି, ସମିତିର ରାଜ୍ୟନେତା ଶିଶିର ହୁଇ, ରାଜପୁର ସରପଂଚ ଦିଲ୍ଲିପ ପରିଡା, କୃଷକ ସଭାର ସଂପାଦକ ରବିନ୍ଦ୍ର ବାରିକ, ଜତିନ୍ ଜେନା, ଶ୍ୟାମସୁନ୍ଦର ପ୍ରଧାନ, ଚିନାସେଠୀ, ରବିନ୍ଦ୍ର ପରିଡା, ବନବିହାରୀ ପଟ୍ଟନାୟକ ଓ ରଘୁନାଥ ଟୁଡୁ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।

## ବ୍ରାଉନ ସୁଗାର ସହ ବ୍ୟବସାୟୀ ଗିରଫ



ପାରାଦୀପ ୨୪।୦୨ (ନି.ପ୍ର): ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ପୋଲ ନିକଟରୁ ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ବିଭାଗ । ଗିରଫ ବ୍ୟବସାୟୀ ଜଣଙ୍କ ହେଲେ ଭୁତମୁଣ୍ଡାଇ ଗ୍ରାମର ପ୍ରମୋଦ ମଲ୍ଲିକ । ତା ନିକଟରୁ ୧୦ଗ୍ରାମ ବ୍ରାଉନ ସୁଗାର ସହିତ ୫ହଜାର ଟଙ୍କା ମଧ ଜବତ କରାଯାଇଛି । ଜବତ୍ ବ୍ରାଉନ ସୁଗାରର ମୂଲ୍ୟ ୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି । ଆସାମୀ ପ୍ରମୋଦକୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରୀ ରଖିଛି ଅବକାରୀ ବିଭାଗ ।

## ନୂତନ ଶୌଚାଳୟ ଉଦ୍‌ଘାଟନ କଲେ ସଦର ବିଧାୟକ



ବସ୍ତା।୨୪।୨ (ନିପ୍ର): ଆଜି ବାଲେଶ୍ୱର ରେ ସ୍ଥାନୀୟ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ତିଆରି ହୋଇଥିବା ନୂତନ ଶୌଚାଳୟକୁ ଉଦ୍‌ଘାଟନ କରିବା ସହିତ କୁନି କୁନି ପିଲାଙ୍କୁ ପୋଷାକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀମଣି ସାହୁ ସଭାପତିତ୍ୱ କରିବା ବେଳେ ଶିକ୍ଷକ ବଟକୃଷ୍ଣ ମିଶ୍ର, ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ବିପ୍ଲବ କୁମାର ମହାନ୍ତି, କବି ପ୍ରଶାନ୍ତ ଦାସ, ମୋ ସ୍କୁଲ ଅଭିଯାନର ଜିଲ୍ଲା ସଂଯୋଜକ ସନ୍ଦୀପ କୁମାର ଖଟୁଆ, ପୁରାତନ ଛାତ୍ର ଶ୍ରୀମାନ ଶ୍ରୀଚରଣ, ମଧୁସୂଦନ ଦାସ ଏବଂ ଅକ୍ଷୟ କିଶୋର ଦାସ ପ୍ରମୁଖ ଯୋଗଦେଇ ମୋ ସ୍କୁଲ କାର୍ଯ୍ୟକ୍ରମକୁ କିପରି ଭାବେ ବ୍ୟାପକ କରିବେ ସେ ବିଷୟରେ ଆଲୋଚନା କରିଥିଲେ ।

## ଅବକାରୀ ବିଭାଗ ଓ ପୁଲିସର ଚଢାଉ : ବିପୁଳ ପରିମାଣରେ ଦେଶି ଓ ବିଦେଶୀ ମଦ ଜବତ୍



ଜଳେଶ୍ୱର ୨୪/୨ (ନି.ପ୍ର) : ପଶ୍ଚିମବଂଗରୁ ଜଳେଶ୍ୱର ଅଂଚଳକୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ବାଲେଶ୍ୱର ସ୍ଥିତ ଅବକାରୀ ଏସ୍ପି ସେକ୍ ଆସତ୍ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଆଇ.ଆଇ.ସି ଗୋଲୁରାମ ସରେନ୍ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆଜି ଜଳେଶ୍ୱର ଓ ରାଇବଣିଆର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଜଳେଶ୍ୱର ପୁଲିସ୍ ସହାୟତାରେ ଅବକାରୀ ବିଭାଗ ବଜାରଶୋଳ ଗାଁର ଫଗୁ ହାଁସଦା, ଶ୍ରୀକଣ୍ଠପୁର ଗାଁର ସବିତା ମୁର୍ମୁ, ଚମାରଗାଁର ଦୀପକ ପାତ୍ର ଓ ନାମ୍ପୋର ପ୍ରଦୀପ ମହାପାତ୍ର ଘରେ ଚଢାଉ କରି ମୋଟ ୭୭ଲିଟରେ ଦେଶି ୪.୫୦୦ଲି. ଚୋରା ବିଦେଶୀ ମଦ ଜବତ୍ କରିବାରେ ସମର୍ଥ ହୋଇଛନ୍ତି । ଏହି ଘଟଣାରେ ଜଳେଶ୍ୱର ଅବକାରୀ ଓଆଇସି ଦେବେନ୍ଦ୍ର କୁମାର ବେହେରା ଚଢାଉରେ ସାମିଲ ହୋଇଥିବା ବେଳେ ଭୋଗରାଇ ଓଆଇସି ଜୟନ୍ତୀ ଆଚାର୍ଯ୍ୟ, ମାନଗୋବିନ୍ଦ ମହାପାତ୍ର, ରାମଚନ୍ଦ୍ର ମହାନ୍ତି, ପିଙ୍କି ମାରାଣ୍ଡି, ରାଜିବ କୁମାର ଭଂଜ, ହୃଷିକେଶ ବାରିକ, ସେକ୍ କାଲିମ, ମଂଗଲ ସିଂ, ବିଦ୍ୟାଧର ବିନ୍ଧାଣୀ, ରଶ୍ମିରେଖା ପାତ୍ର, ବାବାଜୀ ପଣ୍ଡିତ, ଶଶିଭୂଷଣ ସ୍ୱାଇଁ ପ୍ରମୁଖ ଜଳେଶ୍ୱର ଥାନାର ଏନ୍‌ଫୋର୍ସ ଟିମ୍‌କୁ ନେଇ ଏହି ଚଢାଉ କରିଥିଲେ ।

## ମେ ୧୮ରୁ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର,୨୪।୦୨ (ନି.ପ୍ର): ଆସନ୍ତା ମେ ୧୮ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ମେ ୧୮ରୁ ଆରମ୍ଭ ହୋଇ ଜୁନ୍ ୧୨ ତାରିଖରେ ଶେଷ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଏହି ପରୀକ୍ଷା ହେବ। ଏହି ସେହିପରି ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ମେ ୨୮ ତାରିଖରେ ହେବ ବୋଲି ସୂଚନା ରହିଛି। ଏଥର ସାଇନ୍ସ ପରୀକ୍ଷା ଫିଜିକ୍ସରୁ ଆରମ୍ଭ ହେବ। ସେହିପରି କଳା ଓ ବାଣିଜ୍ୟ ଛାତ୍ରୀ ପ୍ରଥମ ଦିନ ଇଂରାଜୀ ପରୀକ୍ଷାଦେବେ।

## ଡାଲଙ୍ଗ ଯୁବ ମହୋତ୍ସବ



ଖଇରା,୨୪।୦୨ (ନି.ପ୍ର): ଖଇରା ବ୍ଲକ ଡାଲଙ୍ଗ ଚଡିମାତା ସେଚ୍ଛାସେବୀ ସଂଗଠନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ମହୋତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ନାଲକୋରେ କାର୍ଯ୍ୟରତ ଅଧିକାରୀ ପ୍ରଦିପ୍ତ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ଓ ସଫଳ ବ୍ୟବସାୟ ଗୋବିନ୍ଦ ଗୋପାଳ ଶତପଥି ଏବଂ ସଂଗଠନର ସ୍ଥାୟୀ ସଭାପତି ମୁକ୍ତିକାନ୍ତ ପଣ୍ଡା ଓ ସମ୍ପାଦକ ହରେକୃଷ୍ଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନିଲ କୁମାର ବେହେରା, ନିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି ମହୋତ୍ସବରେ ସଫଳ ଚାଷୀ,ଉତ୍ତମ ଶିକ୍ଷକ, ଉତ୍ତମ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଇଓସିଏଲ୍ ପାରାଦୀପ ରିଫାଇନାରୀକୁ ପିଆର୍‌ଏସ୍‌ଆଇ ଜାତୀୟ ପୁରସ୍କାର

ପାରାଦୀପ,୨୪।୦୨ (ନି.ପ୍ର): ଇଣ୍ଡିଆନ୍ ଅଏଲ କର୍ପୋରେସନ ଲିମିଟେଡ୍(ଆଇଓସିଏଲ୍)ର ପାରାଦୀପ ରିଫାଇନାରୀକୁ କୋଭିଡ୍-୧୯ ପରିସ୍ଥିତିରେ ଶିକ୍ଷ ଦାୟିତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପବ୍ଲିକ ରିଲେସନ୍ସ ସୋସାଇଟି ଅଫ ଇଣ୍ଡିଆ(ପିଆର୍‌ଏସ୍‌ଆଇ) ଜାତୀୟ ସମ୍ମାନ-୨୦୨୦ ପ୍ରଦାନ କରାଯାଇଛି । ଗତ ଫେବୃଆରୀ ୨୧ତାରିଖରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖ୍ରିଆଲ ନିଶାଙ୍କ, ଉତ୍ତରାଖଣ୍ଡ ରାଜ୍ୟପାଳ ବେବି ରାଣୀ ମୌର୍ଯ୍ୟ, ଆ'ର୍ଜ୍ୟାତୀୟ ପିଆର୍‌ଏସ୍‌ଆଇ ସଂଘ ସଭାପତି ପି.ବୋର ମାନସ୍ ଓ ଜାତୀୟ ସଭାପତି ଡଃ ଅଜିତ୍ ପାଠକଙ୍କ ଉପସ୍ଥିତି ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍ ଗୋପାଳ କୃଷ୍ଣ ଏହି ପୁରସ୍କାର ଗ୍ରହଣ କରିଥିଲେ । ସୂଚନା ଥାଉକି, ପିଆର୍‌ଏସ୍‌ଆଇ ଜାତୀୟ ପୁରସ୍କାର ହେଉଛି ଜନ ସମ୍ପର୍କ ଏବଂ ଯୋଗାଯୋଗ ପରିଚାଳନା କ୍ଷେତ୍ରରେ ମନ୍ୟତା ପ୍ରାପ୍ତ ସଫଳତାର ଏକ ସ୍ୱୀକୃତି ।

GOVT. OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, BAISINGA CANAL DIVISION
AT/PO-LAXMIPOSI, DIST-MAYURBHANJ
E-Mail ID:eejcdlax@rediffmail.com

TENDER CALL NOTICE NO: 19/2020-21

(i) Name of the Works: 1) Engagement of Daily Labour for External Sanitory arrangement of SIP Colony at Laxmiposi for the period from Dt.01.02.2021 to Dt.31.07.2021, 2) Engagement of Daily Labour for S.I.P. Guest House at Laxmiposi for the period from Dt.01.02.2021 to Dt.31.07.2021 3) Engagement of Daily Labour for Administrative Buildings of S.I.P. at Laxmiposi for the period from Dt.01.02.2021 to Dt.31.07.2021.

(ii) Estimated Cost: 1) Rs.1.22 Lakh, 2) 2.63 Lakh and 3) 2.59 Lakh.

(iii) Period of Completion: 6(Six) Months each.

(iv) Date & Time of availability of bid document in the Office of O.I.T.: 26.02.2021 at 10 A.M. to 5PM of 08.03.2021.

(v) The receipt of bids in the Office of O.I.T.: 26.02.2021 at 11.00AM to 3.30PM of 09.03.2021

(vi) Date of opening of bid: 09.03.2021 at 4 P.M.

(vii) Name and address of the O.I.T.: Executive Engineer, Baisinga Canal Division, Laxmiposi

Executive Engineer,
Baisinga Canal Division
Laxmiposi

OIPR : 32281/11/0018/2021

# ମାସାଆର୍ମୀ ପକ୍ଷରୁ କୁଳପତିଙ୍କୁ ଦାବିପତ୍ର

## ସାନ୍ତାଳୀ ଭାଷାରେ ଅନର୍ସ ଏବଂ ମୁଣ୍ଡାରୀ ଓ ହୋ ଭାଷାରେ ପି.ଜି ପାଠ୍ୟକ୍ରମ ଖୋଲିବା ଦାବି



ବାରିପଦା,୨୪।୦୨ (ନି.ପ୍ର): ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଆଜି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସାକ୍ଷାତ କରି ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି କ୍ଷ ଆଦିବାସୀ ମାନଙ୍କର ଭାଷାର ବିକାଶ ହେଲେ ଆଦିବାସୀ ମାନଙ୍କର ବିକାଶ ସମ୍ଭବ ହୋଇ ପାରିବ। ଏଣୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଗୁଡିକରେ ସାନ୍ତାଳୀ ଭାଷାରେ ଅନର୍ସ ଏବଂ ଇଲେକଟିଭ ବିଷୟ ଖୋଲାଯିବା ସହିତ ବିଶ୍ୱ ବିଦ୍ୟାଳୟରେ ମୁଣ୍ଡାରୀ ଏବଂ ହୋ ଭାଷାରେ ମଧ ପି.ଜି ପାଠ୍ୟକ୍ରମ ଖୋଲିବା ନିମନ୍ତେ ସଂଗଠନ ପକ୍ଷରୁ ଦାବୀ କରାଯାଇଛି । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳର କୁଳପତି ମଧ ଆଦିବାସୀ ମାନଙ୍କର ଭାଷା ବିକାଶ ନିମନ୍ତେ ତାଙ୍କ ଅଧୀନରେ ଥିବା ମହାବିଦ୍ୟାଳୟ ଗୁଡିକରେ ସାନ୍ତାଳୀ ଭାଷାରେ ଅନର୍ସ ଏବଂ ଇଲେକଟିଭ ବିଷୟ ଖୋଲିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଆଜିର ପ୍ରତିନିଧି ଦଳରେ ଜିଲ୍ଲା ସମ୍ପାଦକ ପଦ୍ମଲୋଚନ ମୁର୍ମୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜେଶ ମୁର୍ମୁ ପ୍ରମୁଖ ସାମିଲ ହୋଇ ଦାବୀପତ୍ର ପ୍ରଦାନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo